୬ ଅବସର ଗ୍ରହଣ ପରେ ଆଣ୍ଡ୍ରେ ରସେଲଙ୍କୁ ଦିଆଗଲା ଗାର୍ଡ ଅଫ୍ ଅନର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୭୬ ● ୨୪ ଜୁଲାଇ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-176 ●24th July 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ତାରିଣୀ ପୀଠ, ବିରଜା ମନ୍ଦିର ଓ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ରାସ୍ତାର ଉନ୍ନତିକରଣ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩।୭

ନ୍ୟୁଜ୍‌ବ୍ୟୁରୋ

ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଘଟଗାଁ ମା’ ତାରିଣୀ ପୀଠ, ଯାଜପୁର ମା’ ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ସମୀକ୍ଷା ବୈଠକରୁ ଜଣାଯାଇଛି ଯେ, ଘଟଗାଁ ମା’ ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି। ଅଢେଇ ବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଘଟଗାଁ ମା’ ତାରିଣୀଙ୍କ ପୀଠରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଯାତ୍ରୀ ନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡ଼ିଆ ଗୋଦାମ, ୫୦୦ ସିଟ୍ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ୍ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ କମ୍ପ୍ଲେକ୍ସ, ଡ୍ରେନେଜ୍ ସିଷ୍ଟମ, ପୁଷ୍କରିଣୀ ଏବଂ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଇତ୍ୟାଦି ରହିଛି।



ମନ୍ଦିର କମିଟି ସହିତ ଆଲୋଚନା କରି ଏସବୁ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହିତ ଘଟଗାଁ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଦୋକାନଗୁଡ଼ିକୁ ମାର୍କେଟ କମ୍ପ୍ଲେକ୍ସରେ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସେହିଭଳି ପ୍ରସିଦ୍ଧ ଶକ୍ତି ପୀଠ ଯାଜପୁରର ମା’ ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୪ଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି। ଏଥିରେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ମନ୍ଦିର ଚତୁଃପାର୍ଶ୍ୱ ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀ ପୁନରୁଦ୍ଧାର ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା ପାଇଁ କାର୍ଯ୍ୟ ଅନ୍ତର୍ଭୁକ୍ତ।

ଆହୁରି ମଧ୍ୟ ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପ୍ରଭୁ ଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମନ୍ଦିର ଚତୁଃପାର୍ଶ୍ୱର ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏକାମ୍ର କ୍ଷେତ୍ର ହେଉଛି ଭାରତ ବର୍ଷର ଏକ ପ୍ରାଚୀନ ଶୈବ ପୀଠ। ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଅନେକ ଛୋଟ ବଡ଼ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଆଲୋଚନା କରି ଏ ସବୁ ମନ୍ଦିରଗୁଡ଼ିକର ଉନ୍ନତିକରଣ କରାଗଲେ ଏକାମ୍ର କ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ବଜାୟ ରହିବ ବୋଲି ସେ କହିଥିଲେ।

ଏହି ବୈଠକରେ (ପୃଷ୍ଠା ୭ରେ)

# ନୂଆ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ, ୨୩।୭

ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଉପରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଥିବା ବୁଧବାର ସୂଚନା ଦେଇଛନ୍ତି। ଉପରାଷ୍ଟ୍ରପତି ଭାବେ ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ପରବର୍ତ୍ତୀ ଉପରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ଏହି ସୂଚନାରୁ ସ୍ପଷ୍ଟ ହୋଇଛି। ଏହି କାର୍ଯ୍ୟ ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁସାରେ ଆରମ୍ଭ ହୋଇଛି।

କାର୍ଯ୍ୟକ୍ରମ ଅନୁସାରେ ନିର୍ବାଚନ କମିଶନ ଉପରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଉଭୟ ସଦନର ସାଂସଦଙ୍କ ନିର୍ବାଚନମଣ୍ଡଳୀ ଗଠନ ଓ ନିର୍ବାଚନ ଅଧିକାରୀଙ୍କ ଚୟନ ଆରମ୍ଭ କରିଛନ୍ତି। ଏହି ନିର୍ବାଚନ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଅଧିନିୟମ ୧୯୫୨ ଓ ରାଷ୍ଟ୍ରପତି ଉପରାଷ୍ଟ୍ରପତି ନିର୍ବାଚନ ନିୟମ ୧୯୭୪ର ପ୍ରାବଧାନ ଅନୁସାରେ ସମ୍ପନ୍ନ ହେବ। ଏଣୁ ଲୋକସଭା ଓ ରାଜ୍ୟସଭାର



ନିର୍ବାଚିତ ଓ ମନୋନୀତ ସଦସ୍ୟଙ୍କ ନିର୍ବାଚନ-ମଣ୍ଡଳୀ ସୂଚୀ ଏବେ ପ୍ରସ୍ତୁତ ହେଉଛି।

ଏହି କ୍ରମରେ ମୁଖ୍ୟନିର୍ବାଚନ ଅଧିକାରୀ ଓ ସହାୟକ ଅଧିକାରୀଙ୍କ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଏଥିପାଇଁ ପିଛିଲା ଭାବେ ଉପ ରାଷ୍ଟ୍ରପତି ନିର୍ବାଚନ ସୂଚନା ଓ ପୃଷ୍ଠଭୂମି ସାମଗ୍ରୀ ପ୍ରସ୍ତୁତି କରାଯାଉଛି। ନିର୍ବାଚନ ଆୟୋଗ କହିଛନ୍ତି ଯେ ସେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ନିର୍ବାଚନ ଅଧିକାରୀଙ୍କ ସୂଚୀକୁ ଚୂଡ଼ାନ୍ତ ରୂପ ଦେଉଛନ୍ତି। ଆୟୋଗ କହିଛନ୍ତି ଯେ ପ୍ରସ୍ତୁତି ଶେଷ ହେବା ପରେ ଖୁବ୍‌ଶୀଘ୍ର ଉପରାଷ୍ଟ୍ରପତି ନିର୍ବାଚନ କାର୍ଯ୍ୟକ୍ରମ ଘୋଷଣା କରାଯିବ। ଉଲ୍ଲେଖଯୋଗ୍ୟ ଯେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ୨୧ ଜୁଲାଇ ସୋମବାର ଏକ ଆଶ୍ଚର୍ଯ୍ୟଜନକ ପଦକ୍ଷେପରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ତେବେ ତାଙ୍କ କାର୍ଯ୍ୟକାଳ ୧୦ ଅଗଷ୍ଟ ୨୦୨୭ରେ ସମାପ୍ତ ହେବାର ଥିଲା।

ଭାରତର ଉପରାଷ୍ଟ୍ରପତି ପଦବୀ ନିମନ୍ତେ ଯୋଗ୍ୟତା ଅନୁସାରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପ୍ରାର୍ଥୀ ପ୍ରଥମେ ଭାରତର ନାଗରିକ ହୋଇଥିବେ। ତାଙ୍କର ସର୍ବନିମ୍ନ ବୟସ ୩୫ ବର୍ଷରୁ କମ୍ ହୋଇ ନଥିବା ଆବଶ୍ୟକ ଓ ରାଜ୍ୟସଭା ସାଂସଦ ନିର୍ବାଚନ ନିମନ୍ତେ ତାଙ୍କର ସମସ୍ତ ଯୋଗ୍ୟତା ଥିବା ଆବଶ୍ୟକ। ସେହିପରି ଉପରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପ୍ରାର୍ଥୀ ଭାରତ ସରକାର, କୌଣସି ରାଜ୍ୟ ସରକାର, ସ୍ୱାୟତ୍ତ ସଂସ୍ଥା ଅଥବା ପ୍ରାଧିକରଣ ଅଧିନରେ ଲାଭପ୍ରଦ ପଦପଦବୀରେ ନଥିବେ।

# ସବୁ ସ୍କୁଲ୍‌ରେ ଲାଗିବ ସିସିଟିଭି



ଭୁବନେଶ୍ୱର, ୨୩।୭:ନ୍ୟୁଜ୍‌ବ୍ୟୁରୋ

ଛାତ୍ରୀଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ସିବିଏସଇ ସ୍କୁଲ ଭଳି ଓଡ଼ିଶାର ସବୁ ସ୍କୁଲରେ ସିସିଟିଭି ଲଗାଇବା ପାଇଁ ଯୋଜନା କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ରାଜ୍ୟର ସବୁ ସ୍କୁଲରେ ଆଇସିସି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ, ସିବିଏସଇ ଏହାର ସମସ୍ତ ସ୍କୁଲ ପରିସରରେ ଉଚ୍ଚ ରିଜୋଲ୍ୟୁସନ ସିସିଟିଭି କ୍ୟାମେରା ଲଗାଇବାକୁ କହିଛି। ସିବିଏସଇ ‘ସ୍କୁଲ ସୁରକ୍ଷା’ ଅଧୀନରେ ଆଫିଲିଏସନ ବାଏ ଲ-୨୦୧୮ ସଂଶୋଧନ କରିଛି ଏବଂ ବୋର୍ଡର ସମସ୍ତ ଆଫିଲିଏଡ ସ୍କୁଲ ପାଇଁ ସିସିଟିଭି କ୍ୟାମେରା (ପୃଷ୍ଠା ୭ରେ)

## ମହାନଦୀ ଜଳବିବାଦ

# ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ



ଭୁବନେଶ୍ୱର, ୨୩।୭

ନ୍ୟୁଜ୍‌ବ୍ୟୁରୋ

ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛତିଶଗଡ଼ ସହିତ ଚାଲିଥିବା ମହାନଦୀ ଜଳବିବାଦର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ। ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରି (ପୃଷ୍ଠା ୭ରେ)

## ଭିଜିଲାନ୍ସ ଜାଲରେ ବିଏମ୍‌ସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ



ଭୁବନେଶ୍ୱର, ୨୩।୭

ନ୍ୟୁଜ୍‌ବ୍ୟୁରୋ

ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି ବିଏମ୍‌ସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ଜଗନ୍ନାଥ ପଟ୍ଟନାୟକଙ୍କର ୪ଟି ସ୍ଥାନରେ ଥିବା ଘର ଓ ଅନ୍ୟାନ୍ୟ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। (ପୃଷ୍ଠା ୭ରେ)

# ଲିଙ୍ଗଗତ ଉତ୍ପୀଡ଼ନ ବିରୋଧରେ ସ୍ୱର ଉଠେଇବା ପାଇଁ ଆହ୍ୱାନ

ଭୁବନେଶ୍ୱର, ୨୩।୭:ନ୍ୟୁଜ୍‌ବ୍ୟୁରୋ

ସୁରକ୍ଷିତ ଓ ମର୍ଯ୍ୟାଦାପୂର୍ଣ୍ଣ କର୍ମକ୍ଷେତ୍ର ପାଇଁ ଆମ ସରକାର ପ୍ରତିବଦ୍ଧ ଅଛନ୍ତି ବୋଲି ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ (ପୋଶ) ସମ୍ପର୍କରେ ଲୋକସେବା ଭବନ କର୍ମଚାରୀମାନଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମଚାରୀମାନଙ୍କୁ ଲିଙ୍ଗଗତ ଉତ୍ପୀଡ଼ନ ବିରୋଧରେ ସ୍ୱର ଉଠେଇବା ପାଇଁ ଆହ୍ୱାନ ଦେଇଥିଲେ। ଉଭୟ ପୁରୁଷ ଓ ମହିଳା ଲିଙ୍ଗଗତ ଉତ୍ପୀଡ଼ନର ଶିକାର ହୋଇପାରନ୍ତି। ସେଥିପାଇଁ ଏହି ଆଇନ ବିଷୟରେ ଜାଣିବା ଓ ସଚେତନ ହେବା ସମସ୍ତଙ୍କ ପାଇଁ ନିହାତି ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ସମାଜରେ ମହିଳା ଓ ପୁରୁଷ ସମାଜର ଦୁଇଟି ଚକ ସଦୃଶ, ଏହି ଦୁଇ ଚକ ମଧ୍ୟରେ ସମନ୍ୱୟ ରକ୍ଷା କରି ଆମେ ଏକ ସୁରକ୍ଷିତ କର୍ମକ୍ଷେତ୍ର ଓ ସମାଜ ଗଢିପାରିବା। ସମସ୍ତ ଅନୁଷ୍ଠାନ ଓ ମହାବିଦ୍ୟାଳୟରେ ଇଣ୍ଟରନାଲ କମିଟି ଗଢା ଯିବା ପାଇଁ



କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ଯାଞ୍ଚ ପରେ ଦୋଷୀଙ୍କୁ ଉଚିତ ଦଣ୍ଡବିଧାନ ପ୍ରଦାନ କରିବା ସହ ଭୁଲ ଅଭିଯୋଗ କରୁଥିବା ଦୋଷୀଙ୍କୁ ମଧ୍ୟ ଦଣ୍ଡ ଦିଆଯିବ ବୋଲି ସେ ଦୃଢ ମତ ରଖିଛନ୍ତି ।

କାର୍ଯ୍ୟକ୍ରମରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢୀ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ (ପୃଷ୍ଠା ୭ରେ)

## ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତିଙ୍କ ନିଯୁକ୍ତି ରଦ୍ଦ

କଟକ, ୨୩।୭

ନ୍ୟୁଜ୍‌ବ୍ୟୁରୋ

ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତିଙ୍କ ନିଯୁକ୍ତିକୁ ରାଜ୍ୟପାଳ ରଦ୍ଦ କରିଛନ୍ତି। ବୁଧବାର ଏ ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ଆଡ଼ଭୋକେଟ ଜେନେରାଲ। ତେଣୁ ଏ ସଂକ୍ରାନ୍ତୀୟ ମାମଲାର ଏକ ପ୍ରକାର ଅନ୍ତ ହୋଇଛି ବୋଲି କୁହାଯାଇପାରେ। ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ନିଯୁକ୍ତିକୁ ବେଆଇନ ଦର୍ଶାଇ ମାମଲା ଦାୟର କରିଥିଲେ ଆଇନଜୀବୀ ପ୍ରବୀର ଦାସ। ନିଜ ଆବେଦନରେ ସେ ଦର୍ଶାଇ ଥିଲେ ଯେ, କୁଳପତି ନିଯୁକ୍ତି ଲାଗି ଯେଉଁ ନିୟମ ରହିଛି, ତା’ର (ପୃଷ୍ଠା ୭ରେ)

# ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ ପାଇଁ ୨ ବାଟାଲିୟନ ଗଠନକୁ ମଞ୍ଜୁରୀ



ଭୁବନେଶ୍ୱର, ୨୩।୭

ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ ‘ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ’ର ଆଉ ଦୁଇଟି ବାଟାଲିୟନ ଗଠନ କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ତି। ଏହି ଦୁଇଟି ନୂତନ ବାଟାଲିୟନ ପାଇଁ ସମୁଦାୟ ୨୦୮୦ଟି ପଦବୀ ମଧ୍ୟ ସୃଷ୍ଟି କରାଯାଇଛି। ଏଥିରୁ ୧୯୪୪ଟି ନିୟମିତ ପଦବୀ ଥିବା ବେଳେ ୧୩୬ଟି ପଦବୀ ଆଉଟସୋର୍ସିଂ ଭିତ୍ତିରେ ସୃଷ୍ଟି କରାଯାଇଛି।

ସୂଚନାଯୋଗ୍ୟ ଯେ, (ପୃଷ୍ଠା ୭ରେ)

# ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରାଘାତରେ ୬ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୩।୭:ନ୍ୟୁଜ୍‌ବ୍ୟୁରୋ

ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରାଘାତ ଯୋଗୁଁ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଢେଙ୍କାନାଳ, ପୁରୀ, କେନ୍ଦୁଝର ଏବଂ କଟକ ଜିଲ୍ଲାରେ ଏହି ଅଘଟଣଗୁଡ଼ିକ ଘଟିଛି।

ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ମହୁଲପଡ଼ା ନିକଟସ୍ଥ ବଳଦିଆ ବନ୍ଧ ପଲେଇସାହି ପଥର ଖଣିରେ କାମ କରୁଥିବା ୪ ଜଣ ଶ୍ରମିକ ବର୍ଷା ସମୟରେ ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରାଘାତ ହେବାରୁ ୨ ଜଣ ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପୁରୀ ଜିଲ୍ଲାର ଡେଲାଙ୍ଗ ଥାନା ଅନ୍ତର୍ଗତ କଅଁଳପଡ଼ା ଗାଁରେ ଜଣେ ଯୁବକ ବିଲରେ କାମ କରୁଥିବା ବେଳେ ବଜ୍ରାଘାତରେ ମୃତ୍ୟୁବରଣ କରିଛନ୍ତି। ବର୍ଷା ସମୟରେ ସେ କ୍ଷେତରେ ତଳି ରୋଉଥିବା ବେଳେ ଏହି ଅଘଟଣ ଘଟିଥିବା ସୂଚନା ମିଳିଛି।

କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ହଳଦିଆପଦା



ଗାଁରେ ବଜ୍ରାଘାତ ଯୋଗୁଁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଙ୍କୁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କଟକ ଜିଲ୍ଲାର ଚୌଦ୍ୱାର ଥାନା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତର କାଞ୍ଜିଆ ଗାଁରେ ଜଣେ ମହିଳା ବଜ୍ରାଘାତରେ ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ, ସେ ବିଲରେ କାମ କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।

## ରୂପା ରୋଶନ ସାହୁ ହେଲେ ରାଜ୍ୟପାଳଙ୍କ ସଚିବ

ଭୁବନେଶ୍ୱର, ୨୩।୭

ନ୍ୟୁଜ୍‌ବ୍ୟୁରୋ

ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ରୂପା ରୋଶନ ସାହୁ ଓଡ଼ିଶା ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଭାବେ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହା (ପୃଷ୍ଠା ୭ରେ)



## ଏକାଳ ପଖାଳ



ଆସନ୍ନୁ କେମିତି ହଟେଇବେ ବୋଲି
ବିରୋଧୀ ବାନ୍ଧନ୍ତି ଦାନା
ମନେନାହିଁ ତାଙ୍କ ଶାସନ କାଳରେ
ଉଡ଼ିଥିଲା କେଉଁ ବାନା
ପଚାରିଲେ ହେବେ ଖନା
ପରକୁ ଦେଖି ନିଜକୁ ଭୁଲୁଛ
ହୁଅ ଖାଲି ଆନମନା!!

# ୫ ବର୍ଷ ପରେ ଚୀନ୍ ନାଗରିକଙ୍କୁ ମିଳିବ ପର୍ଯ୍ୟଟକ ଭିସା



ନୂଆଦିଲ୍ଲୀ, ୨୩।୭

ଦୀର୍ଘ ପାଞ୍ଚ ବର୍ଷ ପରେ ଭାରତ ସରକାର ଚୀନ୍ ନାଗରିକଙ୍କୁ ପର୍ଯ୍ୟଟକ ଭିସା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏହି ପ୍ରକ୍ରିୟା ୨୪ ଜୁଲାଇ, ୨୦୨୫ରୁ ପୁଣି ଆରମ୍ଭ ହେବ। ବେଜିଂରେ ଥିବା ଭାରତୀୟ ଦୂତାବାସ ବୁଧବାର ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୦ ମାର୍ଚ୍ଚରେ କୋଭିଡ୍-୧୯ ମହାମାରୀ ସମୟରେ ସଂକ୍ରମଣକୁ ରୋକିବା ପାଇଁ ଭାରତ ସମସ୍ତ ପର୍ଯ୍ୟଟକ ଭିସାକୁ ଅସ୍ଥାୟୀ ଭାବରେ ସ୍ଥଗିତ କରିଥିଲା। ସେବେଠାରୁ ଚୀନ୍ ନାଗରିକଙ୍କ ପାଇଁ ଭିସା ସେବା ବନ୍ଦ ଥିଲା। ଦୂତାବାସ ସ୍ପଷ୍ଟ କରିଛି ଯେ, ବେଜିଂରେ ଥିବା ଭାରତୀୟ ଭିସା କେନ୍ଦ୍ରରେ ପାସପୋର୍ଟ ଫେରସ୍ତ ପାଇଁ ଆବେଦନ କରିବା ସମୟରେ ଏକ ସଠିକ୍ ଦସ୍ତଖତ ଥିବା ‘ପାସପୋର୍ଟ ପ୍ରତ୍ୟାହାର ପତ୍ର’ ବାଧ୍ୟତା-ମୂଳକ ହେବ। ଜୁନ୍ ୨୦୨୦ରେ କୋଭିଡ-୧୯ ମହାମାରୀ ଏବଂ ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ୍ ମଧ୍ୟରେ ହୋଇଥିବା ହିଂସାତ୍ମକ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ଯାତ୍ରା ଏବଂ ପାରସ୍ପରିକ ଯୋଗାଯୋଗ ପ୍ରାୟ ସ୍ଥଗିତ ହୋଇଯାଇଥିଲା। ପରେ ଚୀନ୍, ଭାରତୀୟ ଛାତ୍ର ଏବଂ ବ୍ୟବସାୟୀଙ୍କୁ ଭିସା ଦେବା ଆରମ୍ଭ କରିଥିଲା, କିନ୍ତୁ ସାଧାରଣ ଯାତ୍ରା ଉପରେ କଟକଣା ଜାରି ରହିଥିଲା। (ପୃଷ୍ଠା ୭ରେ)

# ୨୮ ଯାଏଁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୩।୭

ନ୍ୟୁଜ୍‌ବ୍ୟୁରୋ

୨୩ ତାରିଖରେ ଉତ୍ତର ବଙ୍ଗୋପ-ସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ୨୪ ତାରିଖ ବା ଗୁରୁବାର ଏହା ଲଘୁଚାପରେ ପରିଣତ ହେବ। ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୮ ତାରିଖ ଯାଏ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ବୁଧବାରଠାରୁ ବର୍ଷା ଆରମ୍ଭ ହୋଇ ଯାଇଛି। କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ନୂଆପଡ଼ାରେ ପ୍ରବଳ ବର୍ଷା ହୋଇପାରେ। ଗୁରୁବାର ମୟୂରଭଞ୍ଜ ଓ ବାଲେଶ୍ୱରରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଭଦ୍ରକ, ଯାଜପୁର,



କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼ ଓ ଅନୁଗୁଳରେ ପ୍ରବଳ ବର୍ଷା ହୋଇପାରେ। ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ବରଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ୨୫ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଜୁଲାଇ, ଗୁରୁବାର ୨୦୨୫





## ସରପଞ୍ଚଙ୍କ ଗାଁ ରାସ୍ତାରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି, ବଢ଼ୁଛି ଅସନ୍ତୋଷ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ଶେରପୁର ଗାଁରେ ବର୍ଷା ଅସରାଏ ହେବା ପରେ ଗାଁ ମଝିରେ ଜମି ରହୁଛି ବର୍ଷାପାଣି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ଗାଁରେ ବହୁ ପୁରାତନ ଦୁର୍ଗା ମନ୍ଦିର ରହିଛି। ପ୍ରତ୍ୟେକ ବର୍ଷ ଧୂମ୍‌ଧାମରେ ୫ ଦିନ ଧରି ଏହି ପୂଜା କରା ଯାଇଥାଏ। କିନ୍ତୁ ବିଡମ୍ବନାର ବିଷୟ ସେହି ଦୁର୍ଗା ମନ୍ଦିର ସମ୍ମୁଖରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଜମି ରହୁଛି। ଆଉ ଅଳ୍ପ ଦିନ ଦୁର୍ଗା ପୂଜା ରହିଥିବା ବେଳେ ଏଭଳି ସ୍ଥିତି ଗ୍ରାମବାସୀଙ୍କ ଚିନ୍ତାର ବିଷୟ ପାଲଟିଛି। ସେହିପରି ଏହି ମନ୍ଦିରକୁ ଲାଗି ରହିଛି ଅଙ୍ଗନୱାଡ଼ି କେନ୍ଦ୍ର। ଏହି କେନ୍ଦ୍ରକୁ କୁନିକୁନି ପିଲା ପାଠ ପଢିବା ପାଇଁ ଆସିଥାନ୍ତି। କିନ୍ତୁ ରାସ୍ତା ଉପରେ ଥିବା ପାଣିରେ ପଶି ଓଦା ହୋଇ ଅଙ୍ଗନୱାଡ଼ି କେନ୍ଦ୍ରରେ ପିଲା ପହଞ୍ଚୁଥିବା ଅଭିଯୋଗ ହୋଇଛି। ସେହିପରି ଏହି ଗାଁ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ୍‌ର ଗ୍ରାହକ ସେବାକେନ୍ଦ୍ର, ଇଣ୍ଡିଆନ ପୋଷ୍ଟ ସେବା ଭଳି ଅତି ଆବଶ୍ୟକୀୟ ସେବା ରହିଥିବା ବେଳେ ବ୍ୟାଙ୍କ ସମ୍ବନ୍ଧୀୟ କାର୍ଯ୍ୟ ଯଥା ଟଙ୍କା ଉଠାଣ ଜମା କରିବା ପାଇଁ ଓ ଇଣ୍ଡିଆନ ପୋଷ୍ଟ କାର୍ଯ୍ୟାଳୟ ଥିବା କାରଣରୁ ଚିଠିପତ୍ର ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ପ୍ରତ୍ୟେକ ଦିନ ବିଭିନ୍ନ ଆଡୁ ଅନେକ ଲୋକେ ଏହି ଗାଁକୁ ଆସିଥାନ୍ତି। କିନ୍ତୁ ଏବେ ବର୍ଷା ଦିନ ହୋଇଥିବାରୁ ଗାଁ ମଧ୍ୟରେ ପାଣି ଜମି ରହିବା ଫଳରେ ଯାତାୟାତରେ ଅନେକ ସମସ୍ୟା ହେଉଥିବାରୁ ସେମାନେ ଏହାକୁ ନାପସନ୍ଦ କରିଛନ୍ତି। ଏହା ସରପଞ୍ଚଙ୍କ ନିଜ ଗାଁ ହୋଇଥିବା ବେଳେ ଏଭଳି ଅବସ୍ଥା ଦେଖି ଲୋକେ ଏହାକୁ ସମାଲୋଚନା ମଧ୍ୟ କରୁଥିବା ଦେଖିବାକୁ ମିଳୁଛି।

ସୂଚନା ମୁତାବକ ପାଖାପାଖି ଦୁଇ ବର୍ଷ ପୂର୍ବରୁ ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା। ସେହି ସମୟରେ ଗାଁ ମଧ୍ୟରେ ରାସ୍ତା ପାର୍ଶ୍ୱ ଫାଙ୍କା ଥିବାରୁ ବର୍ଷା ହେଲେ ପାଣି ବୋହି ପାଖ ବିଲକୁ ଚାଲି ଯାଉଥିଲା କିନ୍ତୁ ସମୟ କ୍ରମେ ଗ୍ରାମରେ ଏବେ ଅନେକ ନୂତନ ଘର ହେବା ସହ ପାଚେରୀ ମଧ୍ୟ ନିର୍ମାଣ କରାଯାଇଛି। ଯାହା ଫଳରେ ପାଣି ନିଷ୍କାସନ ନହୋଇ ଜମି ରହି ରାସ୍ତା ଉପରେ ଜମି ରହୁଛି ବର୍ଷାପାଣି। ଏଭଳି ସ୍ଥିତି ଓ ଗାଁର ଏପରି ଅବସ୍ଥା ଉପରେ ସ୍ଥାନୀୟ ବିଧାୟକ ଓ ପ୍ରଶାସନ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଦବୁଛି ବେଲେଶ୍ୱର ସେତୁ : ବନ୍ୟା ଆଶଙ୍କାରେ ଅଞ୍ଚଳବାସୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ତିନିଦିନ ତଳେ ବୈତରଣୀ ନଦୀର ବେଲେଶ୍ୱର ସେତୁ ଦବି ଯାଇଥିଲା। ସେତୁ ଦବିଲା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଘଟଣା ସ୍ଥଳ ପରିଦର୍ଶନ କରିବା ସହ ସେତୁ ଉପରେ ଯାତାୟାତ ନେଇ ବାରଣ କରିଥିଲେ। ଏପରିକି ସେତୁର ଦୁଇ ମୁଣ୍ଡରେ ଲୋକଙ୍କ ଯିବା ଆସିବା କଟକଣା କରାଯିବା ସହ ବାଲି ବସ୍ତା ପକାଯାଇ ବନ୍ଦ କରି ଦିଆଯାଇଥିଲା। କିନ୍ତୁ ଏବେ ସେତୁ ଧିରେ ଧିରେ ଦବିବାରେ ଲାଗିଛି। ଯଦି ବୈତରଣୀ ନଦୀରେ ବନ୍ୟା ଜଳ ପ୍ରବାହିତ ହୁଏ ତେବେ ସେତୁଟି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ପଣସା ଓ ଚଇନପୁର ପଞ୍ଚାୟତକୁ ସେବା ଯୋଗାଉ ଦେଉଥିବା ଏହି ବେଲେଶ୍ୱର ସେତୁ ଜିଲାର ପ୍ରଥମ



ବିଜୁ ସେତୁ ଭାବେ ପରିଗଣିତ। ପାଖାପାଖି ୧୭ କୋଟି ଟଙ୍କା ବ୍ୟୟ ଅଟକଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସେତୁ ନିର୍ମାଣ କରାଯାଇଥିଲା। ସେତୁ ଦ୍ୱାରା ପଣସା ପଞ୍ଚାୟତର କୁଶି, ବାରଭାଗିଆ, ପଣସା, ବେହେରା ପାଟଣା, ବାଲିପୋଖରୀ ଇତ୍ୟାଦି ଗ୍ରାମବାସୀ ସେତୁ ଉପରେ ଯାତାୟାତ କରିଥାନ୍ତି। ୨୦୧୨-୧୩ ଆର୍ଥିକ ବର୍ଷରେ ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ କାମ ଆରମ୍ଭ ହୋଇ ୨୦୧୬ ମସିହାରେ ଶେଷ ହୋଇଥିଲା। କିନ୍ତୁ ବିଡ଼ମ୍ବନାର ଘଟଣା ନିମ୍ନମାନର କାର୍ଯ୍ୟ ଯୋଗୁଁ ସେତୁଟି ଦବି ଯାଇଛି। ଭାରିଯାନ ବାଲି ବୋଝେଇ କରି ଅନବରତ ଯିବା ଦ୍ୱାରା ଏପରି ଘଟିଲା ବୋଲି କେତେକ କହୁଥିବା ବେଳେ ଅନ୍ୟ କେତେକ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହା ଘଟିଛି ବୋଲି କହୁଛନ୍ତି।

## ଜମି ଅପେକ୍ଷାରେ ଏନ୍‌ଏଚ୍‌ଏଆଇ : ଜାରକାରେ ଖୁବ୍ ଶୀଘ୍ର ନିର୍ମାଣ ହେବ ଯାତ୍ରୀ ପ୍ରତୀକ୍ଷାଳୟ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଜାରକା ଫ୍ଲାଇଓଭର ବ୍ରିଜର ଉଭୟ ପାର୍ଶ୍ୱରେ ଦୁଇ ଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୀର୍ଘଦିନ ଧରି ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜୀବିତ ଅବସ୍ଥାରେ ଏହି ନିର୍ଦ୍ଦେଶ ଦିଆଯାଇ ଥିବା ବେଳେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଦୁଇପୁତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ଦାବି କରିଛନ୍ତି। ଜାରକା ବସ୍‌ଷ୍ଟପ୍‌ଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀମାନେ ଖରା ବର୍ଷା ଶୀତ କାକରରେ ଠିଆ ହୋଇ ବସ୍‌କୁ ଅପେକ୍ଷା କରି ରହୁଛନ୍ତି। ବସ୍ ଯାତ୍ରୀମାନଙ୍କ ନିମନ୍ତେ ଫ୍ଲାଇଓଭର ବ୍ରିଜର ଦୁଇପାର୍ଶ୍ୱରେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟ ୨୦୨୩ ମସିହାରେ ତତ୍‌କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିକଟରେ ଦାବି କରିଥିଲେ। ତଦନୁଯାୟୀ ତତ୍‌କାଳୀନ ଜିଲ୍ଲାପାଳ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବି ଲାବଣ୍ୟଙ୍କର ପରଲୋକ ହୋଇ ଯାଇ ଥିବା ବେଳେ ଇତି ମଧ୍ୟରେ ଦୁଇବର୍ଷ ବିତିଯାଇ ଥିଲେ ମଧ୍ୟ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କାର୍ଯ୍ୟ ହୋଇପାରି ନ ଥିବାରୁ ଅଞ୍ଚଳ ବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ରବି ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଚଣ୍ଡିଖୋଲ ସ୍ଥିତ ଜାତୀୟ ରାଜପଥ କାର୍ଯ୍ୟାଳୟ ଠାରେ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି ବର୍ମାଙ୍କୁ ସାକ୍ଷାତ୍ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଆମେ ପ୍ରସ୍ତୁତ ହୋଇ ରହିଛୁ। କିନ୍ତୁ ଆବଶ୍ୟକ ଜମି ଚିହ୍ନଟ ହୋଇନଥିବାରୁ ଏହାର ନିର୍ମାଣ କାର୍ଯ୍ୟ ଅଟକି ରହିଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି ବର୍ମା ପ୍ରକାଶ କରିଥିଲେ। ତହସିଲଦାର ତୁରନ୍ତ ଜମି ଚିହ୍ନଟ କରି ଆମକୁ ଯୋଗାଇ ଦେଲେ ଖୁବ୍ ଶୀଘ୍ର ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଆରମ୍ଭ ହେବ ବୋଲି ସେ କହିଥିଲେ। ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପିତାଙ୍କର ସ୍ୱପ୍ନ ପୂରଣ କରିବାକୁ ଉଭୟ ପୁତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିବା ଜଣାପଡ଼ିଛି।

## ଗୁମାଡ଼ି ନଦୀ ଡାଇଭର୍ସନ ରାସ୍ତା ଧୋଇଯିବା ଘଟଣା

## ସମସ୍ୟା ସମାଧାନ ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ୩ ପଞ୍ଚାୟତବାସୀ

**ଦାରିଙ୍ଗବାଡ଼ି, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ିଠାରୁ ବୁଢ଼ାଗୁଡ଼ା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାର ତିଲୋରୀ ପଞ୍ଚାୟତ ଗୁମାଡ଼ି ନଦୀର ଡାଇଭର୍ସନ ରାସ୍ତା ଧୋଇ-ଯିବାର ଇତି ମଧ୍ୟରେ ୧୦ ଦିନରୁ ଅଧିକ ସମୟ ବିତିଲାଣି ହେଲେ ମରାମତି ହୋଇପାରିନାହିଁ। ଫଳରେ ବ୍ଲକ ହେଡ୍‌କ୍ୱାର୍ଟରଠାରୁ ତିଲୋରୀ, ବୁଢ଼ାଗୁଡ଼ା ଏବଂ ଗୁମିକିଆ ପଞ୍ଚାୟତ ବିଚ୍ଛିନ୍ନ ହୋଇପଡ଼ିଛି। ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ୩ ପଞ୍ଚାୟତବାସୀ, ଲୋକପ୍ରତିନିଧି ବ୍ୟବସାୟୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ସବୁ ମେଳି ବାନ୍ଧି ବୁଢ଼ାଗୁଡ଼ା ସରପଞ୍ଚ ତାତୁରା ପ୍ରଧାନଙ୍କ ଅଧ୍ୟକ୍ଷତାରେ ତିଲୋରୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ତିଲୋରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଏବେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କ ଦାରିଙ୍ଗବାଡ଼ି ପ୍ରତିନିଧି



ବିଷ୍ଣୁ ଚରଣ ପ୍ରଧାନ, ତିଲୋରୀ ସରପଞ୍ଚ ଶ୍ରଦ୍ଧାଞ୍ଜଳି ପ୍ରଧାନ, ଗୁମିକିଆ ସରପଞ୍ଚ ତ୍ରିନାଥ ପ୍ରଧାନ, ବୁଢ଼ାଗୁଡ଼ା ସମିତିସଭ୍ୟ ଶ୍ରୀକାନ୍ତ ପ୍ରଧାନ, ତିଲୋରୀ ସମିତିସଭ୍ୟ ଦିଲୀପ ପ୍ରଧାନ ଏବଂ ଗୁମିକିଆ ସମିତିସଭ୍ୟ ସପନ ମଲିକ ପ୍ରମୁଖ ଯୋଗଦେଇ କନ୍ଧମାଳ ଜିଲାପାଳ ଅମୃତ ଋତୁରାଜ, ଦାରିଙ୍ଗବାଡ଼ି ବିଡିଓ ପ୍ରୀତିରଞ୍ଜନ ରଥ ଏବଂ ଅନ୍ୟ ଅଧିକାରୀଙ୍କୁ ଭେଟି ଶୀଘ୍ର ଉକ୍ତ ଡାଇଭର୍ସନ ରାସ୍ତା ମରାମତି ସହ ସେଠାରେ ନିର୍ମାଣ କରାଯାଉଥିବା ପୋଲ କାର୍ଯ୍ୟକୁ ମଧ୍ୟ ସମ୍ପୂର୍ଣ୍ଣ କରିବାକୁ ନିବେଦନ କରାଯିବ ଏବଂ ଆସନ୍ତା ବୁଧବାର ୩ ପଞ୍ଚାୟତର ଶହଶହ ମହିଳା, ପୁରୁଷ, ଶିଶୁ, ବୁଦ୍ଧିଜୀବୀ ୫୯ନଂ ଜାତୀୟ ରାଜପଥର ସିମନବାଡ଼ି ପଞ୍ଚାୟତ କାରିପାଙ୍ଗାଠାରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବୁଢ଼ାଗୁଡ଼ା ସରପଞ୍ଚ କହିଛନ୍ତି। ଆନ୍ଦୋଳନ ତୀବ୍ରତର କରାଯିବ। ଏହି ଆନ୍ଦୋଳନ ଆରମ୍ଭ ହେଲେ ରାସ୍ତା ମରାମତି ନ ହେବା ପର୍ଯ୍ୟନ୍ତ ଜୋରଦାର ତଥା ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନେଇଛନ୍ତି। ସିମନବାଡ଼ି-ବୁଢ଼ାଗୁଡ଼ା ବିଚ୍ଛିନ୍ନ ହୋଇଯିବା ପରେ ୩ ପଞ୍ଚାୟତ ଅଞ୍ଚଳରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଗାଡ଼ିମୋଟର ଚଳାଚଳ ବନ୍ଦ ଯୋଗୁ ଦରଦାମ ବୃଦ୍ଧି ହେବା ସହ ଜରୁରୀ କାଳୀନ ସ୍ୱାସ୍ଥ୍ୟସେବା ବ୍ୟାଙ୍କ ସେବା ସରକାରୀ ଓ ବେସରକାରୀ ସେବା ସବୁ ବନ୍ଦ ହୋଇଯାଇଛି ବୋଲି ବୈଠକରେ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଗୋଟିଏ ଦିନ ବନ୍ଦ ହୋଇଗଲେ ଅଞ୍ଚଳ ପ୍ରଭାବିତ ହେଉଥିବା ବେଳେ ଗୋଟିଏ ମାସରେ ଦୁଇ ଦୁଇ ଥର ଡାଇଭର୍ସନ ରାସ୍ତା ଧୋଇ ହୋଇଯିବା ଓ ଏବେ ଦ୍ୱିତୀୟଥର ଧୋଇହେବାର ୧୦ ଦିନ ବିତିଯାଇ ଥିଲେ ମଧ୍ୟ ମରାମତି ହୋଇ ନ ପରିବା ଅଞ୍ଚଳ ପାଇଁ ଚିନ୍ତା ବଢ଼ାଇଥିବା କୁହାଯାଉଛି।

## ପର୍ଯ୍ୟଟନ ମାନ୍ୟତାରେ ସୀମିତ ରହିଲା ଶୈବପୀଠର ବିକାଶ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ପଶ୍ଚିମ ଓଡ଼ିଶାର ଅଷ୍ଟଶମ୍ଭୁ ପୀଠ ମଧ୍ୟରେ ବରଗଡ଼ ବ୍ଲକ ଗାଇସୀମାର ବରାଡ଼ ବାଲୁଙ୍କେଶ୍ୱର ମନ୍ଦିର ଅନ୍ୟତମ। ଏହି ଶୈବାଳୟକୁ ଗତ ୨୦୦୮ ମସିହାରୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଛନ୍ତି। ମାତ୍ର ପର୍ଯ୍ୟଟନସ୍ଥଳୀ ମାନ୍ୟତାରେ ହିଁ ଉକ୍ତ ଶୈବାଳୟର ବିକାଶ ସୀମିତ ରହିଛି। ଏଠାକୁ ଯୋଗାଯୋଗ ବ୍ୟବସ୍ଥା ସେତେ ଉନ୍ନତ ନ ଥିବାବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଅନୁପାତରେ ରହଣି ବ୍ୟବସ୍ଥା ମଧ୍ୟ ନାହିଁ। ସେହିପରି ଶୈବାଳୟ ସମ୍ମୁଖରେ ରହିଥିବା ଜଳାଶୟ (ବନ୍ଧ)ର ରକ୍ଷଣାବେକ୍ଷଣ ଏବଂ ଜଳାଶୟ ହିଡ଼ ପାର୍ଶ୍ୱସ୍ଥ ଗଛରେ ରହୁଥିବା ବାଦୁଡ଼ିଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ସେଭଳି କିଛି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ। ଅନ୍ୟପଟେ ସ୍ଥାନୀୟ ଗ୍ରାମବାସୀ ଶ୍ରମଦାନ କରି ବିଭିନ୍ନ ସମୟରେ ଜଳାଶୟର ପୁନରୁଦ୍ଧାର ସହିତ ଶୈବାଳୟର ରକ୍ଷଣାବେକ୍ଷଣ କରି ଆସୁଛନ୍ତି। ତେବେ ଏଭଳି ଏକ



ଶୈବାଳୟର ବିକାଶ ତଥା ସୌନ୍ଦର୍ଯ୍ୟକରଣ ପ୍ରତି ପର୍ଯ୍ୟଟନ ବିଭାଗ ଆଖିବୁଜି ଦେବା ଘଟଣାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି।

ବରଗଡ଼ ସହରଠାରୁ ପ୍ରାୟ ୮କି.ମି. ଦୂରରେ ରହିଛି ଏହି ଶୈବପୀଠ। ସହରରୁ ସ୍ଥାନୀୟ ପଞ୍ଚାୟତ କଲେଜ, ରୁହୁନିଆଁ, ଧାଙ୍ଗେର ଦେଇ ଗୋଟିଏ ପଟେ ଏଠାକୁ ରାସ୍ତା ଥିବାବେଳେ ଅନ୍ୟପଟେ ବରଗଡ଼-ଭେଡ଼େନ ରାସ୍ତା ଦେଇ ମଧ୍ୟ ମନ୍ଦିରକୁ ସଡ଼କ ପଥ ରହିଛି। କିମ୍ବଦନ୍ତୀ ଅନୁସାରେ ୧୭୨୫ ଖ୍ରୀଷ୍ଟାବ୍ଦରେ ସମ୍ବଲପୁର ରାଜା ଅଜିତ ସିଂ ଏବଂ ତାଙ୍କ ପୁତ୍ର ଅଭୟ ସିଂଙ୍କ ଦ୍ୱାରା ଏହି ଶୈବପୀଠ ନିର୍ମିତ ହୋଇଥିଲା। ଏଠାରେ ଶ୍ରାବଣ ମାସ ତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଜମି ରହେ। ଶ୍ରାବଣ ମାସର ପ୍ରତି ସୋମବାରରେ ବହୁ ସଂଖ୍ୟକ ବୋଲବମ୍ ଭକ୍ତଙ୍କ ଭିଡ଼ ଜମିଥାଏ। ଓଡ଼ିଶାର ବିଭିନ୍ନ ଜିଲା ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଶ୍ରଦ୍ଧାଳୁମାନେ ମଧ୍ୟ ବାବା ବରାଡ଼ ବାଲୁଙ୍କେଶ୍ୱରଙ୍କୁ ଦର୍ଶନ ପାଇଁ ଧାଇଁ ଆସିଥାନ୍ତି। ସେହିପରି ବର୍ଷର ବିଭିନ୍ନ ସମୟରେ ଏଠାରେ ଜଳାଭି-ଷେକ, ରୁଦ୍ରାଭିଷେକ ହେଉଥିବା ବେଳେ ମହାଶିବରାତ୍ରି ବହୁ ଜାକଜମକରେ ପାଳିତ ହୁଏ ଏବଂ ଶ୍ରଦ୍ଧାଳୁଙ୍କ ନାହିଁ ନ ଥିବା ଭିଡ଼ ଜମିଥାଏ। ହେଲେ ପ୍ରଶାସନ ଏବଂ ପର୍ଯ୍ୟଟନ ବିଭାଗର ଇଚ୍ଛାଶକ୍ତି ଅଭାବରୁ ଉକ୍ତ ଶୈବାଳୟର ଆଶାନୁରୂପ ବିକାଶ କିମ୍ବା ସୌନ୍ଦର୍ଯ୍ୟକରଣ ହୋଇପାରି ନାହିଁ।

## ଦେଢ଼ ବର୍ଷ ହେଲା ଅଚଳ ହୋଇପଡ଼ିଛି ସୋଲାର ପାଣି ପମ୍ପ : ପାନୀୟ ଜଳ ପାଇଁ ପଡ଼ାବାସୀ ହନ୍ତସନ୍ତ

**କେସିଙ୍ଗା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବାଲସି ଗ୍ରାମପଞ୍ଚାୟତ ଅଧିନସ୍ଥ ରେଙ୍ଗାଲି ଗ୍ରାମ ନୂଆପଡ଼ାଠାରେ ଗତ ୨୦୨୧-୨୨ରେ ସୋଲାର ଚାଳିତ ପାଣି ପମ୍ପ ନିର୍ମାଣ କରାଯାଇଥିଲା। ଦୀର୍ଘଦିନ ଚାଲିଲା ପରେ ଆଜକୁ ଏକ ବର୍ଷ ୬ ମାସ ହେଲା ଅଚଳ ହୋଇ ପଡ଼ିରହିଥିବାରୁ ପଡ଼ାବାସୀ ଟୋପାଏ ପାନୀୟ ଜଳ ପାଇଁ ଡହଳବିକଳ ହେଉଥିବା ନେଇ ପଡ଼ାବାସୀ ତତ୍‌କାଳୀନ ସରପଞ୍ଚ, ବିଡିଓଙ୍କୁ ବହୁବାର ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ବାଲସି ପଞ୍ଚାୟତର ରେଙ୍ଗାଲି ଗ୍ରାମ ନୂଆପଡ଼ାରେ ପ୍ରାୟ ୩୦ଟି ପରିବାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ପାନୀୟ ଜଳର ସୁବିଧା ପାଇଁ ପୂର୍ବ ରାଜ୍ୟ



ସରକାର ପ୍ରାୟ ସାଢ଼େ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏକ ସୋଲାର ଚାଳିତ ପାଣିପମ୍ପ ଲଗାଇ ପ୍ଲାଷ୍ଟିକ ଟାଙ୍କିକୁ ପାଣି ଉଠାଇ ପଡ଼ା-ବାସୀଙ୍କୁ ଜଳ ଯୋଗାଣ କରୁଥିଲେ। କିନ୍ତୁ ଦେଢ଼ବର୍ଷ ହେଲାଣି ମୋଟର ଖରାପ ଥିବାରୁ ସୋଲାର ପାଣିପମ୍ପ ଅଚଳ ହୋଇପଡ଼ିଛି। ଏଥିପାଇଁ ବହୁ ବାର ବ୍ଲକ, ପଞ୍ଚାୟତ ଅଧିକାରୀଙ୍କୁ ପଡ଼ାବାସୀ ଅଭିଯୋଗ କରିଥିଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବାରୁ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଯାହା ଫଳରେ ପଡ଼ାବାସୀ ନଳକୂପର ଫ୍ଲୋରାଇଡଯୁକ୍ତ ପାଣି ପିଇ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବାର ବହୁ ସମ୍ଭାବନା ରହିଛି। ଏ ସଂକ୍ରାନ୍ତରେ ବାଲସି ପଞ୍ଚାୟତର ନିର୍ବାହୀ ଅଧିକାରୀ ପ୍ରେମଚାନ୍ଦ ରଣାଙ୍କୁ ପଚାରିବାରୁ ମୁଁ ଜାଣି ନାହିଁ, ଯଦି ମୋଟର ଖରାପ ଅଛି,କି ନଳକୂପରୁ ପାଣି କମ୍ ଅଛି, ଆରଡବ୍ଲ୍ୟୁଏସ୍‌ଏସ୍ ଜେଇଙ୍କୁ ପଚାରି ଯଥାଶୀଘ୍ର ମରାମତି କରାଯିବ ବୋଲି ପ୍ରକାଶ କରିଥିଲେ। ଏ ନେଇ ବାଲସି ସରପଞ୍ଚ କିଶୋର ସାହୁଙ୍କୁ ପଚାରିବାରୁ ମୁଁ ଜାଣି ନାହିଁ ବୋଲି କହିଥିଲେ।

## ବ୍ଲକ୍ କାର୍ଯ୍ୟାଳୟରୁ ବିଚ୍ଛିନ୍ନ ୫ ପଞ୍ଚାୟତ : ରାସ୍ତା ନିର୍ମାଣ ନ କଲେ ଆନ୍ଦୋଳନ ଚେତାବନୀ

**ଫୁଲବାଣୀ, ନ୍ୟୁଜ୍‌ବ୍ୟୁରୋ**

ସିମନବାଡ଼ିଠାରୁ ବୁଢ଼ାଗୁଡ଼ା ପୂର୍ତ୍ତ ବିଭାଗ ରାସ୍ତା ୫୯ ନମ୍ବର ଜାତୀୟ ରାଜପଥର ତିଲୋରୀ ଗୁମାଡ଼ି ନଦୀ ଡାଇଭର୍ସନ ରାସ୍ତା ଧୋଇ ଯାଇଥିବାରୁ ୫ ପଞ୍ଚାୟତବାସୀ ବିଚ୍ଛିନ୍ନାଞ୍ଚଳ ଭଳି ରହିଛନ୍ତି। ଆଜକୁ ପ୍ରାୟ ୨୦ ଦିନ ହେବ ମରାମତି କରାଯାଇ ନ ଥିବାରୁ ସିମନବାଡ଼ି, ତିଲୋରୀ, ବୁଢ଼ାଗୁଡ଼ା ଓ ଗୁମିକିଆ ଗ୍ରାମପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା, ୱାର୍ଡ ସଭ୍ୟସଭ୍ୟା ଏନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଲିଖିତ ଭାବେ ପଠାଇଛନ୍ତି। ତେବେ ସେହି ରାସ୍ତାଦେଇ ଫୁଲବାଣୀ ଆସି ଦାବିପତ୍ର ଦେବା ସେମାନଙ୍କ ପାଇଁ ସମ୍ଭବ ହୋଇନଥିବା ଯୋଗୁଁ ସେମାନେ ମେଲ୍ ଏବଂ ହ୍ୱାଟ୍ସଆପ୍ ମାଧ୍ୟମରେ ଏହି ଦାବିପତ୍ର ପ୍ରେରଣ କରିଥିବା ଜଣାଯାଇଛି।



ସୂଚନା ମୁତାବକ, ସିମନବାଡ଼ିଠାରୁ ବୁଢ଼ାଗୁଡ଼ା ପୂର୍ତ୍ତ ବିଭାଗ ରାସ୍ତାର ତିଲୋରୀ ଗୁମାଡ଼ି ନଦୀର ଆପ୍ରୋଚ ରାସ୍ତା ଆଜକୁ ପ୍ରାୟ ୨୦ ଦିନ ହେବ ଲଗାଣ ବର୍ଷାରେ ଧୋଇ ହେବାରୁ ବାରମ୍ବାର କର୍ତ୍ତୃପକ୍ଷ ଓ ଠିକାଦାରଙ୍କୁ ଅବଗତ କରାଯାଇ ଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଯାହା ଫଳରେ ଅଞ୍ଚଳ ବାସୀଙ୍କ ସମେତ ଅଞ୍ଚଳର ସମସ୍ତ ଛାତ୍ରଛାତ୍ରୀ ଦାରିଙ୍ଗବାଡ଼ି କଲେଜ, ସିମନବାଡ଼ି ହାଇସ୍କୁଲ, ଦାରିଙ୍ଗବାଡି ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଯାଇ ପାରୁ ନାହାନ୍ତି। ଏପରିକି ତିଲୋରୀ, ଗୁମିକିଆ ଓ ବୁଢ଼ାଗୁଡ଼ା ପଞ୍ଚାୟତରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟତ୍ରୀ ଯେଉଁମାନେ ସିମନବାଡ଼ି ଓ ଦାରିଙ୍ଗବାଡ଼ି ରହୁଥିବା ଶିକ୍ଷକ ଶିକ୍ଷୟତ୍ରୀମାନେ ମଧ୍ୟ ଆସିପାରୁ ନାହାନ୍ତି। ଏଥିସହ ସ୍ୱାସ୍ଥ୍ୟ ସେବା ଯଥା ଆରୋଗ୍ୟ କେନ୍ଦ୍ରଗୁଡିକ ଏବଂ ପିଏଚ୍‌ସି ବୁଢ଼ାଗୁଡ଼ାରୁ ସମସ୍ତ ଜନସାଧାରଣ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାକୁ ଆଖି ଆଗରେ ରଖି ୩ ଅଞ୍ଚଳବାସୀ ଏହାର ସମାଧାନ କରା ନ ଗଲେ ୫୯ ନମ୍ବର ଜାତୀୟ ରାଜପଥ ସିମନବାଡ଼ି ରାସ୍ତାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତା ରୋକ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। କନ୍ଧମାଳ ସାଂସଦଙ୍କ ଦାରିଙ୍ଗବାଡ଼ି ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନଙ୍କ ସମେତ ସମସ୍ୟାରେ ଥିବା ୫ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟସଭ୍ୟା ମାନେ ଯଥାଶୀଘ୍ର ସମସ୍ୟାର ସମାଧାନ ନହେଲେ ରାଜ ରାସ୍ତାକୁ ଓହ୍ଲାଇବା ସହିତ ଆନ୍ଦୋଳନ କରିବେ ବୋଲି କହିଛନ୍ତି। ଏନେଇ ପୂର୍ତ୍ତ ବିଭାଗ ଏସଡିଓ ହରିହର ଦାସଙ୍କ ସହିତ ଯୋଗାଯୋଗ କରାଯାଇ ଥିବାବେଳେ ସେ ନିଜ ପ୍ରତିକ୍ରିୟାରେ ଲଗାଣ ବର୍ଷା ଯୋଗୁଁ କାର୍ଯ୍ୟ ହୋଇ ପାରି ନ ଥିଲା, ଠିକା ସଂସ୍ଥାକୁ ତାଗିଦ କରାଯାଇଛି ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରି ଡାଇଭର୍ସନ ରାସ୍ତା କରିବା ସହିତ ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ। ମଙ୍ଗଳବାର ସକାଳୁ ଡାଇଭର୍ସନ କାର୍ଯ୍ୟ ଆରମ୍ଭ ହେବ ସାଧାରଣ ଲୋକଙ୍କୁ ସୁବିଧା ଦେବା ପାଇଁ ପୂର୍ତ୍ତ ବିଭାଗ ଶତପ୍ରତିଶତ ଚେଷ୍ଟିତ ବୋଲି ହରିହର ଦାସଙ୍କ ସହିତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ ସ୍ୱାଇଁ କହିଛନ୍ତି। ତେବେ ତୁରନ୍ତ କାମ ଆରମ୍ଭ ନ ହେଲେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ଦାୟୀ ରହିବେ ବୋଲି ମଧ୍ୟ ଚେତାଇ ଦେଇଛନ୍ତି।

## ଗାଁ ଦାଣ୍ଡରେ କାଦୁଅ ପଚ ପଚ, କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଦାବି

**ଫୁଲବାଣୀ, ନ୍ୟୁଜ୍‌ବ୍ୟୁରୋ**

ସରକାର ଗମନାଗମନର ସୁବିଧା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ପ୍ରଶାସନର ଅବହେଳା ଯୋଗୁଁ ଆଜି ବି ଗାଁ ରାସ୍ତା କାଦୁଅ ପଚ ପଚ ହେଉଥିବା ଅଭିଯୋଗ ହେଉଛି। କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକ ଅନ୍ତର୍ଗତ ବପଲମେଣ୍ଡି ପଞ୍ଚାୟତ ବଡ଼ିସାହି ଗ୍ରାମର ରାସ୍ତା ବର୍ଷା ଦିନେ କାଦୁଅ ପଚ ପଚ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଲୋକମାନେ ଯିବା ଆସିବା କରିବା ସହିତ ଜରୁରୀକାଳୀନ ସେବାରେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର କଂକ୍ରିଟ୍ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ଭୂଗୋଳରୁ ହଜିଯିବ ଆଦିବାସୀ ଗାଁ !

**ପାତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଆନ୍ଧ୍ରପ୍ରଦେଶ ସୀମାନ୍ତ ଗଞ୍ଜାମ ଜିଲ୍ଲାର ପାତ୍ରପୁର ତହସିଲର ଶତାଧିକ ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରୁଛନ୍ତି। ଏହି ତହସିଲର ଗଜପତି ଜିଲ୍ଲା ସୀମାନ୍ତରେ ୧୪ ବର୍ଷ ପୂର୍ବେ ଚିହ୍ନଟ ହରଡ଼ାପାଟୁ ନୂଆଁସାହି ଆଦିବାସୀ ଗ୍ରାମ ପୂର୍ବଭଳି ଗଜପତି ଜିଲ୍ଲା ରାଜସ୍ୱ ରେକର୍ଡରେ ରହିଛି। ତିତଲି ବାତ୍ୟା ପରେ ଗ୍ରାମର ସମସ୍ତ ଘର ମାଟିରେ ମିଶିବା ଫଳରେ ଅଧିକାଂଶ ପରିବାର ଗ୍ରାମ ଛାଡ଼ି ଅନ୍ୟତ୍ର ଚାଲିଯାଇଥିବାରୁ ହରଡ଼ାପାଟୁ ନୂଆଁସାହି ଗ୍ରାମ ଭୂଗୋଳରୁ ଲିଭିଯିବା ଆଶଙ୍କା ଦେଖାଦେଇଛି।

ଜିଲ୍ଲା ପୁନର୍ଗଠନ ବେଳେ ଗଞ୍ଜାମ ଜିଲ୍ଲାର ବୁରାତାଳ ଓ ଆଙ୍କୁଲି ପଞ୍ଚାୟତର କେତେକ ଗ୍ରାମ ଗଜପତି ଜିଲ୍ଲା ରାଜସ୍ୱ ରେକର୍ଡରେ ଥିବାରୁ ଭୋଟଦାନରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ପାଇଁ ଗଜପତି ଜିଲ୍ଲା ଉପରେ ଲୋକମାନେ ନିର୍ଭର କରୁଥିଲେ। ପରବର୍ତ୍ତୀ ସମୟରେ ଗଜପତି ଜିଲ୍ଲା ଅଧୀନରେ ଥିବା କିଛି ଗ୍ରାମ ବାଦ୍ ପଡ଼ି ଗଞ୍ଜାମ ଜିଲ୍ଲାର ଚିକିଟି ତହସିଲକୁ ଆସିଥିଲା। ୧୯୯୬ରେ ଚିକିଟି ତହସିଲରେ ଥିବା ପାତ୍ରପୁର ଲୋକଙ୍କ ସୁବିଧା ପାଇଁ ପାତ୍ରପୁରଠାରେ ତହସିଲ କାର୍ଯ୍ୟାଳୟ ସ୍ଥାପନ ପରେ ବ୍ଲକର ସମସ୍ତ ଗ୍ରାମ ଏହି ତହସିଲକୁ ଆସିଥିଲା। ୨୦୧୧ରେ ପାତ୍ରପୁର ତହସିଲର ଗଜପତି ଜିଲ୍ଲା ସୀମାନ୍ତ ଦୁର୍ଗମ ଜଙ୍ଗଲରେ ଥିବା ହରଡ଼ାପାଟୁ ନୂଆଁସାହି ଗ୍ରାମଟି ତହସିଲ ପ୍ରଶାସନର ନଜରକୁ ଆସିଥିଲା। ଏହାପରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏହି ଗ୍ରାମକୁ ହସ୍ତାନ୍ତର କରିବା ପାଇଁ ଗଜପତି ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଥିଲା। ଇତିମଧ୍ୟରେ ୧୪ ବର୍ଷ ବିତି ଯାଇଥିବା ବେଳେ ଏ ଯାଏଁ ରାଜସ୍ୱ ରେକର୍ଡ ପରିବର୍ତ୍ତନ ହୋଇପାରିନାହିଁ। ହରଡ଼ାପାଟୁ ନୂଆଁସାହି ଗ୍ରାମଟି ଦୁର୍ଗମ ବୁରାତାଳ ପଞ୍ଚାୟତ ମହାଦେଇ ପର୍ବତ



ପାର୍ଶ୍ୱରେ ରହିଛି। ଗ୍ରାମବାସୀଙ୍କ କହିବା ମୁତାବକ ଗ୍ରାମରେ ୨୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିଲେ। ଗ୍ରାମର ରୋଗୀଙ୍କୁ ସାଙ୍ଗି ଭାରରେ ଡାକ୍ତରଖାନା ବୋହିନେବା ସହିତ ପଡ଼ିକାର୍ଡରେ ଜିନିଷ ସଂଗ୍ରହ ଓ ବିକ୍ରି ପାଇଁ ପଞ୍ଚାୟତ ଏବଂ ବ୍ଲକକୁ ଯିବାକୁ ହେଲେ ୯ କି.ମି ଜଙ୍ଗଲ ପଥ ଅତିକ୍ରମ କରିବାକୁ ପଡୁଛି। ପିଲାଙ୍କ ପାଠପଢା ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ସହ ଜାତିଗତ, ଆୟ ପ୍ରମାଣ ପତ୍ର ପାଇଁ ଗଜପତି ଜିଲାର ଆର.ଉଦୟଗିରି ତହସିଲକୁ ଯିବାକୁ ପଡୁଛି।

ଅଙ୍ଗନୱାଡ଼ି କେନ୍ଦ୍ର ଗାଁଠାରୁ ୪କି.ମି. ଦୂର ପାତ୍ରପୁର ବ୍ଲକର ଜେ.ବଡ଼ଗାଁରେ ଥିବାରୁ ଜଙ୍ଗଲ ରାସ୍ତାରେ ଯିବାକୁ ପଡୁଛି। ଆର.ଉଦୟଗିରି ଯିବାକୁ ହେଲେ ଜଙ୍ଗଲ ପଥରେ ବାଦୁଆ, ଗଜପତି ଜିଲ୍ଲା ବଡ଼ଗାଁ ରାମଗିରି ଦେଇ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ କିମି ପଥ ଅତିକ୍ରମ କରିବାକୁ ପଡୁଛି। ଗ୍ରାମର ଲୋକମାନେ ମୁଖ୍ୟତଃ ଜଙ୍ଗଲ ବଗଡରେ ଫସଲ କାଙ୍ଗୁ, ଘଣ୍ଟିଆ, ଜହ୍ନା ପ୍ରଭୃତି ଚାଷ କରିଥାନ୍ତି। ଏପରିକି ଗ୍ରୀଷ୍ମ ଋତୁରେ ହରିଡ଼ା, ବାହାଡ଼ା, ତେନ୍ତୁଳି, ଟୋଳ, ମହୁଲ ସଂଗ୍ରହ କରି ପାହାଡ଼ ତଳକୁ ଆସି ବିକ୍ରି କରୁଛନ୍ତି।

ତେବେ ତିତଲି ବାତ୍ୟାରେ ଗ୍ରାମର ସମସ୍ତ ଘର ଭାଙ୍ଗିଯିବା ସହ ଜଙ୍ଗଲରେ ଥିବା ଫଳନ୍ତି ଗଛ ମଧ୍ୟ ନଷ୍ଟ ହୋଇଯାଇଛି। ଏହା ଦେଖି ଗ୍ରାମର ବହୁ ପରିବାର ଗ୍ରାମ ଛାଡ଼ି ପାହାଡ଼ତଳ ଗ୍ରାମକୁ ଆସିଯାଇଛନ୍ତି। ଧାଡ଼ିଆମ୍ବ ନିକଟରେ ସେବକ ନାୟକ, ଅର୍ଜୁନ ନାୟକ ସମେତ କିଛି ପରିବାର ରହୁଥିବାବେଳେ ତେନ୍ତୁଳିସାହିରେ ଜାଗିଲି ନାୟକ ନରସିଂହ ନାୟକ ସମେତ ଅନ୍ୟମାନେ ଘର କରି ରହୁଛନ୍ତି। ଗ୍ରାମକୁ ଭଲ ରାସ୍ତାଟିଏ ନଥିବା ବେଳେ ପ୍ରାକୃତିକ ଉପାୟରେ ପାଇପ ଯୋଗେ ଆସୁଥିବା ଝରଣା ପାଣି ଗ୍ରୀଷ୍ମ ଋତୁ ଠାରୁ ଠିକ୍ ଭାବେ ଆସୁନାହିଁ। ଗ୍ରାମରେ ଏବେ ହରିଚନ୍ଦ୍ର କାର୍ଜୀ, କୃଷ୍ଣଚନ୍ଦ୍ର କାର୍ଜୀ ସମେତ ୬ ପରିବାର ରହୁଛନ୍ତି। ଗ୍ରାମର ଦିବ୍ୟାଙ୍ଗ ମାଆ ଝିଅ ମଣି କାର୍ଜୀ, ସରୋଜିନୀ କାର୍ଜୀ ଆବାସ ଯୋଜନାରେ ସାମିଲ ହୋଇ ନଥିବାରୁ ଗ୍ରାମଠାରୁ ଅନତି ଦୂରରେ ଘର କରି ରହୁଛନ୍ତି। ଗ୍ରାମଠାରୁ ପ୍ରାୟ ଦୁଇ କିଲୋମିଟର ଦୂର ଗୋକର୍ଣ୍ଣାସାହି ଠାରୁ ଏହି ଗ୍ରାମକୁ ରାସ୍ତା ନିର୍ମାଣ ସହ ଧୋବାଲିଙ୍ଗି ନାଳରେ ପୋଲ ନିର୍ମାଣ ହେଲେ ଲୋକମାନଙ୍କ ଯାତାୟାତ ସୁବିଧା ହୋଇ ପାରିବ। ପାର୍ଶ୍ୱରେ ଆଙ୍କୁଲି ପଞ୍ଚାୟତର ତପରଡ଼ା ଆଦିବାସୀ ଗ୍ରାମଟି ଗତ କିଛି ବର୍ଷ ପୂର୍ବେ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିହ୍ନ ହୋଇଯାଇ ଥିବାବେଳେ ଏବେ ଗ୍ରାମର ଲୋକଙ୍କ ସମ୍ପର୍କରେ କାହା ପାଖରେ ସୂଚନା ନାହିଁ। ତେଣୁ ପ୍ରଶାସନ ଗ୍ରାମ ଲୋକଙ୍କ ବିଭିନ୍ନ ଅସୁବିଧା ପ୍ରତି ଦୃଷ୍ଟି ନଦେଲେ ଏହି ଗ୍ରାମଟି ଭୂଗୋଳରୁ ହଜିଯିବା ଆଶଙ୍କା ରହିଛି।

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୪ ଜୁଲାଇ ୨୦୨୫ ଗୁରୁବାର





## ବରଗଡ଼ ଟାଉନ୍ ପୋଲିସକୁ ମିଳିଲା ବଡ଼ଧରଣର ସଫଳତା

# ୨୧୭୧ ବୋତଲ କଫ୍‌ସିରପ୍ ଜବତ:୭ ବେପାରୀ ଗିରଫ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଟାଉନ୍ ପୋଲିସକୁ ମିଳିଲା ବଡ଼ ଧରଣର ସଫଳତା। ୨୧୭୧ ବୋତଲ କଫ୍‌ସିରପ୍ ଜବତ କରିବା ସହିତ ୭ ଜଣ ନିଶା ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ବରଗଡ଼ ଟାଉନ୍ ପୋଲିସ। ଏନେଇ ବରଗଡ଼ ଟାଉନ୍ ଥାନାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ସହରରେ ବ୍ୟାପକ ମାତ୍ରାରେ ନିଶା କାରବାର ବଢ଼ିବାରେ ଲାଗିଥିବା ବେଳେ ବଢୁଥିବା ଅପରାଧିକ ମାମଲା କାରଣରୁ ଜନସାଧାରଣ ଅସୁରକ୍ଷିତ ହୋଇପଡ଼ିଥିଲେ ଏବଂ ଶେଷରେ ବରଗଡ଼ବାସୀ ସ୍ୱର ଉତ୍ତୋଳନ କରି ନିଶା କାରବାର ଉପରେ ଅଙ୍କୁଶ ଲଗାଇବାକୁ ବରଗଡ଼ ଏସ୍‌ପିଙ୍କ ଠାରେ ଦାବି କରିଥିଲେ । ତେବେ ବର୍ତ୍ତମାନ ବରଗଡ଼ ପୋଲିସ ନିଶା କାରବାର ଚଳାଇଥିବା ବ୍ୟାପାରୀ ମାନଙ୍କୁ କାବୁ କରିବାକୁ ଅଣ୍ଟା ଭିଡ଼ିଛି ଏବଂ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଭୋର୍ ୫ଟାରୁ ସ୍ଥାନୀୟ ବିଶିପଡ଼ା ଛକ ଠାରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଘେରାବନ୍ଦୀ କରି ବେଆଇନ୍ ଭାବେ କଫ ସିରଫ ବ୍ୟାପାର କରୁଥିବା ନିଶା ବ୍ୟାପାରୀଙ୍କ ଘରେ ଚଢ଼ଉ କରିଥିଲା ଓ ୨୧୭୧ ବୋତଲ ବେଆଇନ୍ କଫ ସିରଫ ଜବତ କରିବା ସହିତ ୬ ଗୋଟି ମୋବାଇଲ ଓ ୭୪୧୦୦ ଟଙ୍କା ଜବତ କରିଥିଲା ।

# ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦୁଇଟି ପ୍ରକଳ୍ପର ଶିଳାନ୍ୟାସ ସହିତ ପୋଷଣ କିଟ୍ ବଣ୍ଟନ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଙ୍ଗଳବାର ଖପ୍ରାଖୋଲ ବ୍ଲକ୍ ଗସ୍ତ କରିଥିଲେ। ଏହି ଅବସରରେ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତି ଠାରେ ଗୋଦାମ ଘରର ଶିଳାନ୍ୟାସ କରିବା ସହିତ ବ୍ଲକ୍ ସଭା ଗୃହର ଉପର ମହଲାର ଶିଳାନ୍ୟାସ କରିଥିଲେ। ଏହାସହିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପୋଷଣ କିଟ୍ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମ୍ମାନିତ ଅତିଥି ରୂପେ ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅମିତା ପଣ୍ଡା, ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ, ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁପୋଷଣ ମୁକ୍ତ ଭାରତ ବର୍ଷର ସ୍ୱପ୍ନ ସାକାର କରିବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ଖପ୍ରାଖୋଲ ବ୍ଲକ୍‌ରେ ଆନି କେଆର ଫାଉଣ୍ଡେସନ୍ ତରଫରୁ ଗର୍ଭବତୀ ମା', ପ୍ରସୂତି ମା', ସାମ, ମାମ ଓ ଏସ୍‌ୟୁଏମ୍ ଶିଶୁ ୫୮୫୦ ଜଣଙ୍କୁ ପୋଷଣ କିଟ୍ ବଣ୍ଟନ ପାଇଁ ଶୁଭାରମ୍ଭ କରାଯାଇଥିଲା। ସେହିପରି ୨୦ଟି ଭୂମିହୀନ ପରିବାର ଓ ବିଦ୍ୟାଳୟକୁ ଉପମୁଖ୍ୟମନ୍ତ୍ରୀ ପଟ୍ଟା ବଣ୍ଟନ କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ମା', ଶିଶୁ ଉପସ୍ଥିତ ଥିଲେ।



# ସ୍ୱାମୀଙ୍କ ଗୋଇଠା ମାଡ଼ରେ ପତ୍ନୀଙ୍କ ଗର୍ଭନଷ୍ଟ, ସ୍ୱାମୀ ଗିରଫ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଚକ ପଞ୍ଚାୟତ ଅଧିନ ବାଲିପାଳ ଗ୍ରାମର ଜଣେ ମହିଳାଙ୍କ ପେଟକୁ ତାଙ୍କ ସ୍ୱାମୀ ଗୋଇଠା ମାରି ଗର୍ଭ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ୨୩୩/୨୫ରେ ଏକ ମକଦ୍ଦମା ରୁଜୁ କରି ସ୍ୱାମୀ ସେକ୍ ସାହାବୁଦ୍ଦୀନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ଭାଟପଡ଼ା ପଞ୍ଚାୟତ ଅଧୀନ ମିର୍ଜାପୁର ଗ୍ରାମର ସମିନା ବିବି ବାଲିପାଳ ଗ୍ରାମର ସେକ୍ ସାହାବୁଦ୍ଦୀନ ନାମକ ଜଣେ ଯୁବକଙ୍କୁ ବିବାହ କରିଥିଲେ। ବିବାହ ପରେ ସମିନାଙ୍କର ୨ଟି କନ୍ୟା ସନ୍ତାନ ଜନ୍ମ ହୋଇଥିଲେ। ସମିନା ତୃତୀୟଥର ଗର୍ଭବତୀ ହୋଇଥିଲେ। ମାତ୍ର ସ୍ୱାମୀ ସେକ୍ ସାହାବୁଦ୍ଦୀନ ପୁଣି କନ୍ୟା ସନ୍ତାନ ହେବା ସନ୍ଦେହରେ ପତ୍ନୀ ସମିନାଙ୍କୁ ମାରଧର ଓ ନିର୍ଯାତନ ଦେଉଥିଲେ। ନିର୍ଯାତନା ସହି ନପାରି ସମିନା ମିର୍ଜାପୁର ଗ୍ରାମ ସ୍ଥିତ ବାପଘରକୁ ପଳାଇ ଆସି ରହିଥିଲେ। ସ୍ୱାମୀ ସେକ୍ ସାହାବୁଦ୍ଦୀନ ଜୁଲାଇ ୪ ତାରିଖ ଦିନ ଶଶୁରଘର ମିର୍ଜାପୁରକୁ ଆସି ଘରେ କେହିନଥିବାର ସୁଯୋଗ ନେଇ ସମିନାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରି ତଳି ପେଟକୁ ଗୋଇଠା ମାରିଥିଲେ। ଫଳରେ ସମିନାଙ୍କର ଗର୍ଭନଷ୍ଟ ହୋଇଯାଇଥିବା ଥାନାରେ ଅଭିଯୋଗ କରିଥିଲେ।

# ଯୁବତୀଙ୍କୁ ଗଣଧର୍ଷଣ:ଥାନାରେ ଅଭିଯୋଗ କଲେ ପୀଡ଼ିତାଙ୍କ ବାପା,ଜଣେ ଗିରଫ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକ ଅଳା ପଞ୍ଚାୟତ ଚାନ୍ଦପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିବା ଜଣାପଡିଛି । ଏହି ଗ୍ରାମରେ ଜଣେ ଯୁବତୀ ଗଣଦୁଷ୍କର୍ମର ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଜନୈକା ଯୁବତୀ ଜଣକ ଅନ୍ୟ ଜଣେ ଯୁବତୀ ସହିତ ଜଙ୍ଗଲ ବାଟ ଦେଇ ଦାଦା ଘରକୁ ଜନ୍ମଦିନ ପାଳନ କରିବାକୁ ଯାଉଥିବା ସମୟରେ ସେହି ବାଟରେ ଦୁଇଜଣ ଅପରିଚିତ ଯୁବକ ଜନୈକା ଯୁବତୀଙ୍କୁ ନିଛାଟିଆ ଜାଗାକୁ ଟେକିନେଇ ଦୁଷ୍କର୍ମ କରିଥିଲେ। ଯାହାଫଳରେ ଯୁବତୀ ଗୁରୁତର ହୋଇପଡ଼ିଥିଲେ। ପୀଡିତା ଯୁବତୀ କ୍ଷତାକ୍ତ ଅବସ୍ଥାରେ ଜୀବନ ବଞ୍ଚାଇ ଘରକୁ ଦୌଡ଼ି ପଳାଇ ଆସିଥିଲା। ପରିବାର ଲୋକେ ସଂଗେ ସଂଗେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇଥିଲେ। ଜଗତସିଂହପୁର ଥାନା ଅନ୍ତର୍ଗତ ଚାନ୍ଦଗାଁ ମଜୁରାଇ ଗ୍ରାମର ଜନୈକା ଯୁବତୀଙ୍କୁ ଗଣଧର୍ଷଣ ହୋଇଥିବା ଅଭିଯୋଗରେ ସଂପୃକ୍ତା ଧର୍ଷିତା ଯୁବତୀର ବାପା ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ସୋମବାର ରାତ୍ରି ୭ଟା ସମୟରେ ଯୁବତୀ ଜଣକ ତାର ଦାଦା ଘରକୁ ଜନ୍ମଦିନ କେକ୍ କାଟିବାକୁ ଯାଇଥିଲା। ସେଠାରେ ଟୁଇନ ଭୋଇ ଯୁବତୀ ଜଣକୁ ତାଙ୍କ ଘରକୁ ଡାକିବାରୁ ଯୁବତୀ ଜଣକ ମନା କରିଥିଲା। ହେଲେ ସଂପୃକ୍ତ ଯୁବତୀ ଜଣକୁ ଜୋରଜବରଦସ୍ତ ହାତ ଧରି ଟାଣିନେଇଥିଲା। ଯୁବତୀ ଜଣକୁ ରାସ୍ତା ବାଟ ଦେଇ ନଯାଇ ବିଲ ବାଟ ଦେଇ ନେବା ସମୟରେ ପୂର୍ବରୁ ବିଲ ପାଖରେ ଥିବା ୨ ଜଣ ଯୁବକ ଯୁବତୀକୁ ମାଡ଼ିବସି ପାଟିରେ ହାତ ଦେଇ ଜଣକ ପରେ ଜଣେ ଧର୍ଷଣ କରିଥିଲେ। ତେବେ ଧର୍ଷିତା ଯୁବତୀର ପ୍ରବଳ ରକ୍ତସ୍ରାବ ସହ ସର୍ବାଙ୍ଗ ଶରୀର କ୍ଷତବିକ୍ଷତ ହୋଇଛି ବୋଲି ଧର୍ଷିତା ଯୁବତୀର ପିତା ଥାନା ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଏମିତିକି ଧର୍ଷଣକାରୀମାନେ ଯଦି ଯୁବତୀ ଥାନାରେ ଅଭିଯୋଗ କରେ ତେବେ ତାହାକୁ ଜୀବନରୁ ମାରିଦେବାକୁ ଧର୍ମକ ଦେଇଛନ୍ତି। ଧର୍ଷିତା ଯୁବତୀ ଜଣକ ଏବେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଜଗତସିଂହପୁର ସଦର ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛନ୍ତି। ୨୪ ଘଣ୍ଟା ଭିତରେ ଜଗତସିଂହପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଦେଖିବାକୁ ମିଳିଛି । ଏହି ଘଟଣାକୁ ଜଗତସିଂହପୁର ରାଜନୀତି ଏକ ପ୍ରକାର ହଟଚମଟ ହେବାରେ ଲାଗିଛି। ପୀଡିତା ଜଗତସିଂହପୁର ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ବିଜେଡି, କଂଗ୍ରେସ ଓ ବିଜେପିର ନେତୃବୃନ୍ଦମାନେ ପୀଡ଼ିତାକୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଡାକ୍ତରମାନଙ୍କ ସହିତ ପରାମର୍ଶ କରିଥିଲେ। କଂଗ୍ରେସ ଜିଲ୍ଲା ସଭାପତି ନଟବର ବାରକ ଓ ପୂର୍ବତନ ବିଧାୟକ ଲଳାଟେନ୍ଦୁ ମହାପାତ୍ରଙ୍କ ସହିତ କଂଗ୍ରେସର ଗୋଟେ ଟିମ୍ ଭେଟିଥିଲେ। ବିଜେପିର ଜିଲ୍ଲା ସଭାପତି ପ୍ରତାପ ମିଶ୍ରଙ୍କ ସହିତ ଏକ ଟିମ୍ ପୀଡ଼ିତାଙ୍କୁ ଭେଟିଥିଲେ। ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବ୍ଲକ ବିଜେଡି ଅଧକ୍ଷା କନକ ପ୍ରଭା ଲେଙ୍କା, ଜିଲ୍ଲାପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଛାତ୍ରନେତା ଇଂ ସମ୍ବିତ ଲେଙ୍କା ଓ ଶତାଧିକ ବିଜେଡି କର୍ମୀ ପୀଡ଼ିତାକୁ ଭେଟି ସ୍ୱାସ୍ଥ୍ୟଅବସ୍ଥା ସମ୍ପର୍କରେ ଡାକ୍ତରଙ୍କ ପରାମର୍ଶ କରିଥିଲେ। ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।



# ନାବାଳିକାକୁ ଗଣଦୁଷ୍କର୍ମ:୪ ଗିରଫ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ସଦର ମହକୁମାର ଜଣେ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଗଣମାଧ୍ୟମକୁ ଅବଗତ କରାଇଛନ୍ତି ଯେ ଏହା ଏକ ଗଣଦୁଷ୍କର୍ମ ଘଟଣା। ମାଲକାନଗିରି ଠାରୁ ୧୦ କି.ମି. ଦୂର ମାଲକାନଗିରି-ଜୟପୁର ରାସ୍ତାର ବିଜାଘାଟି ନିକଟରେ ଏହି ଦୁଷ୍କର୍ମ ଘଟଣା ଘଟିଛି। ମାଲକାନଗିରି ସଦର ଥାନା ଅଞ୍ଚଳର ଜଣେ ନାବାଳିକା ଗତ ରବିବାର ସନ୍ଧ୍ୟାରେ ଜଣେ ସାଙ୍ଗଙ୍କ ଜନ୍ମଦିନ ପାର୍ଟିରେ ଯୋଗଦେବାକୁ ଯାଇଥିଲା ବେଳେ ସେ କିନ୍ତୁ ଘରକୁ ଫେରିନଥିଲା। ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ଝିଅଟିକୁ ପାଇନଥିଲେ। ରାତିରେ ବିଜାଘାଟିର ସ୍ଥାନୀୟ ଲୋକେ ଜାତୀୟ ରାଜପଥ- ୩୨୬ ନିକଟରେ ନାବାଳିକାଙ୍କୁ ଏକ ଟ୍ରକ୍ ଡ୍ରାଇଭର ସହ ସନ୍ଦେହଜନକ ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ। ଫଳରେ ସିମେଣ୍ଟ ବୋଝେଇ ଟ୍ରକ୍ ଡ୍ରାଇଭର ସହିତ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଥିଲେ । ତଦନ୍ତ ବେଳେ ଆଉ ୩ ଜଣ ଯୁବକ ମଧ୍ୟ ପୀଡ଼ିତ ସହିତ ଦୁଷ୍କର୍ମ କରିଥିବା ଜାଣିବାକୁ ପାଇଥିଲେ। ସେହି ୩ ଜଣ ଯୁବକ ମାଲକାନଗିରି ସଦର ମହକୁମାର ବୋଲି ଜଣାପଡିଛି। ଫଳରେ ପୋଲିସ ମୋଟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ପୀଡିତାଙ୍କୁ ଡାକ୍ତର ମାଇନା ପରେ ସ୍ଥାନୀୟ ଶକ୍ତି ସଦନ ଆଶ୍ରୟସ୍ଥଳୀରେ ରଖାଯାଇଛି। ବର୍ତମାନ ପୀଡିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି। ସୁସ୍ଥ ହେଲା ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ପୀଡିତା ନାବାଳିକାର ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଓ ପୋକ୍ସୋ ଆଇନ୍‌ରେ ମାମଲା ରୁଜୁ କରିଛି। ଏହି ଘଟଣା ପ୍ରଘଟ ହେବାପରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁଖିଲ ଓ କଂଗ୍ରେସର କର୍ମକର୍ତ୍ତା ମାନେ ପହଞ୍ଚି ଥାନା ନିକଟରେ ବିଭିନ୍ନ ନାରାବାଜି କରିଥିବା ବେଳେ ପୂର୍ବତନ ବିଧାୟକ ମାନସ ମାଡକାମୀ ଏବଂ ବିଜେଡ଼ିର କର୍ମକର୍ତ୍ତାମାନେ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦୃଢ ଦାବି କରିଛନ୍ତି। ବର୍ତମାନ ରାଜନୈତିକ ମହଲରେ ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି।

## ପୂର୍ବ ଭାରତରେ ପ୍ରଥମ

# ସଚେତନ ଅବସ୍ଥାରେ ଅତ୍ୟାଧୁନିକ ନ୍ୟୁରୋସର୍ଜରୀ କଲେ ସମ୍ ନ୍ୟୁରୋସର୍ଜନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବ ଭାରତରେ ପ୍ରଥମ ଥର ପାଇଁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡାକ୍ତରୀ ଟିମ୍ ସଫଳତାର ସହ ଏକ ଅତ୍ୟାଧୁନିକ ତଥା ଜଟିଳ ନ୍ୟୁରୋସର୍ଜରୀ ସମ୍ପାଦିତ କରିଛନ୍ତି। ରୋଗୀକୁ ସଚେତନ ଅବସ୍ଥାରେ ରଖି କର୍ଟିକାଲ୍ ଓ ସବ୍‌କର୍ଟିକାଲ୍ ବ୍ରେନ୍ ମ୍ୟାପିଂ ପଦ୍ଧତିରେ ମସ୍ତିଷ୍କର ଜଟିଳ ସ୍ଥାନରେ ଥିବା ବ୍ରେନ୍ ଟ୍ୟୁମରକୁ ଚିହ୍ନଟ କରି ଅସ୍ତ୍ରୋପଚାର କରିବାରେ ଏହି ନ୍ୟୁରୋସର୍ଜନ ସଫଳ ହୋଇଛନ୍ତି। ମଙ୍ଗଳବାର ସମ୍ ହସ୍ପିଟାଲ୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଅସ୍ତ୍ରୋପଚାର ସମ୍ପର୍କରେ ସୂଚନା ଦେଇ ନ୍ୟୁରୋସର୍ଜରୀ ବିଭାଗର ଆସୋସିଏଟ ପ୍ରଫେସର ଡାକ୍ତର ଶ୍ରୀକାନ୍ତ କୁମାର ସ୍ୱାଇଁ କହିଛନ୍ତି ଯେ ଜଣେ ୩୭ ବର୍ଷୀୟ ଯୁବକଙ୍କର ମସ୍ତିଷ୍କର ସ୍ପିଚ୍ ଓ ମୋଟର କଣ୍ଟ୍ରୋଲ୍ ଅଞ୍ଚଳରେ ଟ୍ୟୁମର ଚିହ୍ନଟ ହୋଇଥିବା ବେଳେ ସେ ସଚେତନ ଥିବା ଅବସ୍ଥାରେ ତାଙ୍କ ଶରୀରରେ ଏହି ଜଟିଳ ଅସ୍ତ୍ରୋପଚାର କରାଯାଇଛି। ଡାକ୍ତର ସ୍ୱାଇଁଙ୍କ ନେତୃତ୍ୱରେ ହସ୍ପିଟାଲ୍‌ର ବିଭିନ୍ନ ବିଭାଗର ଡାକ୍ତର ଏବଂ ଅନ୍ୟ ସଦସ୍ୟମାନେ ମିଳିତ ଭାବେ ଏହି ଜଟିଳ ଅସ୍ତ୍ରୋପଚାରକୁ ସଫଳ କରିବାରେ ସକ୍ଷମ ହୋଇଛନ୍ତି। ଏହି ଟିମ୍‌ରେ ନ୍ୟୁରୋଲଜି ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ଶ୍ରୀମନ୍ତ ପଟ୍ଟନାୟକ ଏବଂ ନ୍ୟୁରୋ ଆନେସ୍ଥେସିଷ୍ଟ ଡାକ୍ତର ଦେବୀ ପ୍ରସାଦ ମହାପାତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ପ୍ରକ୍ରିୟା ସମ୍ପର୍କରେ ତଥ୍ୟ ପ୍ରଦାନ କରି ଡାକ୍ତର ସ୍ୱାଇଁ କହିଥିଲେ ଯେ କର୍ଟିକାଲ୍ ଏବଂ ସବ୍‌କର୍ଟିକାଲ୍ ବ୍ରେନ୍ ମ୍ୟାପିଂ ଦ୍ୱାରା ମସ୍ତିଷ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଧାରା ଗୁଡ଼ିକୁ ସୁରକ୍ଷିତ ରଖାଯାଇ ଜୀବନ ପ୍ରତି ବିପଦଥିବା ଟ୍ୟୁମରଗୁଡ଼ିକୁ ବାହାର କରାଯାଇଥାଏ। ଡାଇରେକ୍ଟ ବ୍ରେନ୍ ଷ୍ଟିମୁଲେସନ୍ ଦ୍ୱାରା ଅସ୍ତ୍ରୋପଚାର ସମୟରେ ଅତ୍ୟାଧୁନିକ ପ୍ରକ୍ରିୟା ମାଧ୍ୟମରେ ଡାକ୍ତରୀ ଟିମ୍ ମସ୍ତିଷ୍କର ବିଭିନ୍ନ ଅଂଶ ଯାହାକି ଶରୀରର ବିଭିନ୍ନ ସ୍ଥାନର କାର୍ଯ୍ୟଧାରାରେ ସହାୟତା କରିଥାଏ ସେସବୁକୁ ଚିହ୍ନଟ ଏବଂ ପୃଥକ କରିବାରେ ସଫଳ ହୋଇଥାନ୍ତି ବୋଲି ସେ କହିଛନ୍ତି। ଅସ୍ତ୍ରୋପଚାର ପରେ ରୋଗୀ ଜଣକ ଧୀରେ ଧୀରେ ସୁସ୍ଥ ହେବାରେ ଲାଗିଛନ୍ତି ବୋଲି ସେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ ନ୍ୟୁରୋସର୍ଜନ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଏହି ସଫଳ ଅସ୍ତ୍ରୋପଚାରକୁ ନେଇ ଖୁସିବ୍ୟକ୍ତ କରିବା ସହ ଏହା ଓଡ଼ିଶା ପାଇଁ ଏକ ଗର୍ବର କଥା ବୋଲି କହିଥିଲେ। କର୍ଟିକାଲ୍ ଏବଂ ସବ୍‌କର୍ଟିକାଲ୍ ବ୍ରେନ୍ ମ୍ୟାପିଂ ଏକ ଉଚ୍ଚମାନର ଅତ୍ୟାଧୁନିକ ନ୍ୟୁରୋଲଜିକାଲ୍ ପ୍ରକ୍ରିୟା ଏବଂ ଏହାର ସଫଳତା ରାଜ୍ୟର ନ୍ୟୁରୋଲଜିକାଲ ସ୍ୱାସ୍ଥ୍ୟ ସେବାର ଉତ୍କର୍ଷକୁ ଦର୍ଶାଉଛି ବୋଲି ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବା ସୋଆର ପୂର୍ବତନ କୁଳପତି ପ୍ରଫେସର ମହାପାତ୍ର କହିଛନ୍ତି। ଏହି ଅବସରରେ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର କହିଥିଲେ ଯେ ପୂର୍ବ ଭାରତର ପ୍ରଥମ ଥର ପାଇଁ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଏହି ଅତ୍ୟାଧୁନିକ ଅସ୍ତ୍ରୋପଚାର କରାଯାଇଥିବା ବେଳେ ଏଭଳି ଜଟିଳ ଅସ୍ତ୍ରୋପଚାର ପାଇଁ ରୋଗୀମାନଙ୍କୁ ଆଉ ଦେଶର ଅନ୍ୟ ବଡ଼ ସହରକୁ ଯିବାକୁ ପଡ଼ିବନାହିଁ। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ବ୍ରେନ୍ ଟ୍ୟୁମର, ଏପିଲେପ୍ସି ଏବଂ ଅତ୍ୟାଧୁନିକ ବ୍ରେନ୍‌ମ୍ୟାପିଂ ଟେକ୍ନିକ୍ ଭଳି ଅତ୍ୟାଧୁନିକ ନ୍ୟୁରୋଲଜିକାଲ୍ ସ୍ୱାସ୍ଥ୍ୟ ସେବାର ଆଞ୍ଚଳିକ କେନ୍ଦ୍ର ଭାବେ ନିଜକୁ ପ୍ରତିପାଦିତ କରିପାରିଛି ବୋଲି ପ୍ରଫେସର ସାମନ୍ତସିଂହାର କହିଥିଲେ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ସୌଭାଗ୍ୟ ପାଣିଗ୍ରାହୀ ଏବଂ ନ୍ୟୁରୋଲଜି ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ଶ୍ରୀମନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।




# ବାଇକ୍ ଦୁର୍ଘଟଣାରେ ଓଏପିଏଫ୍ ଯବାନଙ୍କ ମୃତ୍ୟୁ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଏକ ବାଇକ୍ ଦୁର୍ଘଟଣାରେ ନବରଙ୍ଗପୁର ମୁଖ୍ୟ ଦପ୍ତରରେ କାର୍ଯ୍ୟରତ ଓଏପିଏଫ୍ ଯବାନଙ୍କ ମୃତ୍ୟୁ ଘଟିଛି । ଯବାନ ଜଣକ ହାଟଭରାଣ୍ଡି ଗ୍ରାମର ନରୋତ୍ତମ ଗଣ୍ଡ (୪୫) ଏବଂ ସେ ନବରଙ୍ଗପୁର ଜିଲ୍ଲା ପୋଲିସରେ ଓଏପିଏଫ୍ ଯବାନ ଭାବେ କାର୍ଯ୍ୟରତ ଥିଲେ। ସୂଚନା ପ୍ରକାରେ ଅପରାହ୍ନ ପ୍ରାୟ ସାଢ଼େ ୫ଟା ସମୟରେ ନରୋତ୍ତମ ନିଜ ଦାଦାଙ୍କ ସହ ଏକ ବାଇକ୍ କେରାପାରାରୁ ଫେରୁଥିବା ବେଳେ ମଝି ରାସ୍ତାରେ ଭାରସାମ୍ୟ ହରାଇ ଏକ ଧାନ ବୋଝେଇ ମିନିଟ୍ରକ୍ (ଟାଟା-୧୧୦୯) ଗାଡ଼ିର ପଛପଟେ ପିଟି ହୋଇଯାଇଥିଲା । ଫଳରେ ନରୋତ୍ତମ ଛିଟିକି ପଡ଼ିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେହି ରାସ୍ତା ଦେଇ ଯାଉଥିବା ଲୋକେ ତୁରନ୍ତ କୁନ୍ଦେଇ ପୋଲିସକୁ ଖବର ଦେବାପରେ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା ଘଟଣା ସ୍ଥଳରେ ପହଞ୍ଚି ନରୋତ୍ତମଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନିଜ ଗାଡ଼ିରେ ବସାଇ ହାଟଭରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସନ୍ଧ୍ୟା ପ୍ରାୟ ୬ଟା ସମୟରେ ନରୋତ୍ତମଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ନରୋତ୍ତମଙ୍କ ମୃତ୍ୟୁ ଖବରପାଇ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ଅନ୍ୟପଟେ ନରୋତ୍ତମଙ୍କ ଦାଦା ସୁରକ୍ଷିତ ରହିଥିବା ପୋଲିସ ସୂଚନା ଦେଇଛି ।

# ୭ଟି ମାମଲାରେ ୧୫ ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ଟାଉନ୍ ପୋଲିସ ୭ଟି ମାମଲାରେ ୧୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ଚୋରି, ଲୁଟ୍, ଦଦା ବଟି ଆଦାୟ ଭଳି ମାମଲାର ପର୍ଦ୍ଦାଫାସ କରିଛି ଜୟପୁର ଟାଉନ ପୋଲିସ। ଏନେଇ ୭ଟି ମାମଲାରେ ୧୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ଜୟପୁର ଟାଉନ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଠାରେ କୋରାପୁଟ ଏସ୍‌ପି ରୋହିତ ବର୍ମା ଉପସ୍ଥିତ ରହି ସୂଚନା ଦେଇଥିଲେ । ସୂଚନା ଅନୁଯାଇ ୨.୩.୨୫ ତାରିଖରେ ଏମଜି ରୋଡର ସାଇ କ୍ରିଷ୍ଣା ହୋଟେଲ ନିକଟରେ ସେଲୁନ ଦୋକାନରୁ ଚୋରି ହୋଇଥିଲା । ୭୫/୨୫ ଏନେଇ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଗୋପବନ୍ଧୁ ନଗରର ପଦ୍ମନ ମାଛ (୨୩) । ଗିରଫ ଅଭିଯୁକ୍ତ ଠାରୁ କଟର ମେସିନ୍, ଗ୍ରାଇଣ୍ଡର, ହାତୁଡି କପର ୱାଇର ଆଦି ଜବତ କରିଛି । ସେହିପରି ୧୬.୭.୨୫ ତାରିଖ ରାତ୍ରରେ ଆମ୍ବିକା ହୋଟଲ ନିକଟରେ ୨ ଜଣ ଅଜଣା ଦୁର୍ବୃତ୍ତ ମାଡ ମାରି ଲୁଟ୍ କରିଥିଲେ । ୪୦ ହାଜର ଟଙ୍କା, ୩ଟି ଏମ୍‌ଟିଏମ୍ କାର୍ଡ, ଡ୍ରାଇଭିଙ୍ଗ ଲାଇସେନ୍ସ ଆଦି ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ପୋଲିସ ୨୫୫/୨୫ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ୨ ଜଣ ଗିରଫ ହୋଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁ ନଗର ସନ୍ତୋଷ ଆଚାର୍ଯ୍ୟ (୨୧), ବାଦଲ ପୁଜାରି (୧୯) । ଏମାନଙ୍କ ଠାରୁ ୧୦ ହଜାର ଟଙ୍କା ଜବତ କରିଛି ପୋଲିସ । ସେହିପରି ୨୮.୩.୨୫ ତାରିଖରେ ଗୋଟିଏ ଦୋକାନରୁ ୨ଟି ମ୍ୟୁଜିକ୍ ସିଷ୍ଟମ୍, ୪ଟି ସ୍ପିକର, ୧୬ ହଜାର ଟଙ୍କା, ୨ଟି ତାଲା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ୧୩୫/୨୫ ମାମଲା ରୁଜୁ ହୋଇଥିଲା । ଏହି ମାମଲା ଆଧାରରେ ଜଣେ ଅଭିଯୁକ୍ତ ହୋଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା ହାଟପଦାର ରାଜୁ ଏଲିୟସ ମୋଟୁ ମାଝୀ (୨୩) । ସେହିପରି ୨୦.୭ .୨୫ ତାରିଖରେ ୨ ଜଣ ଅଜଣା ଦୁର୍ବୃତ୍ତ ପାରାବେଡା ସ୍ଥିତ ଏସ୍‌ବିଆଇ ଏଟିଏମ୍‌କୁ ଲକ୍ କରୁଥିଲେ ଏନେଇ ୨୬୫/୨୫ ମାମଲା ରୁଜୁ କରିଛି । ଫେବିକ୍ୟୁଟ ଲଗାଇ ଟଙ୍କା ଲୁଟ୍ କରିଥିବା ସିସି ଟିଭି ଫୁଟେଜ୍ ଆଧାରରେ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ହରିୟାଣା ରାଜ୍ୟର ରସିଦ (୨୯), ମୋହିନ (୨୯)କୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତଙ୍କ ଠାରୁ ୩ ହଜାର, ଫେବିକ୍ୟୁଟ, ଆଇରନ ପ୍ଲେଟକୁ ଜବତ କରିଛି । ଜୟପୁର ସହରର ଖ୍ରୀଷ୍ଟିଆନପେଟା ବିଜୁ ରାଜନଗର, ନୁଆସାହି ଏବଂ ଡିଆଇସି କୋଲନୀ ମଧ୍ୟରେ ଗୋଷ୍ଠି ସଂଘର୍ଷରେ ୨୬୨/୨୫, ୨୬୩/୨୫ ମାମଲା ରୁଜୁ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବିଜୁ ରାଜ ନଗରର ହିପ୍ରମ ନାଗ (୧୯), ପିୟୁସ ଖଲା (୧୯), ଗୋପବନ୍ଧୁ ନଗର ଅଙ୍ଗନ ସାଗର (୨୦), ନୁଆସାହିର ସନ୍ତୋଷ କଟିମ (୨୦), ନୁଆ ସାହି ୪ର୍ଥ ନାଇନ ପିଂଟୁ ହିଆଲ (୨୧) । ସେହିପରି ୨୨.୭.୨୫ ତାରିଖରେ ପୋଲିସ ପାଟ୍ରୋଲି କରୁଥିବା ବେଳେ ସୂଚନା ପାଇ ଥିଲା ଯେ ପୁରୁଣାଗଡ ଛକରେ ଦାଦା ବଟି ଆଦାୟ ସୂଚନା ପାଇ ଚଢଉ କରିଥିଲା । ଅଭିଯୁକ୍ତମାନେ ପରିବା ବିକାଳି ଦୋକାନ ଠାରୁ ବଟି ଆଦାୟ କରୁଥିବା ବେଳେ ଚଢାଉକରି ୪ ଜଣଙ୍କୁ ଗିରଫ କରିଛି । ଏମାନଙ୍କ ନାମରେ ୨୬୬/୨୫ ମାମଲା ରୁଜୁ କରି ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ହାଟପଦାର ରାଜୁ ଏଲିୟସ ମୋଟୁ ମାଝୀ (୨୩), ଚିଲିଗୁଡାର ଆକାଶ ହରିଜନ (୨୦), ଗୋପବନ୍ଧୁ ନଗର ଦଇତାରି ଏଲିୟସ ମହେଶ ସାଗର (୨୯) ଓ ରବିନ୍ଦ୍ର ବାଘ (୩୦) । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଟାଉନ୍ ପୋଲିସ ତରଫରୁ ସୂଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀର ଏସ୍‌ଡିପିଓ ପାର୍ଥ କଶ୍ୟପ ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୪।୭।୨୦୨୫, ଶ୍ରାବଣ ଦି୯ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୧୯।୩୫ ଚନ୍ଦ୍ରୋଦୟ- ନାସ୍ତି**

**ଅମାବାସ୍ୟା-** ରାଘ ୧୨।୪୧ ପର୍ଯ୍ୟନ୍ତ। **ପୁନର୍ବସୁ ନକ୍ଷତ୍ର-** ଦିଘ ୪।୪୩ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଦିଘ ୧୦।୫୯ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। ଦିଘ ୧୦।୫୯ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ଦିଘ ୧୦।୫୯ ମଧ୍ୟେ କନ୍ୟା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୧୨।୪୧ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୩ ଗତେ ଘ ୭।୦୭ ମଧ୍ୟେ । ଦିଘ ୧୦।୩୫ ଗତେ ଘ ୧।୧୧ ମଧ୍ୟେ । **ପର୍ବୋତ୍ସବ-** ଚିତାଲାଗି ଅମାବାସ୍ୟା, ନିଶାପାଳନ, ନଷ୍ଟ ଚନ୍ଦ୍ରୋପବାସ।



**ମେଷ:** କର୍ମକ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ସହଯୋଗୀମାନଙ୍କ ଅସହଯୋଗ ବ୍ୟତିବ୍ୟସ୍ତ କରିପକାଇବ। ଆୟରେ ବାଧା ତଥା କାର୍ଯ୍ୟରେ ପ୍ରତିରୋଧ ଶକ୍ତିର ମାତ୍ରା ବଢ଼ିବ। ମନରେ ବିରକ୍ତି ଭାବ ଜାଗ୍ରତ ହେବ।



**ବୃଷ:** କର୍ମରେ ଜୟଯୁକ୍ତ ହେବେ। ଆୟର ପରିମାଣ ବୃଦ୍ଧି ପାଇବ। ବହୁ ଦିନର ଆଶା ପୂରଣ ହେବାର ସୂଚନା। ସନ୍ତାନ ସନ୍ତତିଙ୍କ ପାଇଁ ଚିନ୍ତିତ ହେବେ। ମହିଳାମାନେ କର୍ତ୍ତବ୍ୟନିଷ୍ଠ ରହିବାର ସୂଚନା।



**ମିଥୁନ:** ପାରିବାରିକ ସହଯୋଗ ପାଇ କର୍ମପଥେ ଅଗ୍ରସର ହେବେ। ଆଶାବାଦୀ ହୋଇ ବେଶ୍ ସୁଫଳ ଲାଭ କରିବେ। ସହକର୍ମୀମାନେ ଆପଣଙ୍କର ପ୍ରଶଂସାରେ ଶତମୁଖ ହେବେ। ଆୟ ଓ ବ୍ୟୟ ସମାନ ରହିବ।



**କର୍କଟ:** ଦୂରଯାତ୍ରା କରି ବେଶ୍ ଦୁଇ ପଇସା ଅର୍ଜନ କରିବେ। ଆଧ୍ୟାତ୍ମିକ ପରିପ୍ରକାଶ ହେବ। ସାମାଜିକ କାର୍ଯ୍ୟରେ ବା ସେବା ପୂଜା ପ୍ରତି ମନୋନିବେଶ କରିବେ। ଗୃହେ ଆନନ୍ଦ ଦେଖାଦେବ।



**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ସେତେ ଶୁଭଙ୍କର ନୁହେଁ। ମନରେ ଦୁଶ୍ଚିନ୍ତା ଦେଖାଦେବ। ଆୟ ଠାରୁ ବ୍ୟୟର ପରିମାଣ କମିଯିବ। ଦୂରଯାତ୍ରାରେ ଦୁର୍ଘଟଣାର ଯୋଗ। ଘରେ ଅଶାନ୍ତି ଦେଖାଦେବ।



**କନ୍ୟା:** ସାହାଯ୍ୟ ସହଯୋଗ ଲାଭ କରିବେ। ଭ୍ରମଣ ଯୋଗ ରହୁଛି। ଆୟ ଠାରୁ ବ୍ୟୟର ପରିମାଣ କମିଯିବ। ପାରିବାରିକ ସୁଖ ଶାନ୍ତି ମିଳିବ। ବ୍ୟବସାୟରେ ଲାଭବାନ୍ ହେବେ। ଶରୀର ସୁସ୍ଥ ରହିବ।



**ତୁଳା:** ସବୁକିଛି ହେୟ ମନ ହେବ। ଧୀରେ ଧୀରେ ବାକି କାମକୁ ନିର୍ବାହ ପାଇଁ ଉଦ୍ୟମ କରିବେ। ଦିନସାରା କର୍ମଚଞ୍ଚଳ ରହିବେ। ଆୟ ମଧ୍ୟମ ହେବ। ନୂତନ ଦ୍ରବ୍ୟ ପ୍ରାପ୍ତି। ଗୃହେ ସୁଖ ଶାନ୍ତି ଲାଭ।



**ବିଛା:** ବୁଝି ବିଚାରି କାମ କଲେ ପ୍ରମାଦ ନପଡ଼ଇ ଭଲେ। ଦିନଟି ଭଲରେ କଟିବ। କିନ୍ତୁ ଏକାକୀ କୌଣସି କାର୍ଯ୍ୟ ପାଇଁ ପଦକ୍ଷେପ ନ ନେବା ଭଲ। ଆଲୋଚନାରୁ ଲାଭାନ୍ୱିତ ହେବେ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ।



**ଧନୁ:** ଦିନଟି ଅଶାନ୍ତିରେ କଟିବ। ସୁବିଧାବାଦୀମାନେ ଆପଣଙ୍କ ଠାରୁ ସ୍ୱାର୍ଥ ହାସଲ କରିବେ। ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ଅଧିକ ଧନ କ୍ଷୟର ସୂଚନା ମିଳେ। ପାରିବାରିକ ସୁଖ ଶାନ୍ତି ବଜାୟ ରହିବ।



**ମକର:** ପ୍ରତିବାଦ ବୃଦ୍ଧି ପାଇବ। ଦୂରଯାତ୍ରାରେ ଆନନ୍ଦ ଅନୁଭବ କରିବେ। ସାମାଜିକ କାର୍ଯ୍ୟରେ ଯୋଗଦାନ ଦ୍ୱାରା ନିଜର ଲୋକ ସମ୍ପର୍କ ବଢ଼ିବ। ଆୟ ପୂର୍ବ ପରି ରହିବ। ଗୃହେ ଶାନ୍ତି ଲାଭ।



**କୁମ୍ଭ:** ଭଲ କଥା କହି ସବୁରି ପାଖରେ ନିନ୍ଦିତ ହେବେ। ସହଯୋଗୀ ମାନଙ୍କ ଅସହଯୋଗରୁ ବାଦବିବାଦ ସୃଷ୍ଟି ହେବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଶାନ୍ତି ବଜାୟ ରହିବାର ସୂଚନା ମଧ୍ୟ।



**ମୀନ:** ସଂଯମତା ରକ୍ଷା କଲେ ଭଲ। କର୍ମକ୍ଷେତ୍ରରେ ଅଶାନ୍ତି। ପରିଶ୍ରମ ବଢ଼ିବ। ଅଧସ୍ତନ ବ୍ୟକ୍ତି ନିକଟରେ ମଥାନତ କରି ଅସୁଖୀ ହେବେ। ମାନହାନୀର ଆଶଙ୍କା ମଧ୍ୟ ରହିଛି। ଆୟ ଓ ବ୍ୟୟ ସମାନ ରହିବ।

# ୭୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ:ଦମ୍ପତି ଗିରଫ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ନିଶା କାରବାର କରି ରାତାରାତି ଲକ୍ଷପତି ସାଜିବା ଲୋଭ ମହାଙ୍ଗା ପଡିଛି ଏକ ପରିବାରକୁ। ନିଶା କାରବାର ରୋକିବା ଅଭିଯାଗରେ ବରଗଡ଼ ପୋଲିସ ଆକ୍ସନ୍ ମୁଡ଼ରେ ଥିବାରୁ ବ୍ରାଉନ୍‌ସୁଗାର କାରବାର ସହିତ ଏକ ଦମ୍ପତି ପୋଲିସ ଜାଲରେ ଛନ୍ଦି ହୋଇ ଜେଲ୍ ଯିବାକୁ ପଡିଛି। ସୂଚନା ମତେ ମଙ୍ଗଳବାର ସକାଳୁ ସ୍ଥାନୀୟ ଘରୋଇ ବସ୍‌ଷ୍ଟାଣ୍ଡ ନିକଟରୁ ୭୦ ଗ୍ରାମ୍ ବ୍ରାଉନ୍‌ସୁଗାର ସହିତ ଦମ୍ପତିଙ୍କୁ ଗିରଫ କରିଛି ବରଗଡ଼ ପୋଲିସ। ଗିରଫ ଦମ୍ପତି ହେଲେ, ସ୍ଥାନୀୟ ୱାର୍ଡ଼ ନଂ- ୫ ବିଶିପଡାର ସୁକାନ୍ତ ସୁନା (୩୫) ଏବଂ ସ୍ତ୍ରୀ ରୋଜି (୩୫) । ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୪ହଜାର ଟଙ୍କା, ଏକ ଚେକ୍ ବୁକ୍ ଏବଂ ଏକ ବ୍ୟାଙ୍କ ପାସ୍‌ବୁକ୍ ଜବତ ହୋଇଛି। ଏ ନେଇ ବରଗଡ଼ ଟାଉନ୍ ଥାନା ପୋଲିସ ଏକ ମାମଲା (ନଂ-୩୫୯/୨୫) ରୁଜୁ କରି ଦାମ୍ପତିଙ୍କୁ କୋର୍ଟ ଚାଲାଣ କରାଯାଇଛି। ସହରରେ ଏହି ନିଶା କାରବାର ନେଇ ପୋଲିସ ଅଧିକ ଅନୁସନ୍ଧାନ ଚଳାଇଛି।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୫।୭।୨୦୨୫, ଶ୍ରାବଣ ଦି୧୦ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୧୯।୫୭ ଚନ୍ଦ୍ରୋଦୟ- ପ୍ରାଘ ୫।୩୪।୧୬**

**ପ୍ରତିପଦ-** ରାଘ ୧୧।୨୩ ପର୍ଯ୍ୟନ୍ତ। **ପୁଷ୍ୟା ନକ୍ଷତ୍ର-** ଦିଘ ୪।୦୧ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ରାଘ ୧୧।୨୩ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୩ ଗତେ ଘ ୬।୧୬ ମଧ୍ୟେ । ଦିଘ ୧୨।୧୯ ଗତେ ଘ ୨।୫୪ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତ ପାଇଁ ବିପଦ

ଭାରତର ସୁରକ୍ଷା ଉପରେ ବିପଦ ତିନି ଦେଶର ଏକାଠୀ ହେବା। ଚୀନ-ପାକିସ୍ତାନ ଓ ବାଂଲାଦେଶ ସେମାନଙ୍କ ହିତ ପାଇଁ ପରସ୍ପରକୁ ସହଯୋଗ କରୁଛନ୍ତି । ଏହା ଭାରତର ସ୍ଥିରତା ଏବଂ ସୁରକ୍ଷା ଉପରେ ପ୍ରଭାବ ପରାଇବ । ଏହି ତିନି ଦେଶ ମଧ୍ୟରେ ମେଣ୍ଟ ଦେଶର ସୁରକ୍ଷା ପାଇଁ ବିପଦ । ଦେଶର ଚିଫ୍ ଜଷ୍ଟିସ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ଏକ କାର୍ଯ୍ୟକ୍ରମରେ ଭରାତର ରାଷ୍ଟ୍ରୀୟ ସୁରକ୍ଷାକୁ ନେଇ ଏହା କହିଛନ୍ତି । ସିଡିଏସ୍ କହିଛନ୍ତି, ଆଜି ବୈଶ୍ୱିକ ସ୍ଥିତି ବହୁତ ଅସ୍ଥିର, ଦୁନିଆ ପୁରୁଣା ବ୍ୟବସ୍ଥାରୁ ନୂଆ ବୈଶ୍ୱିକ ସନ୍ତୁଳନ ଦିଗରେ ବଢୁଛି। ଏହି ପରିବର୍ତ୍ତନ ମଧ୍ୟରେ ଆମେ ଆମେରିକାର ଭୂମିକା ମଧ୍ୟ ଜଟିଳତା ସୃଷ୍ଟି କରିଛି । ମଜବୁତ ଅର୍ଥବ୍ୟବସ୍ଥା ଦେଶର ଶକ୍ତି । ଆର୍ଥିକ ଓ ବ୍ୟବସାୟିକ ସୁରକ୍ଷା ବି ରାଷ୍ଟ୍ରୀୟ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ । ସ୍ଥିର ବିକାଶ ଏବଂ ପ୍ରଗତି ପାଇଁ ମଜବୁତ ଅର୍ଥବ୍ୟବସ୍ଥା ଜରୁରୀ । ସୁରକ୍ଷା ସେବେ ସମ୍ଭବ ହେବ ଯେବେ ଅନ୍ତରୀକ ସୁରକ୍ଷା ସ୍ଥିତି ମଜବୁତ ଏବଂ ଆର୍ଥିକ ଆଧାର ସ୍ଥିର ହେବ।'' ସେ ଆହୁରି କହିଛନ୍ତି, ଭାରତ ପରି ବିବିଧତା ଭରା ଦେଶରେ ସାମାଜିକ ଏବଂ ଅନ୍ତରୀକ ସୁରକ୍ଷାକୁ ହାଲୁକାରେ ନିଆ ଯାଇପାରିବ ନାହିଁ । ଆମ ଦେଶ ବହୁଭାଷୀ, ବହୁଧର୍ମୀ ଏବଂ ବହୁଜାତୀୟ, ସାମାଜିକ ଏକତା ରଖିବାକୁ ବହୁତ ଜରୁରୀ । ଚୀନ, ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଯଦି ରଣନୀତିକ ସହଯୋଗ ହୁଏ । ତେବେ ଏହାର ପ୍ରଭାବ ଭାରତର ସୁରକ୍ଷା ଉପରେ ପଡିବ। ଏହି ୩ ଦେଶ ଭାରତ ବିରୋଧରେ ରଣନୀତିକ ଚ୍ୟାଲେଞ୍ଜ ସୃଷ୍ଟି କରିପାରନ୍ତି।'' ଏବେ ଯୁଦ୍ଧର ତରିକା ବଦଳିଛି। ଯୁଦ୍ଧ ଏବେ କେବଳ ସୀମା ନୁହେଁ ସାଇବର, ଇଲେକ୍ଟ୍ରାନିକ ଅସ୍ତ୍ର, ମିସାଇଲ ହାଇପରସୋନିକ ଜରିଆରେ ହେଉଛି । ଏ ସବୁ ଏବେ ଅନେକ ଦେଶର ପୂର୍ଣ୍ଣ ରକ୍ଷା ପ୍ରଣାଳୀରେ ନାହିଁ । ଭାରତକୁ ତାର ପ୍ରସ୍ତୁତିକୁ ସବୁ ସ୍ତରରେ ବଢାଇବାକୁ ହେବ । ସିଡିଏସ୍ କହିଛନ୍ତି ଯେ ଯଦି ଚୀନ୍, ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ କୌଣସି ପ୍ରକାରର ରଣନୈତିକ ସହଯୋଗ ହୁଏ, ତେବେ ଏହାର ସିଧାସଳଖ ପ୍ରଭାବ ଭାରତର ସୁରକ୍ଷା ଉପରେ ପଡ଼ିବ। ଏହି ତିନି ଦେଶର ସାଧାରଣ ସ୍ୱାର୍ଥ ଭାରତ ବିରୁଦ୍ଧରେ ଏକ ରଣନୈତିକ ଚ୍ୟାଲେଞ୍ଜ ହୋଇପାରେ, ବିଶେଷକରି ଯେତେବେଳେ ବାଂଲାଦେଶର ରାଜନୈତିକ ପରିସ୍ଥିତି ଅସ୍ଥିର ଥାଏ ଏବଂ ଏହାର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଭାରତରେ ଆଶ୍ରୟ ନେଇଛନ୍ତି । ପହଲଗାମ ପ୍ରତିଶୋଧ ନେଇ ମେରେ ହୋଇଥିବା 'ଅପରେସନ୍ ସିନ୍ଦୂର'କୁ ନେଇ ସିଡିଏସ୍ କହିଛନ୍ତି, ଏହି ସଂଘର୍ଷ ଭାରତ-ପାକିସ୍ତାନର ପରମାଣୁ ଧମକକୁ ଭୁଲ ପ୍ରମାଣିତ କରିଛି । ଏହା ଦୁନିଆ ପାଇଁ ଏକ ଶିକ୍ଷା ଯାହା ପରମାଣୁ ଡର ଦେଖାଇ କୌଣସି ଦେଶ ତାର ବଦଭ୍ୟାସ ବଦଳାଇପାରିବ ନାହିଁ ।

# ଗ୍ରାମ ଉନ୍ନୟନରେ ଜାତୀୟ ବିକାଶ ସନ୍ନିହିତ ଥାଏ



ଉମାଶଙ୍କର ପ୍ରସାଦ
ସ୍ତମ୍ଭକାର,
ଖୋରଧା
ମୋ-୬୩୭୦୬ ୭୫୫୬୨

ଭାରତୀୟ ଜନତାଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଗ୍ରାମାଞ୍ଚଳରେ ବାସ କରିଥାନ୍ତି ବୋଲି ସର୍ବେକ୍ଷଣ କହେ। ଯଦି ଆମେ ଭୌଗଳିକ ଦୃଷ୍ଟିରୁ ବିବେଚନା କରିବା ତେବେ ଆପାତତଃ ୯୬ ପ୍ରତିଶତ ଭାଗ ଗ୍ରାମାଞ୍ଚଳର ସୀମା ଅନ୍ତର୍ଭୁକ୍ତ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ବିକାଶକୁ ଆଖି ଆଗରେ ରଖି ସେମାନଙ୍କର ସାମାଜିକ, ଆର୍ଥିକ ବିକାଶକୁ ନେଇ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି କାରଣ ସେହିମାନେ ହେଉଛନ୍ତି ସରକାରଙ୍କର ଅସଲ ଭୋଟ ବ୍ୟାଙ୍କ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ସେଦିନର ନେହେରୁଙ୍କ ଅମଳରୁ ଆଜିର ମୋଦିଙ୍କ ଶାସନ କାଳ ଭିତରେ ଆଜିର ଗ୍ରାମ୍ୟ ଭାରତର ଅବସ୍ଥା ଯେମିତି ରହିଛି, ଯେଉଁଠି ପାନୀୟ ଜଳ, ବିଦ୍ୟୁତ, ସଡକ, ବାସଗୃହ, ଖାଦ୍ୟ ଏବଂ ବସନ ଭଳି ମୌଳିକ ଆବଶ୍ୟକତାର ଅଭାବ ମର୍ମେ ମର୍ମେ ଅନୁଭବ କରି ବସିଲେ ଯେକୌଣସି ଭାରତୀୟ ଚିନ୍ତାରେ ଆହତ ହେବା ସ୍ୱାଭାବିକ। ଆଜକୁ ୭ ବର୍ଷ ତଳର କଥା, ମାସ ଥିଲା ଏହି ଏପ୍ରିଲ। ମହାରାଷ୍ଟ୍ରର ଲାଟୁର ବାସୀଙ୍କୁ ଜଳ ସଙ୍କଟରୁ ରକ୍ଷା କରିବା ପାଇଁ ମୋଦିଜୀ ଲକ୍ଷ ଲକ୍ଷ ଟନ୍ ଜଳ ପ୍ରେରିତ କରି ଲାଟୁର ବାସୀଙ୍କଠାରୁ ବାଃ ବାଃ ସାଉଣ୍ଟିଥିଲେ କେବଳ ଲାଟୁରବାସୀ ନୁହଁନ୍ତି ତାଙ୍କର ଏଭଳି ଆଶୁ ପଦକ୍ଷେପ ଯୋଗୁଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କ ଠାରୁ ଆରମ୍ଭ କରି ବହୁ ଉଚ୍ଚ ସୋପାନ ବ୍ୟକ୍ତି ତାଙ୍କୁ ବଧାଇ ଜଣାଇଥିଲେ। କେବଳ ଲାଟୁର ନୁହଁ, ଦେଶର ବହୁ ରାଜ୍ୟ ଏପରିକି ନଦୀ ବହୁଳ ଓଡିଶା ଭଳି ରାଜ୍ୟ ମଧ୍ୟ ଜଳସଙ୍କଟର ଶିକାରରୁ ବାଦ୍ ଯାଇ ନାହିଁ। ଖରାଦିନେ ପାନୀୟ ଜଳଠାରୁ ଆରମ୍ଭ କରି ବର୍ଷା ଦିନେ ବର୍ଷାର ଅଭାବ ଯୋଗୁଁ କୃଷି ଜଳର ସଙ୍କଟ ଖାଦ୍ୟାଭାବର ପରିଣତିକୁ ଉଦବେଗଜନକ ପରିଣତିରେ ଆଣି ପହଞ୍ଚାଇ ସାରିଛି। ଯେଉଁଥିପାଇଁ କି ଏ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଏକ ଗୁରୁତର ବିଷୟ ହୋଇ ଯାଇଛି। ଏବେ କ୍ରମାନ୍ୱୟରେ ପ୍ରତୀୟମାନ ହେଉଛି ଯେ ଗ୍ରାମ ଉନ୍ନୟନ ପ୍ରକଳ୍ପ ଏବଂ ଦାରଦ୍ର୍ୟ ଦୂରୀକରଣ ଯୋଜନା ପ୍ରତି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନକଲେ କୌଣସି ଯୋଜନା ଫଳବତୀ ହେବା ସମ୍ଭବ ନୁହେଁ। ଏହି ଉଦ୍ଦେଶ୍ୟରେ ସମଗ୍ର ଦେଶରେ ଚାରିଆଡେ ଗ୍ରାମବାସୀଙ୍କୁ ଦୃଷ୍ଟିରେ ରଖି ଅନେକ ନୂତନ ପ୍ରକଳ୍ପର ଭିତ୍ତି ସ୍ଥାପନା ଚାଲୁଛି। ଏବଂ ତା ସଙ୍ଗେ ସଙ୍ଗେ ପଡିରହିଥିବା ପୁରୁଣା ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ପ୍ରଚେଷ୍ଟା ଜାରି ରହିଛି।

ଏକଦା ଗାନ୍ଧିଜୀ ତାଙ୍କର ପ୍ରିୟ ଲେଖକ ମୁଲକରାଜ ଆନନ୍ଦଙ୍କୁ ସାକ୍ଷାତ କାଳରେ କହିଥିଲେ ଭାରତୀୟ ଗ୍ରାମ୍ୟ ଉନ୍ନୟନ ତ୍ୱରାନ୍ୱିତ ହୋଇ ନପାରିଲେ ଆମେ ବିଶାଳ ଭାରତକୁ ମନ ମୁତାବକ ଗଢି ପାରିବା ନାହିଁ। ଗାନ୍ଧିଜୀ ଇଚ୍ଛା କରିଥିଲେ ଭାରତୀୟ ଗ୍ରାମଗୁଡିକ ସ୍ୱାଧୀନ ଗଣତାନ୍ତ୍ରୀକ ଢାଞ୍ଚାରେ ଶାସନରେ ସ୍ୱାଧୀନତା ଅବଲମ୍ବନ କରି ଦୈନନ୍ଦିନର ଚାହିଦା ପୁରଣ ନିମନ୍ତେ ପର୍ଯ୍ୟାପ୍ତ ଅର୍ଥ ଯୋଗାଡ କରି ଗ୍ରାମବାସୀଙ୍କ ଦ୍ୱାରା ନିଜକୁ ନିଜେ ଶାସନ କରି ଚାଲନ୍ତୁ। ଭାରତ ଯେହେତୁ ଏକ କୃଷି ପ୍ରଧାନ ଦେଶ, ତେଣୁ ଗାଉଁଲି ଲୋକଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସମତୁଲ ଦୃଷ୍ଟିଭଙ୍ଗି ଏବଂ ପୁଞ୍ଜି ନିବେଶର ଆବଶ୍ୟକତା ଜରୁରୀ ଅଟେ। ଆମ ଗାଁ ଗହଳିରେ ଜନସଂଖ୍ୟାର ହାର ଅଧିକ ଥିବାରୁ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛଳତା ଦିଗରୁ ବହୁ ପଛରେ ଗତି କରୁଥିବାରୁ ସରକାର ଏବେ ଗ୍ରାମାଞ୍ଚଳର ଲୋକଙ୍କ ସୁବିଧା ନିମନ୍ତେ ବେଶ ଦୃଷ୍ଟି ଦେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ଚନ୍ତାଧାରା ସ୍ୱୟଂ ସମ୍ପୂର୍ଣ୍ଣ ତଥା ସୁଦୂର ପ୍ରସାରୀ। ସେଇଥିପାଇଁ ଏକଦା ବିଶେଷଜ୍ଞ ଜି. ଏଓ୍ୱାହା ଏମିତି ବିନ୍ୟାସ କରିଥିଲେ, ' ଗ୍ରାମ୍ୟ ଉନ୍ନୟନ ହେଉଛି ଗ୍ରାମାଞ୍ଚଳର ବିକାଶ; ସମୟେ ସମୟେ ଜଳସେଚନର ସୁବିଧା, ବ୍ୟାପକ ବିଦ୍ୟୁତିକରଣ, କୃଷି ପ୍ରଣାଳୀରେ ଉନ୍ନତି, ବିଦ୍ୟାଳୟ ନିର୍ମାଣ, ଶିକ୍ଷା ସୁବିଧା ଓ ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା ଆଦିକୁ ଗ୍ରାମ୍ୟ ଉନ୍ନୟନ ବୁଝାଇଥାଏ।'ଉ ଅନେକ ଏହାକୁ ଏକପାଖିଆ ମତ ବୋଲି କହିଥିଲେ ମଧ୍ୟ ପଲ୍ଲୀ ସମାଜରେ ଯେଉଁ ପଞ୍ଚ ପରିବର୍ତ୍ତନ ଘଟି ଚାଲୁଛି ତାହାହିଁ ଗ୍ରାମ୍ୟ ଉନ୍ନୟନର ଜଟିଳ ତଥା ଦୀର୍ଘସୂତ୍ରୀ ଧାରା ଭାବେ ଗ୍ରହଣ କରାଯାଉଛି। କାରଣ ଗାଇଁଲି ଲୋକଙ୍କ ଜୀବନ ଶୈଳୀରେ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ଯୋଜନାଭିତ୍ତିକ ଯେଉଁ ସବୁ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି ଏହା ସେଗୁଡିକର ପ୍ରତିନିଧିତ୍ୱ କରେ।

ଆଜି ଭାରତବର୍ଷରେ ୭୦ ପ୍ରତିଶତ ଲୋକ ଗାଁରେ ବାସ କରୁଥିଲେ ସୁଦ୍ଧା ଗ୍ରାମ୍ୟ ସ୍ତରରେ ଅଭିବୃଦ୍ଧି ନିମନ୍ତେ ଯେତେ ପ୍ରାଧାନ୍ୟ ଦେବା କଥା ତାହା ଦିଆ ଯାଉନାହିଁ। ଆମ ମିତବ୍ୟୟତା ଦ୍ରୁତ ଅଭିବୃଦ୍ଧି ଅଭିମୁଖେ ଆଗେଇ ଚାଲିଛି। କୋହଳ ନୀତି ଅନୁସୃତ ହେବାରୁ ଉତ୍ପାଦ, ସେବାକ୍ଷେତ୍ର ଓ ସୂଚନା ପ୍ରଯୁକ୍ତିରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି। ଶିଳ୍ପ ତଥା ବଡ ବଡ ନିଗମ ଯଦିଓ ଜଗତୀକରଣରେ ସାମିଲ ହେଲେଣି; କିନ୍ତୁ କେହି ଏହିସବୁ ଅଭିବୃଦ୍ଧି ପରି ଗ୍ରାମାଞ୍ଚଳର ଅଭିବୃଦ୍ଧି ଘଟୁ ବୋଲି ଚିନ୍ତା କରୁନାହାଁନ୍ତି। ଗ୍ରାମାଞ୍ଚଳର ଆଭ୍ୟନ୍ତରୀଣ ଅଭିବୃଦ୍ଧି ଘଟିବା ଫଳରେ ସମୁଦାୟ ଗ୍ରାମ୍ୟବିକାଶର ପଞ୍ଚ ପରିବର୍ତ୍ତନ ହେବ ବୋଲି ଯାହା ଗାନ୍ଧିଜୀ କହୁଥିଲେ ତାହା ସମ୍ପୂର୍ଣ୍ଣ ଠିକ୍। ଭାରତରେ ଗ୍ରାମ୍ୟ ଉନ୍ନୟନର ସମୀକ୍ଷା କଲାବଳେ ବୁଝାପଡେ ସମୟର ଅଗ୍ରଗତି ମଧ୍ୟରେ ଏହାର ଚିନ୍ତାଧାରାରେ ପରିବର୍ତ୍ତନ ଘଟିଛି। ଡେରିରେ ହେଲେ ସୁଦ୍ଧା ଗ୍ରାମ୍ୟ ଉନ୍ନୟନ କହିଲେ, 'କୃଷିର ବ୍ୟାପକତା, ଅଭିବୃଦ୍ଧି ଏବଂ ଜନସଂଖ୍ୟାର ୩୦ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିବାବେଳେ ବହୁ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବାରୁ ଏହାକୁ ପ୍ରକୃତ ଅଭିବୃଦ୍ଧି ବୁଝାଯିବ ନାହିଁ। ଗ୍ରାମ୍ୟ ଉନ୍ନୟନ ଗ୍ରାମ୍ୟ ମିତବ୍ୟୟତାର ସମସ୍ତ କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଚାହେଁ। ସେହି କ୍ଷେତ୍ରଗୁଡିକ ପ୍ରାଥମିକ ଶ୍ରେଣୀୟ, ଦ୍ୱିତୀୟ ଶ୍ରେଣୀୟ ଏବଂ ଆଞ୍ଚଳିକ ଶ୍ରେଣୀୟ ହୋଇଥିବା ଦରକାର। ଆମେ ଏକବିଂଶ ଶତାବ୍ଦୀର ସାମ୍ପ୍ରତିକ ଯେ କୌଣସି ଏକ ଦଶକରେ କୌଣସି ଗାଁକୁ ବୁଲିଗଲେ ଦେଖିବା ଯେ ସେହି ଗାଁ ଭିତରେ ଅବସ୍ଥିତ ଘରଗୁଡିକ ମାଟି କାନ୍ଥ, ନଡା ବାଉଁଶରେ ତିଆରି ଚାଳ ଛପରରେ ନିର୍ମିତ। ଚାଳରେ ଠାବେ ଠାବେ କଣା ହୋଇ ଦିନରେ ସୂର୍ଯ୍ୟ କିରଣ ଓ ରାତିରେ ଚନ୍ଦ୍ରକିରଣ ଘର ଭିତରକୁ ପଡିଥାଏ। ସେହି ଅବସ୍ଥାରେ ସେମିତି ଦୁଃଖ କଷ୍ଟରେ ସେମାନେ ମୁଣ୍ଡ ଗୁଞ୍ଜି ରହିଥାନ୍ତି। ଭୋକ ଉପାସରେ ଦିନ କାଟିବା ସତ୍ତ୍ୱେ ପାଣିର ଅଭାବ ଅଧିକାଂଶ ଗ୍ରାମବାସୀଙ୍କ ପକ୍ଷେ ଯେଉଁଭଳି କଷ୍ଟ ଦାୟକ ତାହା ଆଖିରେ ନଦେଖିଲେ ବିଶ୍ୱାସ କରି ହୁଏ ନାହିଁ। ଝିଅ ବୋହୁମାନେ ଖରା ଦିନେ ପାଣି ମୁନ୍ଦିଏ ପାଇଁ କାହିଁ କେତେ ଦୂର ଝରଣା ପାଖକୁ ଡେକ୍ଚି ମାଠିଆ ବୋହି ଯାଆନ୍ତି। ଏସବୁ କ୍ଷେତ୍ରରେ ପାନୀୟ ଜଳ ଯୋଗାଣ ନିମନ୍ତେ ଦୂର ଦୂରାନ୍ତ ଯାଇ ଦୈନନ୍ଦିନ କାର୍ଯ୍ୟ କରିବା କ୍ଲାନ୍ତିକର ଏବଂ କଷ୍ଟକର ସମସ୍ୟା। କେବେଳ ନଳ ପାଇପ୍ ବ୍ୟବସ୍ଥା ଦ୍ୱାରା ଏହାର ଅନେକାଂଶରେ ସମାଧାନ ହୋଇପାରେ। ଗ୍ରାମାଞ୍ଚଳ ଉନ୍ନୟନ ନିମନ୍ତେ ବୃତ୍ତିଗତ ତାଲିମ ଏବଂ ଶିକ୍ଷାଗତ ସୁବିଧା ସହ ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ସୁବିଧା ତଥା ନିଯୁକ୍ତି ସୁଯୋଗର ବ୍ୟବସ୍ଥା କରାଗଲେ ଗ୍ରାମୀଣ ଲୋକଙ୍କର ଜୀବନ ଧାରଣର ମାନ ନିଶ୍ଚୟ ବୃଦ୍ଧି ପାଇପାରନ୍ତା। ବର୍ତ୍ତମାନ ଆମକୁ ବୁଝିବାକୁ ହେବ କୃଷି ବିକାଶ ସେତେବେଳେ ଠିକ୍ ସମ୍ଭବ ହେବ, ଯେତେବେଳେ ଆମ ଦେଶରେ ଭୂସଂସ୍କାର ପଦ୍ଧତି ସମ୍ପୂର୍ଣ୍ଣ ଫଳପ୍ରଦ ଅବସ୍ଥାରେ ଲାଗୁହେବ, ଜଳ ଯୋଗାଣର ଚାହିଦା ଠିକ୍ ରହିବ ଏବଂ ଜମିର ଚାହିଦା ଅନୁସାରେ ଉତ୍ତମ ବିହନ, ଉପଯୋଗୀ ଖତ, ସାର ଏବଂ ଔଷଧ ବ୍ୟବହାରରେ କୌଣସି ପ୍ରକାର ଅସୁବିଧା ରହିବ ନାହିଁ। ଗ୍ରାମାଞ୍ଚଳରେ ଦ୍ରୁତ ବିକାଶ ଘଟାଇବାକୁ ଭାରତ ସରକାର ଯେ ବଦ୍ଧପରିକର ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ। ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ ଗାଁ ଗହଳିରେ ବସବାସ କରୁଥିବା ଲୋକମାନଙ୍କ ଜୀବନ ଧାରଣ ମାନରେ ଯଥାଯଥ ଉନ୍ନତି ଆଣିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ଅନେକଙ୍କ ମନେଥିବ ୧୯୫୨ ମସିହାରେ ଦେଶର ପ୍ରାଥମିକ ଗ୍ରାମ୍ୟ ଯୋଜନା ଭାବେ ଏକ ଗୋଷ୍ଠୀ ଉନ୍ନୟନ ଯୋଜନାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଚାଷୀମାନଙ୍କୁ ଉଚ୍ଚମାନର ବିହନ ସମେତ ଆଧୁନିକ କୃଷି ଯନ୍ତ୍ରପାତି ଏବଂ ରାସାୟନିକ ଔଷଧ ଯୋଗାଇବା। ଏହାଛଡା ଜଳସେଚନରେ ଯେପରି ଉନ୍ନତି ଘଟିବ ସେହି ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ଗ୍ରାମ୍ୟ ପଶୁପାଳନ, କ୍ଷୁଦ୍ରଶିଳ୍ପ ଯୋଜନାର ଉନ୍ନତି ଏସବୁକୁ ଆଖିରେ ରଖି ଗ୍ରାମ୍ୟ ପୁନର୍ନିର୍ମାଣ ମନ୍ତ୍ରଣାଳୟ ଗଠିତ ହୋଇଥିଲା ଯାହାର ପ୍ରମୁଖ କାର୍ଯ୍ୟ ଥିଲା ଗ୍ରାମ ଉନ୍ନୟନ। ମନେ ରଖିବାକୁ ହେବ ଯେ ସ୍ୱାସ୍ଥ୍ୟ ଏବଂ ଶିକ୍ଷାପରି କଲ୍ୟାଣକର ଯୋଜନାର ଉନ୍ନତି ହିଁ ଗ୍ରାମ୍ୟ ଉନ୍ନୟନର ସାମାଜିକ ଆକୃତି ଗଠନରେ ସହାୟକ ହୋଇଥାଏ। ଗ୍ରାମ୍ୟ ଉନ୍ନୟନ ଦିଗରେ ପଞ୍ଚାୟତରାଜର ଅବଦାନକୁ କେବେହେଲେ ଅସ୍ୱୀକାର କରାଯାଇ ନ ପାରେ। ନୂତନ ପଦକ୍ଷେପ ଭାବରେ ଏବେ ସାରା ଦେଶରେ ଗ୍ରାମସଭା ଏକ ସ୍ୱଷ୍ଟ ଅନୁଷ୍ଠାନ ଭାବେ ଉଭା ହୋଇଛି।

# ଓଡିଆ ସଂସ୍କୃତିରେ ଚିତାଲାଗି ଅମାବାସ୍ୟା



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଭଗବାନ ଶିବଙ୍କ ପ୍ରିୟ ମାସ ଶ୍ରାବଣରେ ପଡୁଥବା ଅମାବାସ୍ୟାକୁ ଚିତାଲାଗି ବା ଚିତୋଉ ଅମାବାସ୍ୟା କୁହାଯାଏ । ଏହା ଓଡ଼ିଶାରେ ପାଳିତ ହେଉଥିବା ଏକ ଗଣପର୍ବ । ଚିତାଲାଗି ଅମାବାସ୍ୟାରେ ପ୍ରତି ଓଡିଆ ଘରେ ଚିତୋଉ ପିଠା ପ୍ରସ୍ତୁତ ହେବାର ପରମ୍ପରା ରହିଛି । ଏଣ୍ଡୁରୀ, ଚକୁଳି, ମଣ୍ଡା ପରି ଚିତୋଉ ଏକ ସ୍ୱତନ୍ତ୍ର ଧରଣର ପିଠା । ଅନ୍ୟ ପିଠା ଓଲଟାଇ ପ୍ରସ୍ତୁତ କରାଯାଉଥିବା ବେଳେ ଏହାକୁ ଓଲଟା ଯାଇନଥାଏ । ତେଣୁ ଏହାକୁ ଅଣଲେଉଟା ପିଠା କୁହାଯାଏ । ଗୃହିଣୀମାନେ ଅରୁଆ ଚାଉଳ ଓ ନଡିଆକୁ ଚିକ୍କଣ କରି ବାଟି ଏଥିରେ ଛେନା, ଗୁଡ, କଦଳୀ ମିଶାଇ ପିଠା ପ୍ରସ୍ତୁତ କରିଥାନ୍ତି । ପଲମରେ ପିଠୋଉ ଦିଆଯାଇ ସରା ଢାଙ୍କି ଦିଆଯାଏ । ସରା ଚାରି ପାଖରେ ଖଣ୍ଡେ ଓଦା କନା ଘୋଡାଇ ଦିଆଯାଏ । ଫଳରେ ପିଠା ପୋଡିବାର ଭୟ ନଥାଏ ଓ ଭଲ ସିଝେ। ଜଗନ୍ନାଥଙ୍କ ନିକଟରେ ଏହି ଚିତୋଉ ପିଠା ଚିତାଲାଗି ଅମାବାସ୍ୟା ଦିନ ଲାଗି କରାଯାଏ । ଗାଁଗଣ୍ଡାମାନଙ୍କରେ ଏହି ପର୍ବକୁ କୃଷିଭିତ୍ତିକ ପର୍ବ ଭାବେ ପାଳନ କରାଯାଏ । ଏହି ଅମାବାସ୍ୟା ବେଳକୁ କ୍ଷେତବାଡିରେ ବେଉଷଣ କାର୍ଯ୍ୟ ଚାଲିଥାଏ । ଫସଲ ଉତ୍ପାଦନ କିପରି ଭଲ ହେବ ସେଥିପାଇଁ ଚାଷୀଭାଇମାନେ ବଡି ଭୋରରୁ ଗାଧୁଆପାଧୁଆ ସାରି ସାଙ୍ଗରେ ଚିତଉ ପିଠା, କ୍ଷୀର ଓ ଫୁଲ ନେଇ ବିଲକୁ ଯାଆନ୍ତି । ବିଲରେ ପୂଜା ଅର୍ଘ୍ୟ ଦେଇ ପୂଜା ସାରି ଚିତୋଉ ପିଠାକୁ ବିଲରେ ପୋତି ଦେଇ ଆସନ୍ତି । ଚାଷୀର ବିଶ୍ୱାସ ଯେ ଏଭଳି କଲେ ଫସଲ ସୁରକ୍ଷିତ ରହେ ଓ ଅମଳ ଅଧିକ ହୋଇଥାଏ । ଆଦିବାସୀମାନେ ଭୟଙ୍କର ପଶୁ ଓ ସାପରୁ ରକ୍ଷା ପାଇବା ପାଇଁ ଏହି ପୂଜା କରନ୍ତି । ସାଧାରଣତଃ ଚାଷୀମାନେ ବର୍ଷା ଋତୁରେ ଚାଷ କରିବା ସମୟରେ ବିଲରେ ଗେଣ୍ଡା ଯୋଗୁଁ ଗୋଡ କଟିଯାଇ କ୍ଷତ ସୃଷ୍ଟି ହୋଇଥାଏ । ଏଥିରୁ ରକ୍ଷା ପାଇବା ପାଇଁ ଚିତୋଉ ପିଠାକୁ ସାରୁ ପତ୍ରରେ ରଖି ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଜଳାଶୟମାନଙ୍କରେ ଭସାଇଥାନ୍ତି ବା ତା ମଧ୍ୟକୁ ଫିଙ୍ଗିଥାନ୍ତି। ସେଥିପାଇଁ ଏହା ଗେଣ୍ଡାକଟା ଅମାବାସ୍ୟା ବା ଗେଣ୍ଡଇଶୁଣୀ ଓଷା ନାମରେ ପରିଚିତ । କଥାରେ ଅଛି- 'ଶ୍ରାବଣ ମାସରେ ଚିତୋଉ ଯେ ଲାଗି, ଗାଡିଆରେ ସବୁ ଦେଲେ ଫୋପାଡି '। ବ୍ରାହ୍ମଣ ଶାସନରେ ପ୍ରତ୍ୟେକ ଘରେ ଚିତୋଉ ପିଠା ଓ କ୍ଷିରୀ ଭୋଗ ଘରର ଇଷ୍ଟ ଦେବତାଙ୍କୁ ଲାଗି କରାଯାଇଥାଏ। ଚିତୋଉ ଅମାବାସ୍ୟା ବେଳକୁ ନଇବଢି ଆସିଥାଏ । ଆକାଶ ଶୁଖିଲା ଥିଲେ ବି ଚିତୋଉ ବେଳକୁ ବର୍ଷା ହୁଏ ଓ ନଇରେ ପାଣି ଆସେ । ଗୃହିଣୀମାନେ ଚିତୋଉ ପିଠା ନେଇ ନଦୀରେ ଭସାଇଥାନ୍ତି । ଚିତୋଉ ଅମାବାସ୍ୟା ସମୟରେ ଯେଉଁ ନଦୀ ବଢି ହୁଏ ତାକୁ ଗାଁମାନଙ୍କରେ ଚିତୋଉ ବଢି କହନ୍ତି । ଚିତୋଉ ଖାଇବା ପାଇଁ ଜଳ ଦେବତା ଆସନ୍ତି ବୋଲି ଲୋକ ବିଶ୍ୱାସ ରହିଛି। ଚିତୋଉ ପିଠାରେ ଚାଉଳ ଓ ନଡିଆକୁ ବାଟି ତିଆରି କରାଯାଉଥିବାରୁ ଏଥିରେ ସ୍ନେହସାର ପରିମାଣ ଅଧିକ ଥାଏ । ତେଣୁ ଏହି ପିଠା ଶରୀର ପାଇଁ ଉପଯୋଗୀ ।

ଚିତାଲାଗି ଅମାବାସ୍ୟା ଉତ୍କଳର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ସହ ଜଡିତ । ଶ୍ରୀମନ୍ଦିରରେ ତିନି ଠାକୁର ଏହି ପବିତ୍ର ତିଥିରେ ରତ୍ନଚିତା ଧାରଣ କରିଥାନ୍ତି । ନିରାପତ୍ତା ଦୃଷ୍ଟିରୁ ଦେବସ୍ନାନ ପୂର୍ଣ୍ଣିମା ଦିନ ତିନି ଠାକୁରଙ୍କ ସୁବର୍ଣ୍ଣ ଚିତା ଓଲାଗି କରାଯାଇଥାଏ । ଶ୍ରୀଗୁଣ୍ଡିଚାରେ ରଥରେ ତିନି ଠାକୁର ସୋଲ ଚିତା ଧାରଣ କରିଥାନ୍ତି । ରଥଯାତ୍ରା ପରେ ଠାକୁରଙ୍କୁ ନୀଳାଦ୍ରୀ ବିଜେ ପରେ ଚିତାଲାଗି ଅମାବାସ୍ୟା ଦିନ ସୋଲ ଚିତା ଓଲାଗି ହୁଏ ଓ ଏହି ଚିତା ପୁନଃ ଲାଗି କରାଯାଇଥାଏ । ସାଧାରଣ ଭାବେ ଜଗନ୍ନାଥଙ୍କ ଚିତାକୁ ଧଳା ହିରା ଖଚିତ ରତ୍ନ ଚିତା, ଶ୍ରୀବଳଭଦ୍ରଙ୍କ ଚିତାକୁ ନୀଳା ଖଚିତ ରତ୍ନ ଚିତା ଓ ଦେବୀ ସୁଭଦ୍ରାଙ୍କ ଚିତାକୁ ପାନ୍ନା ଖଚିତ ରତ୍ନ ଚିତା କୁହାଯାଏ । ଏହି ଚିତା ସବୁକୁ ଭଣ୍ଡାର ଘରୁ ଅଣାଯାଇ ଦେଉଳ କରଣ, ତଡଉ କରଣ ଓ ଶ୍ରୀମନ୍ଦିର ପ୍ରଶାସନର ପଦାଧିକାରୀଙ୍କ ଉପସ୍ଥିତିରେ ବଣିଆ ସେବକଙ୍କ ଦ୍ୱାରା ସଫା କରାଯାଏ । ପରମ୍ପରା ଏବଂ ବିଧି ମୁତାବକ ପତି ମହାପାତ୍ର ସେବାୟତ ଏହି ଚିତାକୁ ସଂସ୍କାର କରିବା ପରେ ଦଇତାପତି ସେବାୟତ ଶ୍ରୀବିଗ୍ରହଙ୍କ ମସ୍ତକରେ ପରିଧାନ କରାଇଥାନ୍ତି । ଚିତାଲାଗି ଅମାବାସ୍ୟା ଦିନ ଶ୍ରୀମନ୍ଦିରରେ ଭୋଗ ମଣ୍ଡପରେ ପୁଷ୍ପାଳକ ସେବକ ତିନି ବାଡରେ ମଇଲମ କରନ୍ତି । ଏହାପରେ ରତ୍ନ ସିହାଂସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ହାତରେ ନେଇ ଖଟ ଶେଜରେ ବିଜେ କରାଇଥାନ୍ତି । ଦଇତାପତିମାନେ ରତ୍ନ ସିଂହାସନକୁ ଯାଇ ତିନି ବାଡରେ ରତ୍ନଚିତା ଲାଗି କରାଇଥାନ୍ତି । ଶୁଦ୍ଧ ସୁଆରଙ୍କ ଘରୁ ଆସିଥିବା ଓଷ ଓ ପାଟରା ସେବକଙ୍କ ଠାରୁ ଆସିଥିବା ପାଟ ଡୋର ଦ୍ୱାରା ତିନି ଠାକୁରଙ୍କ ଶ୍ରୀମୁଖରେ ରତ୍ନଚିତା ଲାଗି କରିଯାଏ। ଦୁର୍ମୁଲ୍ୟ ପଥରଖଚିତ ଚିତା ସବୁ ଆସନ୍ତା ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଠାକୁରମାନଙ୍କର ଶୋଭା ବର୍ଦ୍ଧନ କରିଥାଏ । ମହାପ୍ରଭୁଙ୍କ ସପ୍ତାବରଣରୁ ଏହା ହେଉଛି ଷଷ୍ଠାବରଣ । ଶେଷ ଆବରଣ ତଥା ରାହୁରେଖା ଠାକୁରଙ୍କ ଶ୍ରୀଅଙ୍ଗରେ ରେଖା ପଞ୍ଚମୀ ତିଥିରେ ଲାଗି ହୁଏ । ଠାକୁରମାନଙ୍କ ତ୍ରିମୂର୍ତ୍ତି ଅଳଙ୍କାର ଲାଗି ପରେ ମହାସ୍ନାନ, କର୍ପୂର ଆଳତି, ମଙ୍ଗଳ ଆଳତି ଓ ବନ୍ଦାପନା ଆଦି କାର୍ଯ୍ୟ ହୋଇଥାଏ । ସରିବା ପରେ ତିନି ବାଡରେ ଚିତୋଉ ପିଠାର ଡାଡ ଭୋଗ ଲାଗି ହୋଇଥାଏ।

ତ୍ରୟୋଦଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ଏହି ପର୍ବ ଶ୍ରୀମନ୍ଦିରରେ ପାଳିତ ହୋଇ ଆସୁଛି । ଗଙ୍ଗବଂଶୀ ରାଜାମାନେ କଳିଙ୍ଗକୁ ଶାସନ କରିବା ସମୟରେ ଶ୍ରୀଜଗନ୍ନାଥଙ୍କ ସେବାପୂଜାରେ ରାଜକୀୟ ଆଡମ୍ବର ପରିଲକ୍ଷିତ ହୋଇଥିଲା । ସେମାନେ ଶ୍ରୀଜଗନ୍ନାଥଙ୍କୁ କଳିଙ୍ଗ ସାମ୍ରାଜ୍ୟର ଅଧିଶ୍ୱର ରୂପେ ସ୍ୱୀକାର କରିଥିଲେ ଏବଂ ଶ୍ରୀମନ୍ଦିରରେ କେତେକ ପର୍ବର ପ୍ରଚଳନ କରାଇଥିଲେ । ତନ୍ମଧ୍ୟରୁ ଏହି ଚିତାଲାଗି ଅମାବାସ୍ୟା ଅନ୍ୟତମ। ଇତିହାସ ପୃଷ୍ଠାରୁ ଜଣାଯାଏ ଯେ ରକ୍ତବାହୁ ଆକ୍ରମଣ ସମୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସୁବର୍ଣ୍ଣପୁରରେ ପାତାଳୀ କରି ରଖାଯାଇଥିଲା । ଆଦି ଶଙ୍କରାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଯଯାତୀ କେଶରୀ ଶ୍ରୀଜଗନ୍ନାଥଙ୍କୁ ସେଠାରୁ ଆଣି ଶ୍ରୀମନ୍ଦିର ରତ୍ନବେଦୀରେ ପଟ୍ଟାଭିଷେକ କରାଇଥିଲେ ଏବଂ ଏହି ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଥିଲେ । ସେହିଦିନ ଠାରୁ ଓଡିଶାର ପୁରପଲ୍ଲୀରେ ଶ୍ରାବଣ ମାସ ଅମାବାସ୍ୟା ଚିତାଲାଗି ଅମାବାସ୍ୟା ନାମରେ ପରିଚିତ ହୋଇଛି । ଚିତାଲାଗି ଅମାବାସ୍ୟା ଠାରୁ ପର୍ବପର୍ବାଣୀ ଆରମ୍ଭ ହୋଇଥାଏ ।

# ତଣ୍ଡେଇ ଉଆଁସ



ସିତାଂଶୁ ଶେଖର ମିଶ୍ର
ସୋନପୁର, ଶାନ୍ତି ନଗର
ଦୁରଭାଷ.୮୧୪୪୮ ୭୦୭୨୯



ଆମ ରାଜ୍ୟଟି ପର୍ବପର୍ବାଣୀ ରାଜ୍ୟ ଭାବେ ପରିଚିତ। ଏଠାରେ ବାରମାସରେ ତେର ଯାତରା ଦେଖିବାକୁ ହୁଏ। ସବୁ ଯାତ୍ରା ପଛରେ ଅନେକ ତାତ୍ପର୍ଯ୍ୟପୂର୍ଣ୍ଣ ମହତ୍ତ୍ୱ ଲୁଚି ରହିଥାଏ। ତନ୍ମଧ୍ୟରୁ ଅମାବାସ୍ୟା ତିଥିରେ ଅନୁଷ୍ଠିତ ପର୍ବର ବେଶ ଗୁରୁତ୍ୱ ବହନ କରିଥାଏ। ଯେମିତି ଶ୍ରାବଣ ମାସର ଅମାବାସ୍ୟାକୁ 'ଚିତାଲାଗି' ଅମାବାସ୍ୟା କୁହାଯାଏ । ଏହି ଦିନ ଜଗତର ନାଥ ଜଗନ୍ନାଥଙ୍କ ବିଶେଷ ପୂଜାବିଧି ଅନୁଷ୍ଠିତ ହୋଇଥାଏ। ମଥାରେ ସ୍ୱର୍ଣ୍ଣ ଅଳଙ୍କାର ଝଲସି ଉଠେ। ଯାହାକି ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ସ୍ନାନଉତ୍ସବ ସମୟରୁ ପ୍ରଭୁଙ୍କ ମଥାରେ ଏହା ଆଉ ଦେଖିବାକୁ ମିଳିନଥାଏ। ନିଶ୍ଚିତ ଭାବେ ସେଥିପାଇଁ ଶ୍ରାବଣ ଅମାବାସ୍ୟା ତିଥିଟି ଗୁରୁତ୍ୱ ବହନ କରେ। ଏହିଦିନ ପ୍ରଭୁଙ୍କ ପାଖରେ ଏକ ବିଶେଷ ପ୍ରକାରର ଭୋଗ ଅର୍ପଣ କରାଯାଏ। ଚାଉଳରେ ତିଆରି ଚିତାଉ ପିଠା। ଏହା ଏକ କୃଷିଭିତ୍ତିକ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଉତ୍ତମ ବର୍ଷାପାଗ ସହ ଚାଷ କାର୍ଯ୍ୟ ଠିକ୍ ଭାବରେ ସମ୍ପନ୍ନ ଓ ଅମଳ କରିବା ଆଶା ଓ ବିଶ୍ୱାସର ପର୍ବ ଅଟେ। ଏହି ଦିନ ସମସ୍ତ ଓଡ଼ିଆଙ୍କ ଘରେ ଘରେ ସ୍ୱତନ୍ତ୍ର ଚିତାଉ ପିଠା ପ୍ରସ୍ତୁତ ହୁଏ। ରାଜ୍ୟର ପଶ୍ଚିମାଞ୍ଚଳରେ ଏହା ଚକୁଳି ପିଠା ଭାବେ ପରିଚିତ। ଉକ୍ତ ଦିନ ପ୍ରସ୍ତୁତ ପିଠାକୁ ନିଜ ନିଜର ଇଷ୍ଟ ଦେବାଦେବୀଙ୍କ ପାଖରେ ସମସ୍ତେ ଅର୍ପଣ କରିଥାନ୍ତି। ପରେ ପ୍ରସାଦକୁ ପରିବାର ସମସ୍ତ ସଦସ୍ୟ ସେବନ କରିଥାନ୍ତି। ରାଜ୍ୟର କିଛି ଅଞ୍ଚଳରେ ଉକ୍ତ ଚକୁଳି ପିଠାକୁ ଗଣ୍ଡେଶ୍ୱରୀ ଭାବେ ପରିଚିତ ଦେବୀଙ୍କ ନିକଟରେ ମଧ୍ୟ ଅର୍ପଣ କରାଯାଏ। ଚାଷୀ ଭଲ ଫସଲ ଅମଳ ସକାଶେ ଚାଉଳରେ ତିଆରି ଚିତାଉ ପିଠାକୁ ନିଜ ନିଜର ଚାଷ ଜମିରେ ମାଟି ମାଆଙ୍କ ଉଦ୍ଦେଶ୍ୟରେ ଭୋଗଲାଗି କରିଥାଏ। ମାଆଙ୍କୁ ପ୍ରାର୍ଥନା ଭିକ୍ଷା କରିଥାଏ ଚାଷ ଅମଳ ସୁରୁଖୁରୁରେ ସମ୍ପନ୍ନ ସକାଶେ। ଆମ ରାଜ୍ୟ ବ୍ୟତୀତ ଏହି ପର୍ବକୁ ଦେଶର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ନାମରେ ପାଳନ ହୋଇଥାଏ। ଉତ୍ତର ଭାରତରେ ଏହାକୁ ହରିଆଲି, ଦକ୍ଷିଣ ଭାରତରେ ବିଶେଷ କରି ଆନ୍ଧ୍ରପ୍ରଦେଶ ଠାରେ ଏହାକୁ ଚୁକୁଲା, ମହାରାଷ୍ଟ୍ରରେ ଗତରି ଓ କର୍ଣ୍ଣାଟକରେ ଭୀମନା ବା ଗୌରୀ ପୂଜା ଭାବରେ ଏହି ଦିନକୁ ପାଳନ କରାଯାଇଥାଏ। କିନ୍ତୁ ରାଜ୍ୟର ପଶ୍ଚିମାଞ୍ଚଳରେ ଉକ୍ତ ପର୍ବକୁ ଏକ ନିଆରା ଢଙ୍ଗରେ ପାଳନ କରାଯାଇଥାଏ। ତଣ୍ଡେଇ ଉଆଁସ ଭାବେ। ତଣ୍ଡେଇଙ୍କ ଦୌରାତ୍ମ୍ୟର ପ୍ରଭାବ କେମିତି ପରିବାର ସଦସ୍ୟଙ୍କ ଉପରେ ପଡ଼ିବ ନାହିଁ; ସେଥିପାଇଁ ବିବିଧ ଉପାୟ ଅବଲମ୍ବନ କରାଯାଇଥାଏ। ସମସ୍ତେ ନିଜ ନିଜ ଘରର ମୁଖ୍ୟ ଦ୍ୱାରରେ ଏକ ବିଶେଷ ପତ୍ର ଝୁଲାଇବା ଦେଖା ଯାଇଥାଏ। ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ରହିଛନ୍ତି। ତାହା ଧୋବା ସମ୍ପ୍ରଦାୟ। ଉକ୍ତ ଦିନ ସକାଳୁ ସକାଳୁ ଏହି ସମ୍ପ୍ରଦାୟର ସ୍ତ୍ରୀ ଲୋକମାନେ ଏହି କାର୍ଯ୍ୟ ତୁଲାଇଥାନ୍ତି। ସ୍ତ୍ରୀ ଲୋକମାନେ ଏକ ସ୍ୱତନ୍ତ୍ର ପତ୍ର (ଭେଲୁଆଁପତ୍ର ଓ ଈଶ୍ୱର ଜଟା) ନିକଟସ୍ଥ ଜଙ୍ଗଲରୁ ସଂଗ୍ରହ କରିଥାନ୍ତି। ତାପରେ ତାଙ୍କ ଆରାଧ୍ୟ ଦେବୀଙ୍କ ନାମରେ ସୁମରଣା କରି ପରେ ଅଞ୍ଚଳର ସମସ୍ତ ଘରକୁ ଘର ଯାଇ ଏହି ପତ୍ର ଓ ଈଶ୍ୱର ଜଟାରେ ପ୍ରସ୍ତୁତ କରିଥିବା ସାମଗ୍ରୀକୁ ଦେଇ ଆସିଥାଆନ୍ତି। ଜନସାଧାରଣଙ୍କ ବିଶ୍ୱାସ ରହିଛି ଏହା ଘର ସମ୍ମୁଖରେ ଲଗାଇବା ଫଳରେ ଘର ଭିତରକୁ ନକରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ। ବିଜ୍ଞାନ ଯୁଗରେ ମଧ୍ୟ ରାଜ୍ୟର ପଶ୍ଚିମାଞ୍ଚଳରେ ଅଦ୍ୟାବଧି ଏହି ପର୍ବ ବଞ୍ଚି ରହିଛି। ଏହିଦିନ ପ୍ରତ୍ୟେକଙ୍କ ଘରେ ଚାଉଳରେ ତିଆରି ଚକୁଳି କରାଯାଇଥାଏ। ଏହାକୁ ସାନ୍ଧ୍ୟ ସମୟରେ ମାଆ ମାନେ ନିଜନିଜ ଛୁଆମାନଙ୍କୁ ପ୍ରଥମେ ଖାଇବାକୁ ଦେଇଥାନ୍ତି। ଏହାକୁ ଦେବା ପୂର୍ବରୁ ଏକ ଗରମ ଲୁହାକୁ ଛୁଆମାନଙ୍କୁ ଚେଙ୍କ ଦେଇଥାନ୍ତି। କିନ୍ତୁ ଏବେ ତାହା ଖାଲି ବିଧି ରକ୍ଷା ନିମନ୍ତେ ପର୍ବଟି ଅନୁଷ୍ଠିତ ହେଉଥିବା ମନେହୁଏ। ସାଙ୍କେତିକ ଆକାରରେ ଏକ ଲୁହାକୁ ଛୁଆଁଇ ଦିଆଯାଏ। ଏବେ ଆଉ ଗରମ ଲୁହାର ଚେଙ୍କ ଦିଆଯାଉ ନାହିଁ। ଜନସାଧାରଣ ବେଶ ସଚେତନ ହେଲେଣି । କିନ୍ତୁ ପରମ୍ପରା ଓ ସଂସ୍କୃତିକୁ ସମ୍ପୂର୍ଣ୍ଣ ଭାବେ ଭୁଲିଯାଇ ନାହାଁନ୍ତି ।

# ଦାରିଦ୍ର୍ୟ ଦ୍ୱନ୍ଦ୍ୱ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

ଦେଶରେ ଗତ ଏକ ଦଶନ୍ଧି ମଧ୍ୟରେ ୨୭କୋଟିରୁ ଉର୍ଦ୍ଧ୍ୱ ଭାରତୀୟ ଦାରିଦ୍ର୍ୟରୁ ମୁକୁଳିଥିବା ନେଇ ଗତ ଜୁନ ମାସରେ ବିଶ୍ୱବ୍ୟାଙ୍କର ବୈଶ୍ୱିକ ଦାରିଦ୍ର୍ୟ ରିପୋର୍ଟ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହି ରିପୋର୍ଟରେ କୁହାଯାଇଥିଲା ଯେ, ୨୦୧୧-୧୨ରେ ଭାରତର ଦାରିଦ୍ର୍ୟ ହାର ୨୭ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହି ହାର ୫.୩ ପ୍ରତିଶତକୁ ହ୍ରାସ ପାଇଛି। କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ବହୁବିଧ ଦାରିଦ୍ର୍ୟ ଦୂରିକରଣ ଯୋଜନା ଓ କାର୍ଯ୍ୟକ୍ରମ ଯୋଗୁଁ ଭାରତରେ ଦାରିଦ୍ର୍ୟ ହାର ହ୍ରାସ ପାଇଥିବା କୁହାଯାଇଥିଲା। କିନ୍ତୁ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡକାରି ନିକଟରେ ଦେଶରେ ଦାରିଦ୍ର୍ୟ ନେଇ ଯାହା କହିଛନ୍ତି, ତାହା ନିଶ୍ଚିତ ଭାବେ ଗୁରୁତ୍ୱ ବହନ କରେ। ଗଡକାରୀ କହିଛନ୍ତି ଯେ,ଦେଶରେ ଧନୀଙ୍କ ସମ୍ପତ୍ତି ବଢିଚାଲିଥିବାବେଳେ ଏହା ସହିତ ତାଳଦେଇ ଗରିବୀ ବଢିଚାଲିଛି। ଦେଶର ସର୍ବାଧିକ ସମ୍ପତ୍ତି ୫ପ୍ରତିଶତ ଧନୀଙ୍କ ନିକଟରେ ରହିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିବାବେଳେ ଏହା ହିଁ ଗରିବୀ ବଢିବା କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ଅସମାନତାର ଦୃଷ୍ଟାନ୍ତ ବୋଲି ଗଡକାରୀ ଦର୍ଶାଇଛନ୍ତି। ତେଣୁ ଦେଶରେ ଦାରିଦ୍ର୍ୟ ହାର ହ୍ରାସ ପାଇବା ନେଇ ଦ୍ୱନ୍ଦ୍ୱ ଉପୁଜିବା ସ୍ୱାଭାବିକ। ଏକ ସର୍ଭେ ରିପୋର୍ଟରେ ତଥ୍ୟ ଅନୁଯାୟୀ ଦେଶର ମୋଟ ଜନସଂଖ୍ୟାର ୧୩ପ୍ରତିଶତ ଅର୍ଥାତ ୧୯କୋଟି ଲୋକ ରାତିରେ ପେଟ ପୁରା ନଖାଇ ଅଧା ଭୋକିଲା ପେଟରେ କାଳାତିପାତ କରିଥାନ୍ତି। ଯାହାକି ଦାରିଦ୍ର୍ୟର ପ୍ରମାଣ ବୋଲି କୁହାଯାଇପାରେ କେବଳ ଏତିକି ନୁହେଁ, ଅତ୍ୟାବଶ୍ୟକୀୟ ପୁଷ୍ଟିକର ଖାଦ୍ୟର ଅଭାବ ଉଭୟ ଶାରୀରିକ ବୃଦ୍ଧି ଓ ସ୍ୱାସ୍ଥ୍ୟ ମଧ୍ୟ ପ୍ରଭାବିତ କରୁଛି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ, କ୍ଷୁଧା ଏକ ସାଧାରଣ ଶରୀର ବା ସ୍ୱାସ୍ଥ୍ୟ ହାନିର କାରଣ। ଦାରିଦ୍ର୍ୟ ଏବଂ ଅମସାନତା ହେଉଛି ଜଣେ ବ୍ୟକ୍ତି ଯଥେଷ୍ଟ ପରିମାଣର ପୁଷ୍ଟିକାରଣ ଖାଦ୍ୟ ନପାଇବାର ମୁଖ୍ୟକାରଣ। କ୍ଷୁଧା ମଣିଷର ବିକାଶକୁ ସୀମିତ କରିଦିଏ। ଉଲ୍ଲେଖଯୋଗ୍ୟ ଭାରତ ଓ ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରବର୍ତ୍ତିତ ଦାରିଦ୍ର୍ୟ ମାପଦଣ୍ଡରେ ବ୍ୟାପକ ତାରତମ୍ୟ ରହିଛି। ଦୀର୍ଘ ବର୍ଷ ବର୍ଷ ଧରି ଭାରତର ଦାରିଦ୍ର୍ୟ ମାନଦଣ୍ଡ ସଂଶୋଧନ ହୋଇନଥିବା ବେଳେ ବିଶ୍ୱବ୍ୟାଙ୍କ ୨୦୧୭ର ମୂଲ୍ୟ ଆଧାରରେ ଜଣଙ୍କର ଦୈନିକ ଆୟ ୨.୧୫ଡଲାର ଅର୍ଥାତ ୧୮୧ ଟଙ୍କା ଧାର୍ଯ୍ୟ କରିଥିଲା। କିନ୍ତୁ ଏସବିଆଇର ଏକ ଗବେଷଣାତ୍ମକ ରିପୋର୍ଟରେ ଭାରତର ଦାରିଦ୍ର୍ୟ ରେଖା ୨୦୨୩-୨୪ରେ ଜଣେ ବ୍ୟକ୍ତିର ଗ୍ରାମାଞ୍ଚଳ ପାଇଁ ଦୈନିକ ଆୟ ୫୪ଟଙ୍କା ଏବଂ ସହରାଞ୍ଚଳ ପାଇଁ ୬୫ଟଙ୍କା ଧାର୍ଯ୍ୟ କରିଥିଲା। ଏହା ନିସନ୍ଦେହ ଯେ, ଜଣେ ବୟସ୍କ ବ୍ୟକ୍ତିର ଦୈନିକ ଆବଶ୍ୟକତା ପୁରଣ ପାଇଁ ଉଭୟ ଅର୍ଥ ପରିମାଣ ଯଥେଷ୍ଟ ନୁହେଁ। ସେ ଯାହା ହେଉନା କାହିଁକି ଏହା ଜଣେ ବ୍ୟକ୍ତିର ଦୟନୀୟ ଦାରିଦ୍ର୍ୟକୁ ଚିତ୍ରଣ କରୁଛି ବୋଲି କୁହାଯାଇପାରିବ। ଆହୁରି ମଧ୍ୟ ଏସବିଆଇ ଶେରେ ମାତ୍ର ୫ପ୍ରତିଶତ ଅର୍ଥାତ ୭କୋଟି ଲୋକ ଦାରିଦ୍ର୍ୟ ସୀମାରରେଖା ତଳେ ବାସକରୁଥିବା ଆକଳନ କରୁଛି। ଭାରତରେ ମଧ୍ୟ ଦାରିଦ୍ର୍ୟ ରେଖା ଦୈନିକ ଖାଉଟି ବ୍ୟୟ ଉପରେ ବିବେଚନା କରାଯାଏ। ତେବେ ପ୍ରଶ୍ନ ଉଠୁଛି ଏତିକି ପରିମାଣର ଆୟରେ ଜଣେ ବ୍ୟକ୍ତି ଘରଭଡା, ଖାଦ୍ୟ, ଶିକ୍ଷା, ଔଷଧ ଓ ଅନ୍ୟାନ୍ୟ ଖର୍ଚ୍ଚ କରିପାରିବା ସମ୍ଭବ। କହିବା ବାହୁଲ୍ୟ ବର୍ତ୍ତମାନର ବଜାର ଦର ଅନୁସାରେ ମୌଳିକ ଆବଶ୍ୟକତା ପୁରଣ ପାଇଁ ଜଣେ ବ୍ୟକ୍ତି ସର୍ବନିମ୍ନ ୩୦୦ଟଙ୍କା ଆବଶ୍ୟକ ହେଉଥିବାବେଳେ କେନ୍ଦ୍ର ସରକାର ଦୈନିକ ସର୍ବନିମ୍ନ ମଜୁରି ୧୭୮ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏସବିଆଇ ମଧ୍ୟ ଗ୍ରାମାଞ୍ଚଳ ପାଇଁ ଦୈନିକ ୧୩୭ ଟଙ୍କା ଧାର୍ଯ୍ୟ କରିଥିବାବେଳେ ସହରାଞ୍ଚଳ ପାଇଁ ୨୩୩ଟଙ୍କା ଧାର୍ଯ୍ୟ କରିଛି। ତଥାପି ଏହା ଜଣେ ବ୍ୟକ୍ତିର ଜୀବନ ଧାରଣ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ହୋଇରହିଛି। ଉଲ୍ଲେଖଯୋଗ୍ୟ ଯେ, ଦାରିଦ୍ର୍ୟର ମାପକାଠି ନିର୍ଣ୍ଣୟ ପାଇଁ ଅତୀତରେ ବହୁ ଶିକ୍ଷାବିତ, ମେଧାବୀ ବହୁ ଗବେଷଣାମୂଳକ ତଥ୍ୟ ପ୍ରକାଶ କରିଥିବାବେଳେ କୌଣସି ଗୋଟିଏ ହେଲେ ରିପୋର୍ଟ ଦାରିଦ୍ର୍ୟର ସମସ୍ତ ସର୍ତ୍ତାବଳୀକୁ ପୁରଣ କରିପାରିନାହାନ୍ତି। ଭାରତ ସରକାର ମଧ୍ୟ ଦୀର୍ଘ ବର୍ଷ ବର୍ଷ ଧରି କୌଣସି ମାନଦଣ୍ଡ ସ୍ଥିର କରିପାରିନାହାଁନ୍ତି। ବିଶ୍ୱବ୍ୟାଙ୍କ ହେଉ ଅବା ଏସବିଆଇ ହେଉ କିମ୍ବା ସରକାର ହୁଅନ୍ତୁ, ଦାରିଦ୍ର୍ୟ ହାର ହ୍ରାସ ନେଇ ଡିଣ୍ଡିମ ପିଟୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଦୁଇଓଳା ପେଟପୁରା ଖାଇବାକୁ ସମର୍ଥ ହେଉନାହଁନ୍ତି। ଦେଶରୁ ଦାରିଦ୍ର୍ୟ ହ୍ରାସ ପାଉଥିବା ନେଇ କେନ୍ଦ୍ର ସରକାର ଡିଣ୍ଡିମ ପିଟୁଥିବାବେଳେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଦେଶର ୬୬ପ୍ରତିଶତ ତଥା ୮୧କୋଟି ୩୫ଲକ୍ଷ ଲୋକଙ୍କୁ ମୁଣ୍ଡପିଛା ମାସିକ ୫କିଲୋ ଖାସ୍ୟଶସ୍ୟ ମାଗଣାରେ ଯୋଗାଇ ଦେଉଛନ୍ତି। ୨୦୨୪ ଜାନୁୟାରୀ ପହିଲାରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ମୋଟ ବ୍ୟୟ ଅଟକଳ ୧୧.୮୦ଲକ୍ଷ କୋଟି ଆକଳନ ହୋଇଛି। ଯଦି ୨୭କୋଟି ଲୋକ ଦାରିଦ୍ର୍ୟରୁ ମୁକୁଳିଛନ୍ତି, ତେବେ ୮୧କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବାର ଯଥାର୍ଥତା କ'ଣ ? ଏହି ଯୋଜନା ଖାଦ୍ୟ ନିରାପତ୍ତାକୁ ସୁଦୃଢ କରିଛି ସତ କିନ୍ତୁ ବାସ୍ତବରେ ବହୁ ସଂଖ୍ୟକ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଆହୁରି ମଧ୍ୟ ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁଯାୟୀ ବହୁ ସଂଖ୍ୟକ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଥିବା ସତ୍ତ୍ୱେ ଏବେ ବହୁ ଲୋକ ଦାରିଦ୍ର୍ୟ ଏବଂ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସଦ୍ୟ ପ୍ରକାଶିତ ସମାନତା ରିପୋର୍ଟରେ ଯଦିଓ ଭାରତ ଚତୁର୍ଥ ସ୍ଥାନରେ ରହିଛି, ତଥାପି ଦ୍ୱନ୍ଦ୍ୱମୁକ୍ତ ନୁହେଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୪୩

## ଦ୍ରୌପଦୀଙ୍କ ବିଷାଦ-୧



ସାରଥୀ ପ୍ରଥିକାମୀ ପହଞ୍ଚିଲେ ଦ୍ରୌପଦୀଙ୍କ ପାଖରେ । କହିଲେ, "ହେ ଦେବୀ ! ରାଜା ଯୁଧିଷ୍ଠିର ପଶାଖେଳରେ ରାଜ୍ୟ ସମେତ ତୁମକୁ ହରେଇଛନ୍ତି । ବର୍ତ୍ତମାନ ଠାରୁ ତୁମେ ଦୁର୍ଯ୍ୟୋଧନଙ୍କର । ତାଙ୍କ ନିର୍ଦ୍ଦେଶରେ ମୁଁ ଆସିଛି । ମୋ ସହ ସଭାକୁ ଆସିବା ହୁଅନ୍ତୁ ।"

ଦ୍ରୌପଦୀ ନିଜ କାନକୁ ବିଶ୍ୱାସ କରିପାରୁନଥିଲେ । ଏଇ ନିକଟ ଅତୀତରେ ଯୁଧିଷ୍ଠିର ରାଜସୂୟ ଯଜ୍ଞ କରିଥିଲେ ଓ ସମ୍ରାଟ ପଦବୀ ପ୍ରାପ୍ତ ହୋଇଥିଲେ । ସେହି ସମ୍ରାଟ ବର୍ତ୍ତମାନ ନିଜକୁ ହରେଇଛନ୍ତି ! ସେ କହିଲେ, "କେଉଁ ସମ୍ରାଟ କ'ଣ ନିଜ ସ୍ତ୍ରୀକୁ ଖେଳରେ ବାଜି ରଖିପାରେ ! ତାଙ୍କର କ'ଣ ଆଉ କିଛି ନଥିଲା ଯେ ନିଜ ସ୍ତ୍ରୀକୁ ବାଜି ଲଗେଇଲେ !"

ସେଇଠୁ ସାରଥୀ ପୂରା ଘଟଣାକ୍ରମ ବର୍ଣ୍ଣନା କଲେ ।

ଦ୍ରୌପଦୀ ଶୁଣିଲେ । ତାଙ୍କର ଦୁଃଖର ସୀମା ରହିଲାନାହିଁ । ମାତ୍ର ଖୁବ୍‌ଶୀଘ୍ର ସେ କଠୋର ହେଲେ । ତାଙ୍କ ଆଖିରୁ ନିଆଁ ଝରିବା ପରି ଜଣାଗଲା ।

ସେ କହିଲେ, "ହେ ସାରଥୀ ! ତୁମେ ସଭାକୁ ଫେରିଯାଅ । ତାଙ୍କୁ ଗୋଟିଏ ପ୍ରଶ୍ନ ପଚାର । ଯେ, ସେ ପ୍ରଥମେ ନିଜକୁ ହରେଇଥିଲେ ନା ଦ୍ରୌପଦୀଙ୍କୁ ହରେଇଥିଲେ ?

ପ୍ରଥିକାମୀ ସଭାସ୍ଥଳକୁ ଫେରିଲେ । ଏବଂ ଯୁଧିଷ୍ଠିରଙ୍କୁ ଲକ୍ଷ୍ୟକରି ଦ୍ରୌପଦୀ କରିଥିବା ପ୍ରଶ୍ନଟି ପଚାରିଲେ ।

ଯୁଧିଷ୍ଠିର ଶୁଣିଲେ ଓ ତଳକୁ ମୁହଁକଲେ ।

ଦୁର୍ଯ୍ୟୋଧନ କହିଲେ, "ସାରଥୀ ! ତୁମେ ଯାଅ, ଦ୍ରୌପଦୀଙ୍କୁ ନେଇଆସ । ଯାହା ପଚାରିବାର ଅଛି ସେ ନିଜେ ଏହିଠାରେ ପଚାରନ୍ତୁ ।"

ପ୍ରଥିକାମୀ ଫେରିଲେ ଓ ଦ୍ରୌପଦୀଙ୍କୁ କହିଲେ ।

ଦ୍ରୌପଦୀ ଉତ୍ତର ଦେଲେ- ତାହା କେମିତି ହେବ ! ଯିଏ ମୋତେ ବାଜି ଲଗେଇଥିଲେ ତାଙ୍କୁ ପଚାରି ଉତ୍ତର ଆଦାୟ କର ? ଫେରିଯାଅ ଏବଂ ତାଙ୍କୁ ପଚାର ।

ସାରଥୀ ପ୍ରଥିକାମୀ ପୁଣି ଫେରିଲା ।

ରାଗିଗଲା ଦୁର୍ଯ୍ୟୋଧନ । କହିଲା- ଏଇ ସାରଥୀଟା ମୂର୍ଖଟିଏ, ସେ ଭୀମକୁ ଡରୁଛି । ହେ ଦୁଃଶାସନ ! ତୁମେ ଯାଅ, ଦ୍ରୌପଦୀଙ୍କୁ ନେଇଆସ । ଦରକାର ପଡ଼ିଲେ ବଳପ୍ରୟୋଗ କରି ଟାଣି ଘୋଷାରି ଆଣିବ !

ଦୁଷ୍ଟ ଦୁଃଶାସନ ପହଞ୍ଚିଲା ଦ୍ରୌପଦୀଙ୍କ ପାଖରେ । ସେ ଚିତ୍କାର କରୁଥିଲା- ହେ ସୁନ୍ଦରୀ ! ଆସ ମୋ ସାଙ୍ଗରେ ସଭାକୁ । ତୁମେ ବର୍ତ୍ତମାନ ଆମର । ଆମେ ଯାହା କହିବୁ, ତୁମେ ମାନିବ ।

ସେ ବଳପ୍ରୟୋଗ କରି ଟାଣି ଟାଣି ନେଇ ଆସିବାକୁ ଚେଷ୍ଟାକଲା ।

ଦ୍ରୌପଦୀ ଭୟରେ ଥରିଉଠିଲେ । ରକ୍ଷା ପାଇବା ପାଇଁ ସେ ଧୃତରାଷ୍ଟ୍ରଙ୍କ ନାରୀମହଲ ମଧ୍ୟକୁ ପଶିଗଲେ । କିନ୍ତୁ ହାୟ ! ଦୁଃଶାସନ ଧରିପକେଇଲା ତାଙ୍କ କେଶକୁ ଓ ଟାଣି ଟାଣି ନେଇଆସିଲା ସଭା ସ୍ଥଳକୁ ।

ବର୍ତ୍ତମାନ ଦ୍ରୌପଦୀ କାନ୍ଦୁଛନ୍ତି । ସେ ହାତଯୋଡ଼ି ସଭାସ୍ଥଳରେ ଉପସ୍ଥିତ ଥିବା ବରିଷ୍ଠମାନଙ୍କୁ ବିନତିକରି କହିଲେ- "ହେ ଶ୍ରେଷ୍ଠ ! ତୁମେ କେମିତି ଅନୁମତିଦେଲ ଜଣକୁ ମୋତେ ବାଜି ଲଗେଇବାକୁ । ଯେକି ନିଜେ ବାଜିରେ ହାରି ଅନ୍ୟର ହୋଇସାରିଥିଲେ ? ସେ ଜଣେ ମୁକ୍ତ ମଣିଷ ନଥିଲେ ! କୁହନ୍ତୁ .... କୁହନ୍ତୁ ! (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ଶ୍ରାବଣ ସୋମବାରରେ

### *ଧ୍ରୁବ ଚରଣ ଘିବେଲା*

କାଉଡ଼ିଆ ଭାଇ କାନ୍ଧେ ଭାର ବୋହି
ଶ୍ରାବଣ ସୋମବାରରେ
ଯାଉଥାନ୍ତି ଧାଇଁ ଶିବ ନାମ ନେଇ
ସାଙ୍ଗସାଥି ଗହଣରେ ।

ସୋମବାର ଦିନ ଗେରୁଆ ବସନ
ପିନ୍ଧି କାଉଡ଼ିଆ ଦଳ
ଗେରୁଆ ବାହୁଙ୍ଗି ଗେରୁଆ କଳସୀ
ତହିଁ ଧରିଥାନ୍ତି ଜଳ ।

ବୋଲବମକହି କେତେ ନାରା ଦେଇ
ଚାଲିଥାନ୍ତି ନ ଥକିକି
ଭାବ ଭକ୍ତି ଭରେ ଶ୍ରଦ୍ଧାଳୁ ଶ୍ରଦ୍ଧାରେ
ଯା'ନ୍ତି ଶିବାଳୟ କତିକି ।

ଦଳଦଳ ହୋଇ କେତେନାରା ଦେଇ
ଗେରୁଆଙ୍କ ପଟୁଆର
ଶ୍ରାବଣ ଆସିଲେ ବାଟରେ ଘାଟରେ
ହୁଅନ୍ତି ଦୃଷ୍ଟିଗୋଚର ।

ଶିବ ଶିରେ ଢାଳି ଜଳଲାଗି କରି
କାଉଡ଼ିଆ ପ୍ରଫୁଲ୍ଲିତ
ଶ୍ରାବଣ ମାସରେ ସବୁ ସୋମବାରେ
ଜଳଲାଗିର ମହତ୍ତ୍ୱ ।

ଜଳଲାଗି ପାଇଁ କାଉଡ଼ିଆ ଯାନ୍ତି
କେବେ କେଉଁ ଶିବାଳୟ
ଶ୍ରାବଣର ଯାତ୍ରା ବୋଲବମ ଯାତ୍ରା
ଓମ ନମଃ ଶିବାୟ ।

*ବଉଦରାଜ --୭୬୨୦୧୪, ଜି-ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

# ବୋଲ୍‌ବମ୍

### *ଦୀପକ କୁମାର ନାୟକ*

ବୋଲବମ୍ ଯିବା ପାଇଁ କାଉଡ଼ିଆ
ଥିଲା ଶ୍ରାବଣକୁ ଚାହିଁ
ଆସିଯିବା କ୍ଷଣି ବାହାରି ପଡ଼ିଲା
କାନ୍ଧେ ପାଣି ଭାର ନେଇ ।।
କେତେକେତେ ବାଟ ପାଦରେ ଚାଲେ ତା
ମାନସିକ ପୂରା ପାଇଁ
ଯେତେ କଷ୍ଟ ତାକୁ ହେଉଥିଲେ ମଧ
ପଛଘୁଞ୍ଚା ଦିଏ ନାହିଁ ।।
କାନ୍ଧରେ ବାହୁଙ୍ଗୀ ତୁଣ୍ଡେ ହର ହର
ମହାଦେବ ନାମ ଜପି
କାଉଡ଼ିଆ ଦେଖ ଯାଉଛି କେମିତି
ପାଦ ତାର ଚାପି ଚାପି ।।
ଖାତିର୍ ନକରି ଖରା ବରଷାକୁ
ଏକଲୟେ ଚାଲିଥାଏ
ପାଦେ କଣ୍ଟା ଫୁଟୁ ହେଉବା ଫୋଟକା
ତଥାପି ଥକି ନଯାଏ ।।
ଦେବ ଦେବ ମହାଦେବଙ୍କ ଉପରେ
ଅଗାଢ଼ ବିଶ୍ୱାସ ରଖି
ଯାଇ ତାର ଲିଙ୍ଗେ ପାଣି ଢାଳିଥାଏ
ମନେ କେତେ ଆଶା ରଖି ।।
ସୋମବାରେ ପାଣି ଢ଼ାଳି ଆନନ୍ଦରେ
ଘରକୁ ତା ଫେରିଥାଏ
କେବେ ପୂର୍ଣ୍ଣ ହେବ ମାନସିକ ତାର
ତା ବାଟକୁ ଚାହିଁଥାଏ
ତା ବାଟକୁ ଚାହିଁଥାଏ ।।

*ଯୁବ ସାମ୍ବାଦିକ, ଗଣ୍ଡାନାଳୀ,*
*ହିନ୍ଦୋଳ,ଢେଙ୍କାନାଳ*
*ମୋ- ୮୬୩୭୨୬୧୮୨୮*

# ସାଧବ ବୋହୂ

### *ପ୍ରଦ୍ୟୁମ୍ନ ପଟ୍ଟନାୟକ*



ସାଧବ ବୋହୂ ଲୋ ସାଧବ ବୋହୂ
ଘର କୋଣେ କାହିଁ ଲୁଚି ତୁ ଥାଉ
ବରଷା ଆସିଲେ ମୁହଁ ଦେଖାଉ ।

ସିନ୍ଦୂର ବୋଳା ତୋ ଦେହଟି ଲାଲି
ସବୁଜ ଘାସରେ ଯାଉ ତୁ ଚାଲି
ଛୁଇଁ ଦେଲେ ତୋତେ ଗୋଡ଼ ଲୁଚାଉ ।

ଏଡ଼େ ସୁକୁମାରୀ କେଡ଼େ ଲାଜେଇ
ବରଷଟା ସାରା ଦେଖା ତୋ ନାହିଁ
ମେଘ ବରଷିଲେ ଭିଜୁ ତୁ ଥାଉ ।

ଆଗ ଭଳି ନାହିଁ ସାଧବ ଘର
ସାଧବ ପୋକର ପୂର୍ବ ଆଦର
ଦେଖିବାକୁ ତେଣୁ ମିଳୁ ତୁ ନାହୁଁ ।

ଚାରିଆଡ଼େ ଖାଲି ସାର ଔଷଦ
ଟାଣ ଖରା ପୁଣି ବଢ଼ି ବିପଦ
ସେଥିପାଇଁ କିବା ଉଭେଇ ଯାଉ ।



*ଫ୍ଲାଟ୍ ନମ୍ବର-୧୦୧, ପ୍ରକାଶ ଦୀପ ଟାୱାର*
*ଜୟଦୁର୍ଗା ନଗର, ଭୁବନେଶ୍ୱର-୭୫୧୦୦୬*
*ମୋ-୯୯୬୮୨୮୦୮୯୬*



# ଦିନ ରାତି

### *କୀର୍ତ୍ତନ ସାହୁ*

ରାତି ହେଉ ଅଛି ଦିନ ହେଉ ଅଛି
ପୁଣି ହେଉ ଅଛି ରାତି
ଏଇ କଥା ଶୁଣି ଜେଜେମା କହନ୍ତି
ଶୁଣ ଆରେ ମୋର ନାତି ।

ପୃଥିବୀ ନିଜର ଚାରିପଟେ ଘୂରେ
ସୂରୁଜ ତ ଘୂରେ ନାହିଁ
ସୂରୁଜଙ୍କ ଚାରିପଟରେ ପୃଥିବୀ
ପୁଣି ନିତି ଘୂରୁ ଥାଇ ।

ସୂରୁଜଙ୍କର ତ ଆଲୋକ ରହିଛି
ପୃଥିବୀର ତାହା ନାହିଁ
ପୃଥିବୀର ଗୋଟେ ପାଖ ଯେତେବେଳେ
ସୂରୁଜଙ୍କ ପଟେ ଥାଇ ।

ସେଇ ପାଖ ତାର ଦିନ ହୋଇ ଥାଏ
ଅନ୍ୟ ପାଖ ରାତି ହୁଏ
ଏଇ କଥାଟିକୁ ଶୁଣି ଦେଲା ପରେ
ନାତିର ମନକୁ ଛୁଏଁ ।

ନାତି ସେଠୁ କହେ ଜେଜେମା ଏଥର
କଥାଟି ଗଲି ମୁଁ ବୁଝି
ବେଶୀ ପାଠ ପଢି ଅଧିକ ଜାଣି ମୁଁ
ଋଣ ଦେବି ତମ ଶୁଝି ।

*ମିଶ୍ର କଲୋନୀ,ଶାଳପଡ଼ା,କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ଘୋଟିଲାଣି ମେଘ

### *କବି ତନ୍ମୟ ମିଶ୍ର*



ବିଲୁଆ ନନା !
ଘୋଟିଲାଣି ମେଘ ଆକାଶେ ଅନା
ଏଇଲାଗେ ସିଏ ଆସିବ ମାଡ଼ି
ଲୁଚି ଯା' ବୁଦାରେ ବୁଲା ତୁ ଛାଡ଼ି ...
ନେଉଳ ନାନୀ !
ବତାସେ ଉଡ଼ିବ ତୋହର କାନି
ବାଟ ଦିଶୁନାହିଁ ଅନ୍ଧାରକଳା
ବୁଲା ଛାଡ଼ି ତୁହି ଘରକୁ ପଳା ...
ପୁଷି ମାଉସୀ !
ତେଇଁ ଡାଇଁ କିଆଁ ହେଉଛୁ ଖୁସୀ
ଯାଆ ତୁ ଘରକୁ ହେବ ବରଷା
କରିଦେବ ଓଦା ନାହିଁ ଭରଷା ...
ଠେକୁଆ ଭାଇ !
ଖୁସି ମନାଉଥା ଘାସକୁ ଖାଇ
ବାଟଘାଟ ସବୁ ପଚରା ହେବ
ଛତାଟିଏ ତୋତେ କିଏ ସେ ଦେବ ...
ହେ ବାଘ ମାମୁଁ !
ଫୁରୁସତ ନାହିଁ ଶିକାର କାମୁ
ବଣ ବୁଦା ଖୋଜି ସଅଳ ପଶ
ଥଣ୍ଡା ଜ୍ୱର ହେଲେ ହେବ ଅବଶ ...
ବରଷା କଳା
ସଦା ଓଦା ହେବ ଘରର ଚାଳ
ମାଡ଼ିବ ସେଥିରେ କଖାରୁ ଲଟା
ଫୁଲ ଫଳ ଖାଇ ହୋଇବ ବଣ୍ଟା ...
ବରଷା ଋତୁ
ଜଳଦାନ କରି ଖୁସିରେ ବିତୁ
ଖସାଇ ଆକାଶୁ ଶୀତଳବାରୀ
ଅଭାବ କଷଣୁ କରିବ ପାରି ...

*ଗିରୀୟା, ରାଜକନିକା, କେନ୍ଦ୍ରାପଡ଼ା-୭୫୪୨୨୦*
*ମୋ- ୯୮୬୧୯୬୨୨୭୬୦*

# ବଦଳି ଗଲାଣି ପାଗ

### *ଶିଶିର କୁମାର ପଣ୍ଡା*

ନଟିଆ ଶୋଇଛି ଖଟିଆ ଉପରେ
ସଞ୍ଜ ବୁଡୁବୁଡୁ ଆସି
କାଲିଠାରୁ ସିଏ ବେଦମ ହେଲାଣି
ଏଇମିତି କାଶି କାଶି ।
ଦେହରେ ମୁଣ୍ଡରେ ତାତି ଖେଳୁଅଛି
ରାତିରୁ ହୋଇଛି ଜର
ଜଳପଟି ଦେଇ ବୋଉ ଜଗିଅଛି
ଘରକାମ କରି ପର ।
ଦୁଇଦିନ ତଳେ ନାଚୁଥିଲା ନଟ
ସାଙ୍ଗ ମେଳକରି ନିଜେ
ବରଷା ପାଣିକୁ ଖାତିର ନକରି
ଖୁସିରେ ବଜେଇ ଡିଜେ ।
ଆଜି ସେଇଫଳ ବାହାରୁଛି ସବୁ
ଦେଖେଇ କହୁଛି ଅପା
କେତେ ଜର ଅଛି ବୋଉ ତା' ଦେହରେ
ଡାକତର ଡାକି ମପା ।
ଭାଇ ସାଥେ ଆସି ଡାକତର ବାବୁ
ନଟକୁ ଦେଖିଲେ ବସି
ଚିଠା ଲେଖୁ ଲେଖୁ ବୁଝେଇ କହିଲେ
ସମସ୍ତଙ୍କୁ ହସି ହସି ।
ଖରା ଚାଲିଗଲା ବରଷା ଆସିଲା
ବଦଳି ଗଲାଣି ପାଗ
ବରଷା ପାଣିରେ ଭିଜିବାନି କେହି
ଛତାଟେ ଲୋଡ଼ିବା ଆଗ ।

*କୁଆଁସ,ମେରଦାକାଟିଆ,ଯାଜପୁର*
*ଆଳାପ-୮୯୮୧୭୩୭୨୨୮*





# ମେଘ ବରଷିଲା ଟୁପୁରୁ ଟୁପୁରୁ

### *ସୁହଂସ ଭୋଇ*

ମେଘ ବରଷିଲା ଟୁପୁରୁଟୁପୁରୁ
ପବନ ମାଇଲା ସାଇଁ
ଖରା ଦୁଇମାସ ଶୋଇଥିଲା ନଈ
ଉଠି ଚାଲେ ନଇଁନଇଁ ।
ଗଛର ପତର ମୁରୁକି ହସିଲା
ଓଦା ହେଲା ମାଟିବାଲି
ବରଷାର ଧାର ଛୁଇଁଲା ମାତ୍ରକେ
ପୋଖରୀ ଉଠିଲା ଫୁଲି ।
ସଅଳ ସଅଳ ବିହନ ବୁଣିଲା
ବିଲରେ ତାହାର ଚାଷୀ
ସାଧବ ବୋହୂଟି ଅଳପ ଚାଲୁଛି
ଅଟକି ଯାଉଛି ବେଶି ।
ରାତି ସାରା ଗୀତ ଗାଉଛି ବେଙ୍ଗୁଲୀ
ସାରୁବୁଦା ମୂଳେ ବସି
ତାଳବଣେ ଘର ସଜାଡ଼ି ଦେଇଛି
ଆଗରୁ ବଣିଟି ଆସି ।
ଧୀରେ ଧୀରେ ମୋର କାଗଜ ଡଙ୍ଗାଟି
ଗାଆଁ ଦାଣ୍ଡେ ଯାଏ ଭାସି
ଭିଜି ଭିଜି ତାର ପଛେ ପଛେ ଧାଇଁ
ମନଟି ହୋଇଲା ଖୁସି ।

*ପହଣ୍ଡି, ବିଜେପୁର, ବରଗଡ଼*
*ମୋ-୯୪୩୭୫୨୨୪୫୫*

# ଝିପିରି ଝିପିରି ମେଘ ବରଷିଲା

### *ନଳିନୀ ଦାଶ*



ଝିପିରି ଝିପିରି ମେଘ ବରଷିଲା
ଧରାରେ ଝରିଲା ପାଣି
ସବୁରି ମନକୁ ଖୁସି କରିଦେଲା
ଦେଖାଇ ତାହାର ଠାଣି ।
କଳାମେଘ ଦେଖି ମୟୂର ନାଚଇ
ବେଙ୍ଗ କରେ ଗରଜନ
ବରଷା ଦିନରେ ଝିଙ୍କାରି ବୋବାଏ
କରି ଝିନ୍ ଝିନ୍ ତାନ ।
ବରଷା ଝରିଲେ ସାଧବବୋହୂର
ଥିରିଥିରି ଚାଲି ଦିଶେ
ସବୁଜ ସୁନ୍ଦର ଦିଶଇ ଧରଣୀ
ମାଟି ମାଆ ଆମ ହସେ ।
ଚାଷୀଭାଇ କ୍ଷେତେ ଚାଷ କରିଥାଏ
ଜଗତ ହିତରେ ଥାଏ
ପାହାଡ଼ କୋଳରେ କୁଳୁକୁଳୁ ଗୀତ
ଟିକି ଝରଣାଟି ଗାଏ ।
ନଦୀ ନାଳ କୂଅ ପୋଖରୀରେ ପାଣି
ଭରିଲା ବରଷା ଆସି
ପନିପରିବାକୁ ଆନନ୍ଦ ମନରେ
କ୍ଷେତରେ କଲାଣି ଚାଷୀ ।
ଜୁଇ ଜାଇ ହେନା ଟଗର ମନ୍ଦାର
ରଙ୍ଗଣୀ ଗଲାଣି ଫୁଟି
ବରଷା ପରଶେ ଚଉଦିଗ ଧରି
ମହକ ଗଲାଣି ଛୁଟି ।
ଧରଣୀ କୋଳରେ ବରଷା ଝରିଲା
ହୋଇଲାଣି ନଈ ବଢ଼ି
ଜାମୁକୋଳି ପାଚେ ଏଇ ବର୍ଷାଦିନେ
ଫୁଟଇ କଦମ୍ବ କଢ଼ି ।
ସିପୁନ୍ ଲଗାଏ ଫୁଲ ଗଛ ନେଇ
ବଗିଚାରେ ଗାତ ଖୋଳି
ବର୍ଷା ପାଣି ପାଇ ଗଛ ବଢ଼ିଯାଏ
ଫୁଲ ଆଣିଥାଏ ତୋଳି ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ଶିରାବଣ ଅମାବାସ୍ୟା...

### *ରାମଚନ୍ଦ୍ର ବେହେରା*



ବରଷକ ଅନ୍ତେ ଆସିଛି ମରତେ
ଶିରାବଣ ଅମାବାସ୍ୟା
ପୁରୀ ଶ୍ରୀମନ୍ଦିରେ ଦିଅଁଙ୍କର ହେବ
ଚିତାଲାଗି ବେଶଭୂଷା ।

ଉତ୍କଳର ଏହି ମହାନ ପରବ
ଖୁସି ଭରିଦେବ ମନେ
ଚିତଉ ପିଠାର ବାସ ମହକିବ
ଖାଇବେ ହରଷେ ଜନେ ।

ଚାଉଳ ନଡିଆ ଆଣରେ ବନିବ
ସୁସ୍ୱାଦୁ ଚିତଉ ପିଠା
ଛେନା ଗୁଡ ଆଉ ନଡିଆ ପୁରରେ
ପାଟିକୁ ଲାଗିବ ମିଠା ।

ବିଧି ଅନୁଯାୟୀ ପ୍ରଥମ ପିଠାକୁ
ପକାଯିବ ନଦୀ ଜଳେ
କେହି କେହି ତାକୁ ପକାଇବେ ନେଇ
ଗାଆଁ ପୁଷ୍କରିଣୀ କୂଳେ ।

ପିଠାଦାନ କରି ଗେଣ୍ଡାକୁ କହିବେ
ଆମ ବିଲରେ ତୁ ଥିବୁ
ଚାଷକାମ ବେଳେ ବାପା ଭାଇଙ୍କର
ଗୋଡ କେବେ ନକାଟିବୁ ।

ସଭିଏଁ ପାଳିବେ ଏ ମହାନ ପର୍ବ
ହୃଦୟେ ବିଶ୍ୱାସ ଭରି
ଧାନଚାରା ସହ ଗହୀର ହସିବ
ଫେରିବ ସବୁଜ ଶିରୀ ।

***ତେନ୍ତୁଳିପଦା, ଜଗତସିଂହପୁର***
***ମୋ-୭୩୫୫୬୩୪୩୪୬***

# ଥିଲେ ବୁଢ଼ାଟିଏ ବୁଢ଼ୀଟିଏ

### *ସୁରମା ମିଶ୍ର*



ଥିଲେ ବୁଢ଼ାଟିଏ ବୁଢ଼ୀଟିଏ
ବହୁତ ଗରିବ ଦୁଃଖୀ ସିଏ
ଭିକମାଗି ଯାହା ଆଣଇ ବୁଢ଼ାଟି
ଦୁଃଖେ ସୁଖେ ଚଳୁଥିଲେ ଦୁହେଁ ॥

ବୁଢ଼ା କହେ ବୁଢ଼ୀ ଶୁଣଲୋ
ପିଠା ଖାଇବାକୁ ମନଲୋ
ଯାଉଛି ମୁଁ ବିରି ଚାଉଳ ଆଣିବି
ବାଟି ତୁ ରଖିବୁ ଆଣ ଲୋ ॥

ବୁଢ଼ା ଆଣି ଦେଲା ଚାଉଳ ବିରି
ବୁଢ଼ୀ ଧୋଇ ତାକୁ ଦେଲା ବତୁରି
ଧୁଆଧୋଇ ସାରି ବାଟିଲା ସରାଗେ
ରଖିଲା ଯତନ କରି ॥

ସକାଳୁ ଉଠିଣ ବୁଢ଼ା କହେ
ସଅଳ ତୁ ପିଠା କରି ଦିଏ
ଯାଉଛି ମୁଁ ବେଗେ ଗାଧୋଇ ଆସିବି
ଆସିଲେ ଖାଇବା ଦୁହେଁ ॥

ବୁଢ଼ୀ ତରତରେ ପିଠା କଲା
ଆଣରେ ପାଞ୍ଚୋଟି ପିଠା ହେଲା
କିପରି ପିଠାକୁ ଭାଗ କରିବ ସେ
ବୁଦ୍ଧି ବାଟ ନ ଦିଶିଲା ॥

କହିଲା ଚାଲ ପଡ଼ିବା ଶୋଇ
ଆଉ ତୁ ଡେରି କର ଲୋ ନାହିଁ
ଉଠିବ ଯେ ଆଗ ଖାଇବ ଦୁଇଟା
ତିନିଟା ରହିବ ପଛ ପାଇଁ ॥

ପିଠା ପାଇଁ ଲୋଭେ ଶୋଇଗଲେ
କେହି ହେଲେ ଜଣେ ନ ଉଠିଲେ
ଯତନରେ କରିଥିବା ପିଠା ତକ
ଥାଳିରେ ଘୋଡାଇ ରଖିଦେଲେ ॥

ଦିନ ପରେ ଦିନ ଗଡି ଗଲା
ପିଠା ଘୋଡ଼ା ହୋଇ ରହିଗଲା
ନ ଖାଇ ନ ପିଇ ଭୋକ ଉପାସରେ
ଦୁହିଁଙ୍କ ଜୀବନ ଚାଲିଗଲା ॥

ଶୁଣ ପିଲାମାନେ ମୋରରେ
କେବେ ବି ଲୋଭ ନ କରରେ
ଲୋଭରୁ ତ ମୃତ୍ୟୁ ହୁଅଇ ନିଶ୍ଚିତ
ଏ କଥା ବେଦର ଗାରରେ ॥

ଅଳପେ ସନ୍ତୁଷ୍ଟ ହେବରେ
ଲୋଭକୁ ତ୍ୟାଗ କରିବରେ
ତେବେ ଯାଇ ତୁମେ ଜୀବନଟା ସାରା
ଶାନ୍ତିରେ ଦିନ କାଟିବରେ ॥

*ବିଏଲ-୩୯, ଭିଏସ୍‌ଏସ୍ ନଗର,*
*ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



# ବରଷା ଆସିଲା

### *ଜୟନ୍ତ କୁମାର ମଲ୍ଲିକ୍*

ବରଷା ଆସିଲା କଦମ୍ବ ବାସିଲା
ମେଘ ହେଲା ଘଡଘଡ -
ଚଡ଼ଚଡ଼ି ଡର କରିଲା ଘାଇଲା
ଛାତି ହେଲା ଧଡ଼ଧଡ଼ ।
ଝରିପୋକ ଦଳ ଗାତରୁ ବାହାରି
ଉଡ଼ିକି ପଡିଲେ ତଳେ -
ବିନା ନିମନ୍ତ୍ରଣେ ଧରି ସାଙ୍ଗ ସାଥୀ
ବେଙ୍ଗ ପହଞ୍ଚିଲେ ବଳେ ।
ଝରିପୋକ ଭୋଜି ଆନନ୍ଦରେ ଖାଇ
ଚିଲେଇଲେ ରଡ଼ିକରି -
ବେଙ୍ଗମେଳେ ପଶି ସାପମାନେ ଆସି
ଖାଇଲେ ଅନେକ ଧରି ।
ମୂଷଳ ଧାରାରେ ଆକାଶରୁ ପାଣି
ଝରିଲା ତ ଅନର୍ଗଳ -
ସମୁଦ୍ର ମଧ୍ୟରେ ହୋଇ ଲଘୁଚାପ
ଗୋଟାଇଲା ତାର ବଳ ।
ଯାର ପ୍ରଭାବରେ ବରଷା ସହିତ
ସୃଷ୍ଟି ଯେ ହୋଇଲା ଝଡ଼ -
ଝଡ଼ ପ୍ରଭାବରେ ଉପୁଡ଼ି ପଡ଼ିଲା
ଗଛ ଯେତେ ବଡ଼ ବଡ଼ ।
ପରେ ପରେ ବନ୍ୟା ତାଣ୍ଡବ ରଚିଲା
ଜନବସତିରେ ପଶି -
ଅସଂଖ୍ୟ ପୀଡ଼ିତ ବିକଳେ କାନ୍ଦିଲେ
ଆଶ୍ରୟସ୍ଥଳରେ ବସି ।
ମଙ୍ଗଳ କାରିଣୀ ବରଷା ଋତୁଟା
ଲୋକେ ହନ୍ତସନ୍ତ କଲା -
ଯାଲାଗି ଅନେକ ପଶୁ, ପକ୍ଷୀ, ନର
ନାରୀଙ୍କ ଜୀବନ ଗଲା ।

***ଶୂରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର***
***ମୋ-୯୪୩୭୮୬୫୭୨୭***

# କାଗଜ ଡଙ୍ଗା

### *ଧ୍ରୁବ ଚରଣ ବେହେରା*

ଆଷାଢେ ବରଷା ଧାରା
ଗାଆଁ ଦାଣ୍ଡେ ଜଳ ଭରା
କୁନା ଦେଖି ହୁଏ ଖୁସି
ମେଘ ଆସୁଥାଏ ବର୍ଷି ।
ଟିକି କଥା କୁନା ମନେ
କହେ ତା'ର କାନେ କାନେ
କାଗଜ ଡଙ୍ଗାକୁ ନେଇ
ଭସାଏ ସୁଅରେ ଥୋଇ ।
ଭାସି ଯାଆ ବହୁ ଦୂର
କୁନା କଥା ମାନି ଧୀର
ଅନେକ କାହାଣୀ ନେଇ
ଯାଆ ମୋର ଡଙ୍ଗା ବହି ।
କେତେ ସପନକୁ ଧରି
ପାର ହେବୁ କଷ୍ଟ ଭରି
ବରଷେ ବିଜୁଳି ଯେବେ
ଡରିବୁନି ମଧ ଭାଗେ ।
ମନରେ ପ୍ରଭୁଙ୍କୁ ସ୍ମରି
ଭାସି ଯିବୁ ଥିରି ଥିରି
ହରି ତୁମେ ହୁଅ ସାହା
ଏହି ମୋ ଜୀବନ ରାହା ।
କ୍ଷଣିକ ଜୀବନ ନେଇ
ଆସିଛି କୁନା ଠୁ ଧାଇଁ
ଦୂରେ ଝୁରୁ ଥିବ କୁନା
ପିଲା ସାଥି ସିଏ ସୁନା ।
ନିର୍ଜୀବ ଜୀବନ ତରୀ
କାଗଜରେ ପ୍ରାଣ ଭରି
ଭସାଇଲା ପାଣି ଧାରେ
ରହିଲା ମୋ ଠାରୁ ଦୂରେ ।
ଅତୀତ ଆସେନା ଫେରି
ସମୟକୁ କୋଳ କରି
ଫେରଇ ଅନେକ ଦୂରେ
ସ୍ମୃତି ଖାଲି ହାତ ଠାରେ ।

*ଭାରତୀୟ ସାମରିକ ସେବା,*
*ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା*
*ମୋ-୮୩୨୮୯୩୦୫୫୪*



31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୪ ଜୁଲାଇ, ଗୁରୁବାର, ୨୦୨୫



# ସଂସଦରେ ନ୍ୟାସନାଲ ସ୍ପୋର୍ଟସ୍ ଗଭର୍ଣ୍ଣାନ୍ସ ବିଲ୍ ଉପସ୍ଥାପିତ

**ନୂଆଦିଲ୍ଲୀ**

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର ଲୋକସଭାରେ ନ୍ୟାସନାଲ ସ୍ପୋର୍ଟସ ଗଭର୍ଣ୍ଣାନ୍ସ ବିଲ୍-୨୦୨୫ ଉପସ୍ଥାପନ କରିଛନ୍ତି। ଏହି ବିଧେୟକ ଭାରତୀୟ କ୍ରୀଡ଼ାରେ ପାରଦର୍ଶିତା, ଉତ୍ତରଦାୟୀ ଓ ଉନ୍ନତ ପ୍ରଶାସନ ଦିଗରେ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ଏହି ବିଧେୟକ ଅନୁସାରେ ଏକ ଜାତୀୟ ଖେଳ ବୋର୍ଡ (ଏନଏସବି) ଗଠିତ ହେବ, ଯାହା ପାଖରେ ରାଷ୍ଟ୍ରୀୟ ଖେଳ ମହାସଂଘ (ଏନଏସଏଫଏସ) ରହିବ ଯେଉଁଥିରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ରହିଛି,ଯାହା ଲାଗି ନିୟମ କରିବା ଦେଖରେଖ ନିମନ୍ତେ ବ୍ୟାପକ ଶକ୍ତି ମଧ୍ୟ ରହିବ। ଏହି ବିଧେୟକ ରାଷ୍ଟ୍ରୀୟ କ୍ରୀଡ଼ା ମହାସଂଘ ନିମନ୍ତେ କଡ଼ା ଉତ୍ତରଦାୟୀ ପ୍ରଣାଳୀ ସ୍ଥାପନ କରିବା ଲାଗି ପ୍ରସ୍ତାବ କରୁଛି। ଏଣୁ ସବୁ ମାନ୍ୟତା ପ୍ରାପ୍ତ ଖେଳ ମହାସଂଘଙ୍କୁ କେନ୍ଦ୍ର ସରକାରଙ୍କଠାରୁ ପାଣ୍ଠି ପ୍ରାପ୍ତ କରିବା ପାଇଁ ଏଣିକି ଏନଏସବିରୁ ମାନ୍ୟତା ନେବାକୁ ପଡ଼ିବ। ଏନଏସବିରେ ଜଣେ ଅଧ୍ୟକ୍ଷ ଓ ଜଣେ ସଦସ୍ୟ ରହିବେ, ଯେଉଁମାନଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିବେ। ବିଧେୟକରେ ଏକ ଜାତୀୟ କ୍ରିଡା ଟ୍ରିବ୍ୟୁନାଲ ଗଠନର ମଧ୍ୟ ପ୍ରସ୍ତାବ ରହିଛି, ଯାହାକୁ ସିଭିଲ କୋର୍ଟର କ୍ଷମତା ମିଳିବ। ଏହି ଟ୍ରିବ୍ୟୁନାଲ ମନୋନୟନରୁ ଆରମ୍ଭ କରି ନିର୍ବାଚନ ପର୍ଯ୍ୟନ୍ତ ଖେଳ ମହାସଂଘ ଓ ଖେଳାଳିଙ୍କ ବିବାଦର ସମାଧାନ କରିବ। ଏହି ଟ୍ରିବ୍ୟୁନାଲର ରାୟକୁ କେବଳ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ। ତେବେ ସବୁଠୁ ଖାସ୍ କଥା ଯାହା ତାହା ହେଉଛି ଏହି ବିଧେୟକ ବିସିସିଆଇକୁ ମଧ୍ୟ ନିଜ ପରିସରକୁ ଆଣିବ, ଯାହା ଏ ପର୍ଯ୍ୟନ୍ତ ସରକାର ପାଣ୍ଠି ନେଉ ନଥିବାର ବାହାନା କରି ନିଜକୁ ସ୍ୱାୟତ ବୋଲି ଦାବି କରୁଛି। କାରଣ କ୍ରିକେଟକୁ ୨୦୨୮ ଲସଏଞ୍ଜେଲସ୍ ଅଲିମ୍ପିକରେ ସାମିଲ କରାଯାଇଛି। ଏଣୁ ବିସିସିଆଇକୁ ମଧ୍ୟ ଏହି ବିଧେୟକର ନିୟମ ପାଳନ କରିବାକୁ ପଡ଼ିବ। ଏହା ସହିତ ସବୁ ମାନ୍ୟତା ପ୍ରାପ୍ତ କ୍ରିଡା ସଂସ୍ଥା ସୂଚନା ଅଧିକାର ଅଧିନିୟମ ପରିସରକୁ ଆସିବେ, ଯାହାକୁ ବିସିସିଆଇ ପ୍ରଥମରୁ ବିରୋଧ କରି ଆସୁଛି। ଜାତୀୟ ଖେଳ କୋଡରେ ପ୍ରଥମେ ପ୍ରଶାସକଙ୍କ ସର୍ବାଧିକ ବୟସ ସୀମା ୭୦ ବର୍ଷ ଥିଲା। ତେବେ ନୂଆ ବିଧେୟକରେ ୭୦-୭୫ ବର୍ଷ ବୟସ୍କଙ୍କୁ ମଧ୍ୟ ନିର୍ବାଚନ ଲଢିବାକୁ ଅନୁମତି ଦେଉଛି, ତେବେ ଅନ୍ତର୍ଜାତୀୟ ଖେଳ ସଂସ୍ଥାଙ୍କ ଏଥିପାଇଁ ଅନୁମତି ଥିବା ଦରକାର। ଏଥିରେ ବିସିସିଆଇ ଅଧ୍ୟକ୍ଷ ରୋଜର ବିନ୍ନି ଯିଏ ନିକଟରେ ୭୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି ତାଙ୍କୁ ତାଙ୍କ କାର୍ଯ୍ୟକାଳ ଜାରି ରଖିବାକୁ ସୁଯୋଗ ମିଳିବ।



# ଅବସର ଗ୍ରହଣ ପରେ ଆଣ୍ଡ୍ରେ ରସେଲଙ୍କୁ ଦିଆଗଲା ଗାର୍ଡ ଅଫ ଅନର



**ଜାମାଇକା**

୩୭ ବର୍ଷୀୟ ଅଲରାଉଣ୍ଡର ଆଣ୍ଡ୍ରେ ରସେଲଙ୍କୁ ଆଉ କେବେ ୱେଷ୍ଟଇଣ୍ଡିଜ ଜର୍ସିରେ ଦେଖିବାକୁ ମିଳିବ ନାହିଁ। ସେ ୨୨ ଜୁଲାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କର ଶେଷ ମ୍ୟାଚ ଖେଳିଥିଲେ। ଯେଉଁଠାରେ ରସେଲ ଏକ ଝଡ଼ମୟ ଇନିଂସ ଖେଳିଥିଲେ। ଏହା ସତ୍ତ୍ୱେ, ତାଙ୍କ ଦଳ ତାଙ୍କୁ ବିଜୟ ସହିତ ବିଦାୟ ଦେବାରେ ବିଫଳ ହୋଇଥିଲେ।

ଅଷ୍ଟ୍ରେଲିଆ ଦଳ ଏହି ମ୍ୟାଚ୍ ୮ ୱିକେଟରେ ଜିତିଥିଲା। ମ୍ୟାଚ ପୂର୍ବରୁ, ଆଣ୍ଡ୍ରେ ରସେଲଙ୍କୁ ଉଭୟ ଦଳର ଖେଳାଳିମାନେ ଗାର୍ଡ ଅଫ ଅନର ଦେଇଥିଲେ। ଏହା ସହିତ ଏହି କିମ୍ବଦନ୍ତୀ କ୍ରିକେଟରଙ୍କୁ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ପକ୍ଷରୁ ଏକ ବିଶେଷ ଉପହାର ମଧ୍ୟ ମିଳିଥିଲା। ୱେଷ୍ଟଇଣ୍ଡିଜ ପାଇଁ ୧୪୨ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଆଣ୍ଡ୍ରେ ରସେଲ ମଙ୍ଗଳବାର ଶେଷ ଥର ପାଇଁ ଖେଳିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ଟି୨୦ ସିରିଜ ଆରମ୍ଭ ହେବା ପୂର୍ବରୁ ମଧ୍ୟ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଇଣ୍ଡିଜ ବୋର୍ଡ ଏକ୍ସରେ ଏକ ସ୍ୱତନ୍ତ୍ର ପୋଷ୍ଟ ଜାରି କରି ଜଣାଇଥିଲା ଯେ ତାଙ୍କ ଘରୋଇ ଗ୍ରାଉଣ୍ଡ ଜାମାଇକାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଟି୨୦ ତାଙ୍କ ଜୀବନର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ହେବ।

ମ୍ୟାଚ୍ ପୂର୍ବରୁ ଉଭୟ ଦଳର ଖେଳାଳିମାନେ ତାଙ୍କୁ ଗାର୍ଡ ଅଫ ଅନର ଦେଇ ତାଙ୍କର ଅବଦାନକୁ ପ୍ରଶଂସା କରିଥିଲେ। ଏହା ପରେ ରସେଲଙ୍କୁ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ପକ୍ଷରୁ ଏକ ଉପହାର ମଧ୍ୟ ମିଳିଥିଲା। ଏହା ଏକ ସ୍ୱତନ୍ତ୍ର ସ୍ମାରକୀ ଥିଲା। ଯାହା ବ୍ୟାଟ ଆକୃତିର ଗିଟାର ପରି ଦେଖାଯାଉଥିଲା। ଏଥିରେ ଏକ ଲାଲ ବଲ ମଧ୍ୟ ଲାଗିଥିଲା। ଏହା ମାଧ୍ୟମରେ ୱେଷ୍ଟଇଣ୍ଡିଜ ତାଙ୍କୁ ସମ୍ମାନିତ କରିଥିଲା। ଏହାର ଏକ ଭିଡିଓ ମଧ୍ୟ ସେମାନଙ୍କର ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଅପଲୋଡ କରିଥିଲା।

ଆନ୍ଦ୍ରେ ରସେଲ ତାଙ୍କ କ୍ୟାରିଅରର ଶେଷ ମ୍ୟାଚରେ ୧୫ ବଲ ରେ ୩୬ ରନର ଏକ ଝଡ଼ମୟ ଇନିଂସ ଖେଳିଥିଲେ। ଯଦି ଆମେ ତାଙ୍କ କ୍ୟାରିଅରକୁ ଦେଖିବା, ୨୦୧୦ରେ ଡେବ୍ୟୁ କରିବା ପରେ, ସେ ୱେଷ୍ଟଇଣ୍ଡିଜ ପାଇଁ ଗୋଟିଏ ଟେଷ୍ଟ, ୫୬ ଦିନିକିଆ ଏବଂ ୮୫ ଟି ୨୦ ମ୍ୟାଚ ଖେଳିଛନ୍ତି। ତାଙ୍କର ଦିନିକିଆରେ ୧୦୩୪ରନ ଅଛି। ଯେଉଁଥିରେ ୪ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ସେହି ସମୟରେ, ଟି ୨୦ ଆନ୍ତର୍ଜାତୀୟରେ, ସେ ତିନୋଟି ଅର୍ଦ୍ଧଶତକ ସହାୟତାରେ ୧୦୮୬ରନ କରିଥିଲେ। ଏକମାତ୍ର ଟେଷ୍ଟରେ ସେ ୨ ରନ କରିବା ସହିତ ଗୋଟିଏ ୱିକେଟ ନେଇଥିଲେ।

# ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ : ସୁନ୍ଦରଗଡ଼ ଠାରୁ ରାଉରକେଲା ୩-୧ ଟାଇ ବ୍ରେକର ଗୋଲରେ ପରାସ୍ତ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡ଼ିଆ ଠାରେ ବୁଧବାର ୬୪ତମ ସାହାଣୀ କପ୍ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ଜୋନାଲ ଫାଇନାଲ ଖେଳ ବର୍ଷା ସତ୍ତ୍ୱେ ଭରପୁର ଦର୍ଶକ ମଧ୍ୟରେ କେନ୍ଦୁଝର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଭାବେ ଅନୁଷ୍ଠିତ ଏହି ଖେଳ ଆରମ୍ଭ ହେବା ଠାରୁ ଶେଷ ହୁଇସିଲ ବାଜିବା ପର୍ଯ୍ୟନ୍ତ ବେଶ୍ ଉପଭୋଗ୍ୟ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳ ଆରମ୍ଭ ହେବାର ପାଞ୍ଚ ମିନିଟ ପରେ ହଠାତ ବର୍ଷା ହେବାରୁ ଖେଳକୁ ୭ ମିନିଟ ପାଇଁ ବନ୍ଦ ରଖା ଯାଇଥିଲା। ବର୍ଷାର ପ୍ରଭାବରେ ଖେଳର ଗତିରେ ସାମାନ୍ୟ ମନ୍ଥରତା ଆସିଥିଲା। ପ୍ରଥମାର୍ଦ୍ଧର ଖେଳ ଗୋଲଶୂନ୍ୟ ଭାବେ ସମାପ୍ତ ହେବାପରେ ଦ୍ୱିତୀୟାର୍ଦ୍ଧର ଖେଳ ଅଧିକ ଗତିଶୀଳ ହୋଇଥିଲା। ଏଥିରେ ଉଭୟ ଦଳ କେତୋଟି ନିଶ୍ଚିତ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲେ ହେଁ ଶେଷ ସ୍ପର୍ଶ ଦେବାରେ ସଫଳ ହୋଇପାରି ନ ଥିଲେ। ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ଭାବେ ଖେଳ ସମାପ୍ତ ହେବାରୁ ଟାଇ ବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇଥିଲା। ଏଥିରେ ସୁନ୍ଦରଗଡ଼ର ଗୋଲକିପର ଆକାଶ ଓରାମ୍ ଅତି ଚମତ୍କାର ଭାବେ ତିନୋଟି ପେନାଲ୍ଟି କିକକୁ ଗୋଲ୍ ହେବାରୁ ରକ୍ଷା କରି ସୁନ୍ଦରଗଡ଼ ଦଳକୁ ୩-୧ ଟାଇବ୍ରେକର ଗୋଲ୍‌ରେ ଜିତାଇବାରେ ମୁଖ୍ୟ ପୁରୋଧା ସାଜିଥିଲେ। ଏଥିସହ କେନ୍ଦୁଝର ଜୋନରୁ ସୁନ୍ଦରଗଡ଼ ଜିଲ୍ଲା ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।



ବୁଧବାର ଖେଳ ଆରମ୍ଭ ହେବା ପୂର୍ବରୁ ମୁଖ୍ୟ ଅତିଥି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ତଥା କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଉପସଭାପତି ନୀତିନ କୁଶଲକରଙ୍କ ସହ ଖେଳାଳିମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡ଼ା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, ସନାତନ ବେହେରା, ସନ୍ଦୀପ ବେହେରା, ଗିରୀଶ ଚନ୍ଦ୍ର ହୋତା, ବୀରେନ୍ଦ୍ର ମହାନ୍ତ, ଦିଲ୍ଲୀପ କୁମାର ପଣ୍ଡା ଏବଂ ମାର୍କଣ୍ଡ ସାମଲ ପ୍ରମୁଖ ମଞ୍ଚାସୀନ ହୋଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ଖେଳରେ ସୁବ୍ରତ ପୁରୋହିତ ରେଫ୍‌ରୀ ଦାୟିତ୍ୱ ତୁଲାଇ ଥିବାବେଳେ ଲାଇନରେ ଉତ୍କଳମଣି ବେହେରା ଓ ଶୁଭମ ପାତ୍ର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଚକ୍ରଧର ଟାଟାର। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ଓ ସୁରେଶ କୁମାର ଦାଶ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତାର ଭାଷ୍ୟକାର ପ୍ରେମାନନ୍ଦ ମହାନ୍ତ ଓ କ୍ଷୀରୋଦ କୁମାର ଗିରି ଧାରାବିବରଣୀ ପ୍ରଦାନ କରିବା ସହ ଦର୍ଶକମାନଙ୍କୁ ବିମୋହିତ କରିଥିଲେ।

# ନିର୍ଯାତନା ସହି ନପାରି ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ମାନସିକ ଓ ଶାରୀରିକ ନିର୍ଯାତନା ସହି ନପାରି ଛାତ୍ରୀଙ୍କ ବିଷଖାଇ ଆତ୍ମହତ୍ୟା ଉଦ୍ୟମ କରି ଛାତ୍ରୀ ଜଣକ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପରିବାର ଲୋକେ ନିଜ ଝିଅକୁ ବଞ୍ଚାଇବାକୁ ଚେଷ୍ଟା କରି ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସା କରିବାକୁ ନେଇ ନିରାଶ ହୋଇ ଫେରିଥିଲେ। କିନ୍ତୁ ବୁଧବାର ପୁଣି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଅଧିକ ଚିକିତ୍ସା ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ପୀଡ଼ିତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ କଂଗ୍ରେସର ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କୁ ଉଚ୍ଚ ଚିକିତ୍ସା ପାଇଁ ଏମ୍ସକୁ ପଠାଯିବା ଦାବିରେ ଧାରଣାରେ ବସିଥିଲେ।



ଚିକିତ୍ସାଳୟ ପକ୍ଷରୁ ବିଷ ପ୍ରଭାବରେ ପୀଡ଼ିତାଙ୍କ ଦୁଇଟି କିଡ୍‌ନୀ ଖରାପ ହୋଇଯାଇଛି ବୋଲି ସୂଚନା ମିଳିଛି।

ଅଭିଯୁକ୍ତଙ୍କୁ ଧରିବା ପୋଲିସ ପକ୍ଷରୁ ଗୋଟିଏ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିବା ଇଡ଼ଚ ଆଦିତ୍ୟ ସେନ ପ୍ରକାଶ କରିଛନ୍ତି। ସମାଜ ସେବୀ କାଦମ୍ବନୀ ତ୍ରିପାଠୀ ଘଟଣା କୁ ନିନ୍ଦା କରିବା ସହ ଦୋଷୀ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି।ଏହିଠାରେ ସୂଚନା ଯୋଗ୍ୟ ଯେ ଗତ କାଲି ଠାରୁ ଏହି ଘଟଣା ଖବର ଶିରୋନାମା ପାଲଟିଛି। ରାଇଘର ଅଞ୍ଚଳର ଏହି ଝିଅ ଜୟପୁର ଠାରେ ଏକ କଲେଜରେ ବିଏସ୍‌ସି ନର୍ସିଂ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ସେ ହଷ୍ଟେଲ ରହି ପାଠ ପଢୁଥିଲେ। ଝିଅର ପଡ଼ୋଶୀ ଗ୍ରାମର ପୁଅ ଜଣେ ଯୁବକ (କୃଷି ବିଜ୍ଞାନ ଛାତ୍ର) ପୀଡିତା ଛାତ୍ରୀଙ୍କୁ ଏକ ତୋରଫା ପ୍ରେମ କରୁଥିଲେ। ପୀଡିତାଙ୍କୁ ଏଥିପାଇଁ ବାରମ୍ବାର ହଇରାଣ କରୁଥିଲେ। ଗତ ଜୁଲାଇ ୧୩ ତାରିଖ ଦିନ ଜୟପୁର ସହରରେ ଛାତ୍ରୀ ଜଣକ ବଜାରକୁ ସଉଦା କିଣିବାକୁ ଯାଇଥିବା ବେଳେ ଯୁବକ ଜଣକ ବିଚ୍ ବଜାରରେ ଛାତ୍ରୀଙ୍କୁ ମାରପିଟ କରିଥିଲେ। ୧୫ ଜୁଲାଇରେ ଜୟପୁର ଟାଉନ ଥାନାରେ ପୀଡ଼ିତା ନିଜ ତରଫରୁ ଏ ନେଇ ଏଫଆଇଆର ଦେଇଥିଲେ ଓ ନିଜ ଅଭିଭାବକଙ୍କ ସହ ଘରକୁ ଫେରି ଆସିଥିଲେ। ଜୟପୁର ପୋଲିସ କିନ୍ତୁ ଘଟଣାକୁ ଅତି ହାଲ୍‌କାରେ ନେଇ ଥିଲେ। ଯୁବକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ। ଅନ୍ୟ ପଟେ ଯୁବକ ଜଣକ ପୀଡିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ କିଛି ଫୋଟ ଓ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରଲ କରିଥିଲେ। ଏଥିରେ ପୀଡିତା ଲୋକାଲଜ୍ଜା ସହି ନ ପାରି ୧୭ ଜୁଲାଇରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

# ମାଞ୍ଚେଷ୍ଟର ଟେଷ୍ଟରେ ଆହତ ହୋଇ ପଡ଼ିଆରୁ ବାହାରିଲେ ଋଷଭ ପନ୍ତ

**ମାଞ୍ଚେଷ୍ଟର**



ଭାରତ ଓ ଇଂଲଣ୍ଡ ମଧ୍ୟରେ ମାଞ୍ଚେଷ୍ଟରରେ ଖେଳା ଯାଉଥିବା ଚତୁର୍ଥ ଟେଷ୍ଟରେ ଭାରତୀୟ ଦଳର ମୁସ୍କିଲ ଥମିବାର ନାଁ ନେଉନି। ମ୍ୟାଚ୍‌ର ପ୍ରଥମ ଦିନରେ ବୁଧବାର ଭାରତକୁ ବଡ଼ ଝଟକା ଲାଗିଛି। ଭାରତର ତାରକା ୱିକେଟ୍ କିପର ବ୍ୟାଟର ଗୁରୁତର ଆହତ ହୋଇଛନ୍ତି। କ୍ରିସ ୱୋକ୍ସଙ୍କ ବଲରେ ସଟ୍ ଖେଳିବା ସମୟରେ ପନ୍ତଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଛି। ତାଙ୍କ ଗୋଡ଼ରୁ ସାମାନ୍ୟ ରକ୍ତ ବି ବାହାରିଛି। ତାଙ୍କୁ ମିନି ଆମ୍ବୁଲାନ୍ସ ଜରିଆରେ ପଡ଼ିଆରୁ ବାହାରକୁ ନିଆଯାଇଛି। ସେ ୪୮ ବଲ୍‌ରୁ ୨ଟି ଚୌକା ଓ ଗୋଟିଏ ଛକା ଜରିଆରେ ୩୭ ରନ କରି ରିଟାୟର୍ଡ ହଟ୍ ହୋଇଛନ୍ତି।

କ୍ରିସ୍ ୱୋକ୍ସ ୬୮ତମ ଓଭରର ଚତୁର୍ଥ ବଲ୍‌ରେ ପନ୍ତ ରିଭର୍ସ ସୁଇପ୍ ଖେଳିବାକୁ ଉଦ୍ୟମ କରିଥିଲେ। ବଲ୍ ପ୍ୟାଡ୍‌ରେ ବାଜିଥିଲା ଏବଂ ଇଂଲଣ୍ଡ ଖେଳାଳି ଜୋରଦାର ଅପିଲ୍ କରିଥିଲେ। କିନ୍ତୁ ଘରୋଇ ଦଳକୁ କୌଣସି ଫାଇଦା ମିଳି ନ ଥିଲା। ୨୭ ବର୍ଷୀୟ ପନ୍ତ ଆଉଟ୍ ହୋଇ ନ ଥିଲେ ହେଁ ଆଘାତ ଲାଗିବା ପରେ ପଡ଼ିଆରେ ଆଉ ଛିଡ଼ା ହୋଇ ପାରି ନ ଥିଲେ। ଫିଜିଓ ପଡ଼ିଆକୁ ଆସି ଯାଞ୍ଚ କରିଥିଲେ। ଆରମ୍ଭରୁ ଲାଗୁଥିଲା ପନ୍ତଙ୍କୁ ଗୁରୁତର ଆଘାତ ଲାଗିନି। ହେଲେ ୱିକେଟ୍ କିପର ଜୋତା ଖୋଲିବା ପରେ ପାଦ ଫୁଲି ଯାଇଥିବା ଦେଖିବାକୁ ମିଳିଥିଲା। ସେ ପିଚ୍‌ରେ ଅଧିକ ସମୟ ଛିଡ଼ା ହୋଇ ପାରି ନ ଥିଲେ। ଏହା ପରେ ପନ୍ତଙ୍କୁ ମିନି ଆମ୍ବୁଲାନ୍ସ ଜରିଆରେ ପଡ଼ିଆ ବାହାରକୁ ନିଆଯାଇଥିଲା। ଆଙ୍ଗୁଠିରେ ଆଘାତ ଲାଗିବା କାରଣରୁ ପନ୍ତ ଲର୍ଡ୍ସ ଟେଷ୍ଟରେ ୱିକେଟ୍ କିପିଂ କରି ପାରି ନ ଥିଲା। ଏବେ ପନ୍ତଙ୍କ ନୂଆ ଆଘାତ ଭାରତର ଚିନ୍ତାକୁ ବଢାଇ ଦେଇଛି।

# ପାଟଣାଗଡ଼ରେ ୯୩ଟି ଆଭିଯୋଗ ପଞ୍ଜୀକୃତ



**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିବିରରେ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ଓ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି ଯୋଗଦେଇଥିଲେ। ମୋଟ ୯୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୨୨ ଗୋଷ୍ଠୀଗତ ଓ ୭୧ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ଜଣାଯାଇଛି। ଏହି ଅବସରରେ ବେଲପଡ଼ା, ପାଟଣା ଗଡ଼, ମୁରିବାହାଲ ବ୍ଲକ ଅଞ୍ଚଳ ର ବିଭିନ୍ନ ଅଭିଯୋଗ ଆସିଥିବା ଜଣାଯାଇଛି। ଶିବିରରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଏସ୍ ଚୌଧୁରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଠକାମିର ଶିକାର ହେଉଛନ୍ତି ଗ୍ରାହକ : ଓଜନ ଯନ୍ତ୍ର ଓ ବଟକରା ଯାଞ୍ଚ ଦାବି

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଗ୍ରାମାଞ୍ଚଳ କି ସହରାଞ୍ଚଳ ରାତି ପାହିଲେ ପ୍ରତିଦିନ ଗ୍ରାହକମାନେ ତେଜରାତି ସାମଗ୍ରୀ ଠାରୁ ଆରମ୍ଭ କରି ପନିପରିବା, ମାଛମାଂସ, ଫଳମୂଳ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ କରିଥାନ୍ତି। ତେବେ ସୁବର୍ଣ୍ଣପୁର ସହର ତଥା ଏହାର ଆଖପାଖ ଅଞ୍ଚଳର କେତେକ ଅସାଧୁ ବ୍ୟବସାୟୀ ଗ୍ରାହକଙ୍କୁଓଜନରେ ଠକି ସ୍ପଷ୍ଟ ଦିବାଲୋକରେ ଅଭିନବ ଉପାୟରେ ଲୁଟୁଥିବା ଅଭିଯୋଗ ହେଉଛି। ମାପ ଓ ଓଜନ ବିଭାଗର ନିଷ୍କ୍ରିୟତା ଓ ଉଦାସୀନ ମନୋବୃତ୍ତି ଯୋଗୁଁ ସୁବର୍ଣ୍ଣପୁର ଅଞ୍ଚଳରେ ଶହଶହ ଗ୍ରାହକ ଦୈନିକ ଓଜନରେ ଠକେଇର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଗ୍ରୋସୋରୀ ଠାରୁ ଆରମ୍ଭ କରି ଫଳ, ମାଛମାଂସ, ପନିପରିବା ଭଳି ଅନେକ ସାମଗ୍ରୀ ବଟକରା- ଓଜନ ଯନ୍ତ୍ରରେ ଓଜନ କରାଯାଉଛି। ବହୁ ବ୍ୟବସାୟୀ ବଟକରା କିମ୍ବା ଇଲେକ୍ଟ୍ରୋନିକ ଯନ୍ତ୍ର ବହାର କରୁଥିବା ବେଳେ ଅଧିକାଂଶ ବ୍ୟବସାୟ ପ୍ରତିଷ୍ଠାନରେ ଗ୍ରାହକଙ୍କୁ ଠିକ୍ ଓଜନର ସାମଗ୍ରୀ ମିଳୁନଥିବା ଅଭିଯୋଗ ହେଉଛି। ଯାହା ମିଳୁଛି ସେଥିରେ ୫୦ରୁ ୧୫୦ ଗ୍ରାମ ପର୍ଯ୍ୟନ୍ତ ରହୁଥିବା ସଚେତନ ନାଗରିକ ମହଲରେ ଚର୍ଚ୍ଚା ହେଉଛି। ଯେଉଁମାନେ ବ୍ୟବସାୟ ପ୍ରତିଷ୍ଠାନ ଖୋଲିବେ ଓ ମାପ ପାଇଁ ବଟକରା କ୍ରୟ କରିବେ ସେମାନେ ପ୍ରଥମେ ସହକାରୀ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟକୁ ନେଇ ସେଠାରେ ବଟକରା କିମ୍ବା ଓଜନ ଯନ୍ତ୍ରର ନୀତିନିୟମ ଅନୁଯାୟୀ ପରୀକ୍ଷା କରିବେ ଓ ବିଭାଗୀୟ କର୍ତ୍ତୃପକ୍ଷ ସିଲ୍ ମାରି ବ୍ୟବସାୟୀଙ୍କୁ ଦେବା ପରେ ସେମାନେ ଉକ୍ତ ବଟକରା ଓ ଓଜନ ଯନ୍ତ୍ରକୁ ବ୍ୟବହାର କରି ଗ୍ରାହକଙ୍କୁ ସାମଗ୍ରୀ ଯୋଗାଇବେ। ପ୍ରତିବର୍ଷ କ୍ରୟ କରାଯାଇଥିବା ଓଜନ ଯନ୍ତ୍ର ଓ ବଟକରାକୁ ସହକାରୀ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟର ଓଜନ ପରୀକ୍ଷାଗାରକୁ ନିଆଯାଇ ପରୀକ୍ଷା କରାଯିବ। ସେଠାରୁ ଏନଓସି ମିଳିବା ପରେ ପୁଣି ବ୍ୟବସାୟୀ ମାନେ ଉକ୍ତ ବଟକରା କିମ୍ବା ଓଜନ ଯନ୍ତ୍ରକୁ ବ୍ୟବହାର କରିପାରିବେ। ତେବେ ବହୁ ଅସାଧୁ ବ୍ୟବସାୟୀ ମେସିନ୍‌କୁ ଟ୍ୟାମ୍ପରିଂ କରି ଗ୍ରାହକଙ୍କୁ ରୀତିମତ ଠକୁଥିବା ଅଭିଯୋଗ ହେଉଛି। ବଟକରା ବ୍ୟବହାର କରୁଥିବା କେତେକ ବ୍ୟବସାୟୀ ମଧ୍ୟ ଗ୍ରାହକଙ୍କୁ ଓଜନରେ ଲୁଟୁଥିବା ଆଲୋଚିତ ହେଉଛି। ମାପ ଓ ଓଜନ ବିଭାଗ ପକ୍ଷରୁ ନିୟମିତ ଗ୍ରାହକଙ୍କୁ ସଚେତନତା ଦୂରର କଥା ବଟକରା ଓଜନ ଯନ୍ତ୍ରକୁ ଯାଞ୍ଚ କରାଯାଉନଥିବା ଯୋଗୁଁ ସୁବର୍ଣ୍ଣପୁର ଅଞ୍ଚଳରେ ବହୁ ଗ୍ରାହକ ଠକାମୀର ଶିକାର ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେଇ ଗ୍ରାହକଙ୍କ ବୃହତ୍ତର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ବଟକରା ଓ ଓଜନ ଯନ୍ତ୍ର ମେସିନ୍‌ଗୁଡ଼ିକୁ ନିୟମିତ ଯାଞ୍ଚ କରିବା ଆବଶ୍ୟକ। ଏଥିସହିତ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବାକୁ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି।

# ସ୍ନାତକ ପରୀକ୍ଷାଫଳ ପ୍ରକାଶନରେ ବିଳମ୍ବ ନେଇ ବିଦ୍ୟାର୍ଥୀ ଅସନ୍ତୋଷ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ କୋରାପୁଟ ଜିଲ୍ଲା ବିକ୍ରମଦେବ ବିଶ୍ୱବିଦ୍ୟାଳୟର +୩ର ଛାତ୍ରଛାତ୍ରୀମାନଙ୍କୁ ନେଇ ବିଶ୍ୱ-ବିଦ୍ୟାଳୟର କୁଳପତି ଦେବୀ ପ୍ରସାଦ ମିଶ୍ରଙ୍କ ସହିତ ଭେଟି ପରୀକ୍ଷାଫଳ ପ୍ରକାଶ ବିଳମ୍ବ ସମ୍ପର୍କରେ ଅବଗତ କରାଇଛନ୍ତି। ୨୦୨୩-୨୪ ଶିକ୍ଷା ବର୍ଷ ଠାରୁ ସ୍ନାତକ ପରୀକ୍ଷାଫଳ ପ୍ରକାଶ ହୋଇନାହିଁ। ଯାହା ଏକ ଦୁଃଖ ଏବଂ ପରିତାପର ବିଷୟ ଅଟେ। ହଜାର ହଜାର ଶିକ୍ଷାର୍ଥୀ ପରୀକ୍ଷା ପରେ ପରୀକ୍ଷା ଦେଉଛନ୍ତି ସତ କିନ୍ତୁ ପରୀକ୍ଷାଫଳ ପ୍ରକାଶ ପାଇବାକୁ ଏତେ ଦିନ ବିତିଗଲାଣି। ତେଣୁ ଏ ସଂପର୍କରେ କୁଳପତି ଶ୍ରୀ ମିଶ୍ର ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏଥି ସହିତ କୁଳପତି ମିଶ୍ର ଏ ଦାବି ଶୁଣିବା ପରେ ତ୍ୱରିତ ଭାବରେ କହିଛନ୍ତି ଯେ, ୨୦୨୩-୨୪ ଶିକ୍ଷାବର୍ଷର ପ୍ରଥମ ସେମିଷ୍ଟର କଳା ବିଭାଗର ପରୀକ୍ଷାଫଳ ୭ ଦିନ ମଧ୍ୟରେ ପ୍ରକାଶ ପାଇବା ସହିତ ଦ୍ୱିତୀୟ ସେମିଷ୍ଟରର କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ପରୀକ୍ଷାଫଳ ୨୦ ଦିନ ମଧ୍ୟରେ ପ୍ରକାଶ ପାଇବ ବୋଲି କୁଳପତି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଏହି ଦାବି ସମ୍ପୂର୍ଣ୍ଣ ସମାଧାନ ନ ହୁଏ ଏବିଭିପି ଆନ୍ଦୋଳନର ପନ୍ଥାକୁ ଆପଣେଇବ ବୋଲି ସୂଚେଇ ଦେଇଛି। ଛାତ୍ର ନେତା ମନୋଜ ସାହୁ, ଶିବାନନ୍ଦ ପାତ୍ର, ଶ୍ରାବଣୀ ପଟ୍ଟନାୟକ, ଅଜିତ ଦାସ, ଅଙ୍କିତା ମହାପାତ୍ର, ଶୁଭଶ୍ରୀ ମିଶ୍ର, ନିରୁ ମୁଦୁଲି, ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ଘାସିରାମ ହିଆଲ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍-ପିକ୍‌ଅପ୍ ଧକ୍କା : ଜଣେ କାଉଡ଼ିଆ ମୃତ, ଅନେକ ଗୁରୁତର

**କେନ୍ଦୁଝର, ନ୍ୟୁଜ୍**

ଶ୍ରାବଣ ମାସ ଦ୍ୱିତୀୟ ସୋମବାରରେ ସକାଳୁ ଏକ ଦୁର୍ଘଟଣା। ଘଟଣା ଘଟିଛି ବିଲେଇପଦା ଫାଣ୍ଡି ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥରେ। ଗତକାଲି ରାଉରକେଲା ସେକ୍ଟର ୨ରୁ କିଛି ବୋଲ୍‌ବମ୍ ଭକ୍ତ ଜଳାଭିଷେକ ପାଇଁ ମୂର୍ଗା ମହାଦେବଙ୍କ ନିକଟକୁ ଆସି ଆଜି ପାହାନ୍ତା ପ୍ରହରରେ ମନ୍ଦିର ଖୋଲା ହେବା ପରେ ପ୍ରଥମେ ଜଳାଭିଷେକ କରିଥିଲେ। ସେଠାରୁ ଘଟଗାଁ ତାରିଣୀ ଦର୍ଶନ ନିମନ୍ତେ ଗାଡ଼ିରେ ଚଢିଥିଲେ। ହେଲେ ରିମୁଳି-ଯୋଡ଼ା ୫୨୦ ନମ୍ବର ଜାତୀୟ ରାଜପଥର ତଡୁଆବାହାଲ ନିକଟରେ ଏକ ଅଜଣା ଟ୍ରକ୍‌ଗାଡ଼ିକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ଭକ୍ତ ମୃତ୍ୟୁ ବରଣ କରିଥିବା ବେଳେ ଆଉ କିଛି ଗୁରୁତର ହୋଇଥିବା ଜଣାପଡ଼ିଛି।

# ପ୍ରଶାସନିକ ଭବନ ପଡ଼ିଆରେ ପାଳନ ହେବ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଚଳିତ ବର୍ଷ ୭୯ତମ ଯାଜପୁର ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ସ୍ୱାଇଁ ଚଳିତ ବର୍ଷ ସ୍ୱାଧୀନତା ଦିବସକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଯାଜପୁର ଅଶୋକ କୁମାର ବେହୁରିଆ, ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ସଦର ମହକୁମା ସ୍ଥିତ ପ୍ରଶାସନିକ ଭବନ ପଡ଼ିଆରେ ଚଳିତ ବର୍ଷ ସ୍ୱାଧୀନତା ଦିବସ ମହା-ସମାରୋହରେ ପାଳନ କରାଯିବ।



ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୁନ ପରିବେଷଣ କରାଯିବ। ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ, ପ୍ରାଥମିକ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଚିତ୍ରାଙ୍କନ ଓ ମାଧ୍ୟମିକ, ଉଚ୍ଚବିଦ୍ୟାଳୟ ସ୍ତରରେ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ସେହିପରି ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ସ୍ୱାଧୀନତା ଦିବସ ଉପଲକ୍ଷେ ସନ୍ଧ୍ୟାରେ ସହରରେ ଥିବା ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ୍ ଓ ଶିକ୍ଷାନୁଷ୍ଠାନ ନିଜସ୍ୱ ବ୍ୟୟରେ ଆଲୋକମାଳାରେ ସୁସଜ୍ଜିତ କରିବା ନିମନ୍ତେ ଅନୁରୋଧ କରାଯାଇଛି। ସ୍ୱାଧୀନତା ଦିବସ ପାରେଡ଼ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଆସନ୍ତା ତା୧୦.୦୮.୨୦୨୫ ରିଖ ମଧ୍ୟାହ୍ନ ଘ୧୨.୦୦ଟିକା ସମୟରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ସାଂସ୍କୃତିକ ଦଳ ଚୟନ ନିମନ୍ତେ ପ୍ରତିଯୋଗିତା ଏବଂ ଘ.୧୦.୦୦ଟିକା ସମୟରେ ଓପନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍ୱାଧୀନତା ଦିବସ ଉପଲକ୍ଷେ ସମସ୍ତ ଅନୁଷ୍ଠାନ, ପ୍ରତିଷ୍ଠାନ, ବ୍ୟାଙ୍କ କାର୍ଯ୍ୟାଳୟ, ବିଭିନ୍ନ ଉଦ୍ୟୋଗ ଆଦିରେ ସ୍ୱାଧୀନତା ଦିବସ ଧୁମ୍‌ଧାମ୍‌ରେ ପାଳନ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହିତ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ ଏବଂ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ନିରୀକ୍ଷକ, ଟାଉନ ଥାନା ଶରତ ଚନ୍ଦ୍ର ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସମେତ ବୁଦ୍ଧିଜୀବୀ, ଆଇନଜୀବୀ, ଶିକ୍ଷକ, ଶିକ୍ଷୟତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଗଣ ଶିକ୍ଷକ ସଂଘ ତରଫରୁ ୪ଦଫା ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା। ନ୍ୟୁଜ୍‌ବ୍ୟୁରୋ**

ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ବିଭିନ୍ନ ଏନଜିଓ ମାନଙ୍କ ମାଧ୍ୟମରେ ନିଯୁକ୍ତି ପାଇ ଛଟେଇ ହୋଇଥିବା ଶିକ୍ଷା ସ୍ୱେଚ୍ଛାସେବୀ ମାନଙ୍କୁ ଗଣ ଶିକ୍ଷକ ଭାବେ ନିଯୁକ୍ତି ଦେବାପାଇଁ ସଂଘ ପକ୍ଷରୁ ୪ ଦଫା ଦାବି ଉପସ୍ଥାପିତ କରାଯାଇଛି। ଏନେଇ ଗଣ ଶିକ୍ଷକ ସଂଘ ପକ୍ଷରୁ ଏକ ୪ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲପାଳଙ୍କୁ ପ୍ରଦାନ କରାଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଏହି ସ୍ୱେଚ୍ଛାସେବୀମାନେ



୨୦୦୨ ରୁ ୨୦୦୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରି ଛଟେଇ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬୫୨ ଜଣଙ୍କୁ ଗଣ ଶିକ୍ଷକ ଭାବେ ନିଯୁକ୍ତି ଦିଆଯିବା ପରେ ଅବଶିଷ୍ଟ ୭୧ ଜଣ ଏବେ ମଧ୍ୟ କୌଣସି ନିଯୁକ୍ତି ପାଇ ନାହାନ୍ତି। ଏନେଇ ସଂଘ ପକ୍ଷରୁ ଏହି ଜିଲ୍ଲାରେ ୭୧ ଜଣଙ୍କୁ ନିଯୁକ୍ତି ଦେବାପାଇଁ ଦାବି କରାଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସ୍ନେହଲତା ତ୍ରିପାଠୀ, ସ୍ୱର୍ଣ୍ଣମୟୀ ମହାନ୍ତି, ସୁଚିତ୍ରା ନାୟକ, କାଲି ଖାତୁନ, ମମତାରାଣୀ ପରିଡ଼ା, ସୁଶୀଳ କୁମାର ମହାନ୍ତି, ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆଉଟରିଚ ପକ୍ଷରୁ ଜାତୀୟ ପ୍ରସାରଣ ଦିବସ ପାଳିତ

# ଲୋକାର୍ପଣ ହେଲା ରେଡ଼ିଓ ଭୁବନେଶ୍ୱର ୮୯.୨ଏଫଏମ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆଉଟରିଚ ପକ୍ଷରୁ ଜାତୀୟ ପ୍ରସାରଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଲୋକାର୍ପଣ ହୋଇଛି ନୂଆ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଭୁବନେଶ୍ୱର ୮୯.୨ଏଫଏମ । ଆଉଟରିଚ ରେଡିଓ ନେଟୱର୍କର ଅଧ୍ୟକ୍ଷ ସୁବ୍ରତ କୁମାର ପତିଙ୍କ ପୌରହିତ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଏକ ବର୍ଣ୍ଣାଢ୍ୟ ଉତ୍ସବର ଆୟୋଜନ କରାଯାଇଥିଲା । ପ୍ରଖ୍ୟାତ ଲୋକ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ରେଡ଼ିଓ ବ୍ୟକ୍ତିତ୍ୱ ତଥା ବର୍ଷିଆନ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ସୁନାମଧନ୍ୟ ଓଡିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି, ହକି ଇଣ୍ଡିଆର ସଭାପତି ତଥା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଖ୍ୟାତିସମ୍ପନ୍ନ ନ୍ୟୁରୋସର୍ଜନ ପଦ୍ମଶ୍ରୀ ଡା ଅଶୋକ ମହାପାତ୍ର ଅତିଥି ଭାବେ ଯୋଗଦେଇ ରେଡିଓ ଭୁବନେଶ୍ୱରକୁ ଲୋକାର୍ପିତ କରିଥିଲେ । ରେଡିଓ ଭୁବନେଶ୍ୱରର ସିଂଗନେଚର ଟ୍ୟୁନକୁ ଅତିଥିମାନେ ପ୍ରସାରଣ କରିବା ସହ ଔପଚାରିକ ରେଡ଼ିଓ ପ୍ରସାରଣ ଆରମ୍ଭ ହୋଇଥିଲା । ସୂଚନା ଅନୁସାରେ, ଆଜିର ଦିନରେ ୧୯୨୭ମସିହାରେ ବମ୍ବେ ସହରରେ ପ୍ରଥମ ରେଡ଼ିଓ ପ୍ରସାରଣ ଆରମ୍ଭ ହୋଇଥିଲା । ଏହାକୁ ମନେ ରଖିବା ପାଇଁ ପ୍ରତି ବର୍ଷ ୨୩ଜୁଲାଇକୁ ଜାତୀୟ ପ୍ରସାରଣ ଦିବସ ଭାବରେ ପାଳନ କରାଯାଏ। ଆଉଟରିଚ ପକ୍ଷରୁ ପ୍ରତି ବର୍ଷ ଭୁବନେଶ୍ୱରରେ ଜାତୀୟ ପ୍ରସାରଣ ଦିବସ ପାଳନ ହୁଏ । ଚଳିତ ବର୍ଷ ଏହାକୁ ସ୍ୱତନ୍ତ୍ର କରିବା ପାଇଁ ଏହି ଦିନ ରେଡିଓ ଭୁବନେଶ୍ୱରକୁ ଲୋକାର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲେ ଆୟୋଜକ ସଂସ୍ଥା ଆଉଟରିଚ । ଏହି ରେଡ଼ିଓ ଷ୍ଟେସନଟି ଭୁବନେଶ୍ୱରବାସୀଙ୍କ ସ୍ୱର ହେଉ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । କମ୍ୟୁନିଟି ମିଡ଼ିଆ ଏକ୍ସପର୍ଟ ତଥା ଆଉଟରିଚର ପରାମର୍ଶଦାତା ଏନଏଶାହ ଆନସାରୀ ସ୍ୱାଗତ ଭାଷଣ ଦେଇଥିଲେ । ରେଡିଓ ଭୁବନେଶ୍ୱରର ଉପସ୍ଥାପକ ପାର୍ଥସାରଥୀ ମହାନ୍ତି ମଞ୍ଚ ସଂଚାଳନ କରିଥିଲେ । ରେଡିଓ ଜକି ଲିପ୍ସା ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନୃତ୍ୟପ୍ରଭା ଡ୍ୟାନ୍ସ ଏକାଡେମୀର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଏମ୍ସରେ ବିଶ୍ୱର ସବୁଠୁ ଛୋଟ ଜରୁରୀକାଳୀନ ହସ୍ପିଟାଲ 'ଭିଷ୍ମ କ୍ୟୁବ୍'



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରୋଗୀ ଡାକ୍ତରଖାନା ଆସିବନି, ଏଣିକି ଡାକ୍ତରଖାନା ପହଞ୍ଚିବ ରୋଗୀଙ୍କ ପାଖରେ। ଦୁର୍ଘଟଣା ବା ପ୍ରାକୃତିକ ବିପର୍ଯ୍ୟୟ ଯେଉଁଠି ଘଟୁ ନା କାହିଁକି ସେଠି ପହଞ୍ଚିଯିବ ଏହି ଡ଼ାକ୍ତରଖାନା । ମାତ୍ର ୮ରୁ ୧୦ ମିନିଟରେ ଯୋଗାଇଦେବ ଚିକିତ୍ସା ସେବା । ଏଣିକି ଚିକିତ୍ସା ଅଭାବରେ ଆଉ କାହାର ଜୀବନ ଯିବନି । ଏଇ ଛୋଟ କିନ୍ତୁ ଜରୁରୀ ହସ୍ପିଟାଲ ଖୋଲିଛି ଭୁବନେଶ୍ୱର ଏମ୍ସରେ। ବିଶ୍ୱର ସବୁଠାରୁ ଛୋଟ ଜରୁରୀକାଳୀନ ହସ୍ପିଟାଲ ଯାହାର ନାଁ ଭୀଷ୍ମ କ୍ୟୁବ୍ । ରୋଗୀ ନ ଆସି ପାରିଲେ ସେ ପହଂଚିଯିବ। ମାତ୍ର ୮ ରୁ ୧୦ ମିନିଟରେ ବସିଯିବ ଡାକ୍ତରଖାନା । ଯେଉଁଠି ଏମରଜେନ୍ସିଠାରୁ ଆରମ୍ଭ କରି ସର୍ଜରୀ, ରକ୍ତ ପରୀକ୍ଷା, ଇସିଜି ପର୍ଯ୍ୟନ୍ତ ସବୁକିଛି ଚିକିତ୍ସା ଏଇ ଭୀଷ୍ମ ଡାକ୍ତରଖାନାରେ ମିଳିପାରିବ । ଏକକାଳୀନ ୨ ଶହରୁ ଅଧିକ ଲୋକଙ୍କୁ ମିଳିପାରିବ ଚିକିତ୍ସା ସୁବିଧା । ସେତିକି ନୁହେଁ, ଏହି ଡାକ୍ତଖାନାରେ ୨୫ ଜଣଙ୍କୁ ଏକ ସମୟରେ ପରୀକ୍ଷା କରାଯାଇପାରିବ। ଏମରଜେନ୍ସି ଠାରୁ ନେଇ ସର୍ଜରୀ, ନିଆଁ ଲାଗିବା, ଯୁଦ୍ଧ, ବନ୍ୟା, ଭୂକମ୍ପ ପୀଡିତ ଲୋକଙ୍କୁ ତୁରନ୍ତ ଉନ୍ନତ ଚିକିତ୍ସା ଯୋଗାଇ ଦେବା ଏହି ଡାକ୍ତରଖାନାର ଲକ୍ଷ । ଜୀବନ ରକ୍ଷାକାରୀ ଏଇ ଭୀଷ୍ମ ଡାକ୍ତରଖାନା ପାଇଁ ବନ୍ୟା,ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଲୋକଙ୍କ ଅମୂଲ୍ୟ ଜୀବନ ବଞ୍ଚାଇ ପାରିବ । ବିଶ୍ୱର ସବୁଠାରୁ ଛୋଟ ଜରୁରୀକାଳୀନ ଭୀଷ୍ମ କ୍ୟୁବ ହସ୍ପିଟାଲ ନିର୍ମାଣ ପାଇଁ ତିନୋଟି କ୍ୟୁବିକଲ ବ୍ୟବହାର କରାଯାଇଛି । ତିନୋଟି କ୍ୟୁବିକଲରେ ରହିଛି ମୋଟ ୩୬ ବାକ୍ସ। ପ୍ରତ୍ୟେକ ବାକ୍ସରେ କି କି ସାମଗ୍ରୀ ଥାଏ ତାହା ବାକ୍ସ ଉପରେ ଲେଖା ଥାଏ । ଗୋଟିଏ ଗୋଟିଏ ବାକ୍ସର ଓଜନ ୫ରୁ ୨୦ କେଜି ମଧ୍ୟରେ । ପ୍ରଥମ କ୍ୟୁବିକଲରେ ରହିଛି ଚିକିତ୍ସା ସାମଗ୍ରୀ। ଏଥିରେ ଔଷଧ ଏବଂ ପରୀକ୍ଷଣ ଉପକରଣ ଠାରୁ ଆରମ୍ଭ କରି ଅପରେସନ ଥିଏଟର ପାଇଁ ଆବଶ୍ୟକ ଚିକିତ୍ସା ସାମଗ୍ରୀ ପର୍ଯ୍ୟନ୍ତ ସବୁକିଛି ରହିଛି। ଦ୍ୱିତୀୟରେ ରହିଛି ବଞ୍ଚିବା ସାମଗ୍ରୀ । ଯେଉଁଥିରେ ଏହି ଡାକ୍ତରଖାନା ପାଇଁ କାମ କରୁଥିବା ଡାକ୍ତର ଓ କର୍ମଚାରୀଙ୍କ ଲାଗି ରୋଷେଇ ଘର, କମ୍ବଳ ଏବଂ ଖାଦ୍ୟ ସାମଗ୍ରୀ ରହିଥାଏ । ତୃତୀୟ କ୍ୟୁବିକଲ ମଧ୍ୟରେ ରହିଛି ଜେନେରେଟର ଏବଂ ସୌର ପ୍ୟାନେଲ ପରି ଅଣ-ଚିକିତ୍ସା ସାମଗ୍ରୀ । ପ୍ରତ୍ୟେକ ବାକ୍ସରେ ଏକ ଛଜ ଉକ୍ଟୟର ରହିଛି। ଛଜ ଉକ୍ଟୟରରେ ସ୍କାନ୍ କଲେ କେଉଁ ବାକ୍ସରେ ଔଷଧ ରହିଛି ଏବଂ ସେଗୁଡିକର ଏକ୍ସପାୟାରୀ ଡେଟ କେତେ ଜାଣିହେବ । ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ । ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଏଠାରେ ସବୁବେଳେ ଲାଗି ରହିଥାଏ । ଏପରି ସ୍ଥିତିରେ ଲୋକଙ୍କୁ ଡାକ୍ତରଖାନାରେ ପହଂଚାଇବା କଷ୍ଟକର ହୋଇଥାଏ । ଫଳରେ ଚିକିତ୍ସା ନ ପାଇଁ ଅନେକ ଲୋକଙ୍କର ଜୀବନ ଯାଇଥାଏ । ହେଲେ ଏଣିକି ଏହି ଭୀଷ୍ମ କ୍ୟୁବ୍ ହସ୍ପିଟାଲ ବିପର୍ଯ୍ୟୟ ଇଲାକାରେ ପହଂଚି ଲୋକଙ୍କୁ ସେବା ଯୋଗାଇବ । ଏହା ଓଡ଼ିଶା ଲୋକଙ୍କ ପାଇଁ ବେଶ୍ ଲାଭ ଦାୟକ ହେବ ବୋଲି କହିଛନ୍ତି ଭୀଷ୍ମ କ୍ୟୁବ ନୋଡାଲ ଅଫିସର ଉପେନ୍ଦ୍ର କୁମାର ହାଁସଦା । ଏହା ବ୍ୟତୀତ ଯେ କୌଣସି ଦୁର୍ଘଟଣାସ୍ଥଳକୁ ମଧ୍ୟ ଏହି ଛୋଟ ଡାକ୍ତରଖାନା ଯାଇ ପାରିବ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଏଚ୍.ଏଲ୍.ଏଲ୍ ଲାଇଫ୍ କେୟାର ସହଯୋଗରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି କ୍ୟୁବ୍ ହସ୍ପିଟାଲ ପ୍ରସ୍ତୁତ କରିଛି । ପ୍ରଥମ ଥର ପାଇଁ ଓଡ଼ିଶାର ଭୁବନେଶ୍ୱର ଏମ୍ସ ଏଭଳି ସୁବିଧା ଆଣିଛି । ଏମ୍ସରେ ଏହି ଭୀଷ୍ମ କ୍ୟୁବର ମୁଖ୍ୟ ପ୍ରସ୍ତୁତକର୍ତ୍ତା ହେଉଛନ୍ତି ଡ଼ ତନ୍ମୟ ରାୟ । ଡ଼ ତନ୍ମୟ ରାୟ ଏହି ହସ୍ପିଟାଲର ଉଦଘାଟନ କରି ଏହାର ବ୍ୟବହାର କିପରି କରାଯିବ ଏବଂ ଏହା କେତେ ଜରୁରୀ ସେ ସମ୍ପର୍କରେ ଡେମୋ ମାଧ୍ୟମରେ ଏମ୍ସ ଟ୍ରମା କେୟାରର ସମସ୍ତ ଡାକ୍ତରମାନଙ୍କୁ ଅବଗତ କରାଇଥିଲେ । ଏହାକୁ ପ୍ରଶଂସା କରି ବିପର୍ଯ୍ୟୟ ସମୟରେ ଏହି ଭୀଷ୍ମ କ୍ୟୁବ ଲୋକଙ୍କ ଜୀବନ ବଞ୍ଚାଇବ ବୋଲି କହିଛନ୍ତି ଏମ୍ସର ନିର୍ଦ୍ଦେଶକ ଡ ଆଶୁତୋଷ ବିଶ୍ୱାସ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁକ୍ରେନ୍ ସରକାରଙ୍କୁ ଚାରିଟି ଭୀଷ୍ମ କ୍ୟୁବ୍ ପ୍ରଦାନ କରିଥିବାର ନଜର ରହିଛି ।

# ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଭିନ୍ନ କ୍ଷେତ୍ରରେ ଅସାଧାରଣ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ ପାଟି ସମ୍ବର୍ଦ୍ଧିତ କରିଛନ୍ତି । ବୁଧବାର ଦିନ ରାଜଭବନରେ ନ୍ୟୁ ଅଭିଷେକ ହଲ୍ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ବିଜେତା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା, ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ୨୦୨୪ ମସିହା ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ରାଜ୍ୟର କୃତୀ ପ୍ରତିଭା ତଥା ସେମାନଙ୍କ ଗର୍ବିତ ପିତାମାତାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ସମାବେଶକୁ ସମ୍ବୋଧନ କରି ରାଜ୍ୟପାଳ କହିଥିଲେ ଯେ "ଏହା କେବଳ ଏକ ସମ୍ବର୍ଦ୍ଧନା ଉତ୍ସବ ନୁହେଁ, ଏହା କଠିନ ପରିଶ୍ରମ, ଉତ୍କର୍ଷତା, ଶୃଙ୍ଖଳା, ସୃଜନଶୀଳତା ଏବଂ ଜାତୀୟ ଗର୍ବ ଭଳି ମୂଲ୍ୟବୋଧର ଉତ୍ସବ" । ପଦ୍ମଶ୍ରୀ ବିଜେତାମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇ ସେମାନଙ୍କର ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହା ରାଜ୍ୟ ପାଇଁ ଅପାର ଗର୍ବ ଆଣିଛି ବୋଲି କହିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର ସାହିତ୍ୟିକ ପ୍ରତିଭା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ଅବଦାନ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରି ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଉତ୍କର୍ଷତା ହାସଲ କରିଥିବା କ୍ରୀଡ଼ାବିତଙ୍କ ସଫଳତାକୁ ଶୃଙ୍ଖଳା ଏବଂ ଦେଶପ୍ରେମର ପ୍ରତୀକ ଭାବେ ଅଭିହିତ କରି ସେମାନଙ୍କର ସଫଳତା ଓଡିଶାକୁ ବିଶ୍ୱ କ୍ରୀଡା ମାନଚିତ୍ରରେ ସ୍ଥାନିତ କରିଛି ବୋଲି ରାଜ୍ୟପାଳ କହିଥିଲେ। ଓଡିଶାରୁ ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ ପରୀକ୍ଷା- ୨୦୨୪ରେ କୃତିତ୍ୱ ହାସଲ କରିଥିବା ପରୀକ୍ଷାର୍ଥୀଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇ ଭାରତର ସବୁଠାରୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରେ ସେମାନଙ୍କର ଉତ୍ସର୍ଗ ଓ ଦୃଢ଼ତାକୁ ପ୍ରଶଂସା କରିଥିଲେ । ସବୁବେଳେ ସଚ୍ଚୋଟତା ଓ ନମ୍ରତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ ।

# ବଲଙ୍ଗା ନାବାଳିକା ପୀଡିତାଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ସଂଖ୍ୟାଲଘୁ ସେଲର ପ୍ରାର୍ଥନା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ବଲଙ୍ଗା ନାବାଳିକା ପୀଡିତାଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ଶଙ୍ଖ ଭବନଠାରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରାର୍ଥନା ସଭାରେ ବାଲେଶ୍ୱର ଏଫ୍.ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀର ଆତ୍ମାର ସଦଗତି କାମନା କରାଯିବା ସହ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରାଯାଇଥିଲା। ସଂଖ୍ୟାଲଘୁ ସେଲ୍ ସହ ସଂଯୋଜକ ରିଜୁଓ୍ୱାନ ବେଗମଙ୍କ ଆବାହକତ୍ୱରେ ଏହି ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଂଜୟ ଦାସ ବର୍ମା, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଶ୍ରୀମତୀ ସୁଲୋଚନା ଦାସ, ମଂଜୁଲତା କହଁର, ମନ୍ମଥ ରାଉତରାୟ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ବିଜୟ ନାୟକ, ସୁବ୍ରତ ଛାଟୋଇ, କସ୍ତୁରୀ ମହାପାତ୍ର, ମୋନାଲିସା ବେହେରା, ମିହିର କୁମାର ରାଉତ, ପ୍ରସନ୍ନ ସାହୁ, ଚଗଲା ଜେନା, ବାସନ୍ତୀ ସିଂ, ସୁମିତ୍ରା ଜେନା, ସୋଫିଆ ଆଲାମ, ବନଜା ମହାନ୍ତି, ଇଲା ସ୍ୱାଇଁ ପ୍ରମୁଖ ରହିଥିଲେ। ସେହିପରି ସଂଖ୍ୟାଲଘୁ ସଂପ୍ରଦାୟର ଶେଖ ନିଜାମୁଦ୍ଦିନ, ଶକିରୁଲ ରେହମାନ, ମୁଶ୍ରରତ ଖାନ, ମହମ୍ମଦ ମୁବୀନ, ଶେକ୍ ଜଲାଲ, ଶେକ୍ ସବୀର ଅଲ୍ଲୀ, ଜାକିର ଖାନ, ହାଜୀ ସଦୁରୁଲ୍ଲା, ପୀର ମହମ୍ମଦ କଲୀମ, ମେହବୁମ ବେଗ୍ ଓ ଅବୁଲ ଖାୟର ପ୍ରମୁଖ ଯୋଗ ଦେଇ ପୀଡିତାଙ୍କ ଆଶୁ ଆରୋଗ୍ୟ କାମନା ସହ ପରିବାରକୁ ଏହି କଠିନ ସମୟର ସମ୍ମୁଖୀନ ହେବା ପାଇଁ ଶକ୍ତି ଓ ସାହାସ ପ୍ରଦାନ ନିମନ୍ତେ ପ୍ରାର୍ଥନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତାରିଣୀ ପୀଠ, ବିରଜା ମନ୍ଦିର ଓ ଏକାମ୍ର...

ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମହାନଦୀ ଜଳବିବାଦ...

ପାରିବ। ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଫେବୃୟାରୀ ମାସରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କର ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା। ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ଦୁଇ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।

### ସବୁ ସ୍କୁଲରେ ଲାଗିବ...

ଲଗାଇବା ବାଧ୍ୟତାମୂଳକ କରିଛି। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନସିପିସିଆର)ର ମାର୍ଗଦର୍ଶିକା ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି। ସିବିଏସଇ ସଚିବ ହିମାଂଶୁ ଗୁପ୍ତା ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ସ୍କୁଲଗୁଡ଼ିକୁ ସେମାନଙ୍କର ପ୍ରବେଶ ଏବଂ ପ୍ରସ୍ଥାନ ଫାଟକ, ଲବି, କରିଡ଼ର, ସିଡ଼ି, ସମସ୍ତ ଶ୍ରେଣୀ, ପାଠାଗାର, ପ୍ରୟୋଗଶାଳା, କ୍ୟାଣ୍ଟିନ ଅଞ୍ଚଳ, ଷ୍ଟୋର ରୁମ୍, ଖେଳ ପଡ଼ିଆ ଏବଂ ଅନ୍ୟାନ୍ୟ ସାଧାରଣ ଅଞ୍ଚଳରେ ଉଚ୍ଚ ରିଜୋଲ୍ୟୁସନ ଅଡିଓ-ଭିଜୁଆଲ ସିସି ଟିଭି କ୍ୟାମେରା ଲଗାଇବାକୁ ପଡ଼ିବ। କ୍ୟାମେରା କେବଳ ଶୌଚାଳୟରେ ଲଗାଯିବ ନାହିଁ।

### ଲିଙ୍ଗଗତ ଉତ୍ପୀଡ଼ନ ବିରୋଧରେ...

ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ଦୁଇଟି ଅଧିବେଶନରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢୀ ୬୦୦ରୁ ଊର୍ଦ୍ଧ୍ୱ ଲୋକସେବା ଭବନ କର୍ମଚାରୀମାନଙ୍କୁ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ ସମ୍ପର୍କରେ ସଚେତନ କରିବା ସହ ଏହି ଆଇନର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ।

### ଭିଜିଲାନ୍ସ ଜାଲରେ ବିଏମ୍‌ସି...

ଭୁବନେଶ୍ୱର ବଡ଼ଗଡ଼ ବାସଭବନ ସମେତ ୪ଟି ସ୍ଥାନ ଯଥା ବାଲିଅନ୍ତା ତହସିଲ ସ୍ଥିତ ଫାର୍ମ ହାଉସ, ରାୟଗଡ଼ା ଜିଲ୍ଲାର ପୈତୃକ ଘର, ରାୟଗଡ଼ା ଗୁଣୁପୁରର ଅନ୍ୟ ୨ଟି ସ୍ଥାନରେ ଚଢ଼ଉ ହୋଇଛି। ଚଢାଉ ବେଳେ ଏନଜିକ୍ୟୁଟିଭ୍ ଇଞ୍ଜିନିୟରଙ୍କର ଅମାପ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ଭୁବନେଶ୍ୱର ସ୍ଥିତ ବଡ଼ଗଡ଼ ବ୍ରିଟ୍ କଲୋନୀ ଅଞ୍ଚଳରେ ତିନି ମହଲା କୋଠା ରହିଥିବା ବେଳେ ଘରୁ ୨୦୦ ଗ୍ରାମର ସୁନା ଅଳଙ୍କାର ସହ ଅନେକ ମୂଲ୍ୟବାନ ଆସବାବପତ୍ର ସିଜ୍ କରିଛି ଭିଜିଲାନ୍ସ ଟିମ୍। ଘରେ ନଗଦ ଟଙ୍କା କମ୍ ଥିଲେ ମଧ୍ୟ କୁବେର ଇଞ୍ଜିନିୟର ଜଗନ୍ନାଥଙ୍କ ୬ ଟି ସେଭିଂ ବ୍ୟାଙ୍କ ଆକାଉଣ୍ଟ ସହ ୧ ଏଫ୍‌ଡ଼ି , ୨୮ ଲକ୍ଷ ୪୪ ହଜାର ୩ଶହ ଟଙ୍କାର ମିଚ୍ୟୁଆଲ ଫଣ୍ଡରେ ଇନଭେଷ୍ଟ କରିଥିବା ସୂଚନା ମିଳିଛି। ଅନ୍ୟପଟେ ବାଲିଅନ୍ତା ତହସିଲ ସ୍ଥିତ ରଣପୁର ମୌଜା ଅଞ୍ଚଳରେ ୧.୫୭ ଏକରର ଫାର୍ମ ହାଉସରେ ମଧ୍ୟ ଭିଜିଲାନ୍ସ ଟିମ୍ ଛାନ୍‌ଭିନ୍ କରିବା ସହ ବାବୁଙ୍କ ମାଛ ପୋଖରୀ, ନଡ଼ିଆ ଗଛ, ଫଳ ବଗିଚା, କୁକୁଡ଼ା ଫାର୍ମର ମୂଲ୍ୟ ଆକଳନ କରୁଛି। ଖାଲି ସେତିକି ନୁହେଁ ଏହି କୁବେର ଇଞ୍ଜିନିୟରଙ୍କ ଖଣ୍ଡଗିରି ଅଞ୍ଚଳରେ ଏକ ତିନି ମହଲା କୋଠା ଘର ରହିଥିବା ବେଳେ ବଡ଼ଗଡ଼ ବ୍ରିଟ୍ ଅଞ୍ଚଳର ପିଆର ୧୨ ନମ୍ବର ନିଜସ୍ୱ ଘର ସହ ଆଉ ଏକ ଘର ଥିବାର ମଧ୍ୟ ସୂଚନା ଦେଇଛି ଭିଜିଲାନ୍ସ। ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ୱାରେଣ୍ଟ ବଳରେ ଭୁବନେଶ୍ୱର ଓ ଗୁଣୁପୁରର ୪ଟି ସ୍ଥାନରେ ଏକସଙ୍ଗରେ ଚଢ଼ଉ କରାଯାଇଛି। ଏହି ରେଡ୍‌ରେ ୬ଜଣ ଡିଏସପି, ୧୦ ଜଣ ଇନସପେକ୍ଟର ଓ ଅନ୍ୟ ସହଯୋଗୀ ଷ୍ଟାଫ୍‌ମାନେ ସାମିଲ ଅଛନ୍ତି।

### ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ...

ଉଲ୍ଲଂଘନ କରାଯାଇ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ତେବେ ବୁଧବାର ମାମଲାର ଶୁଣାଣି ବେଳେ ଆଡ଼ଭୋକେଟ ଜେନେରାଲ ରାଜ୍ୟପାଳ ନେଇଥିବା ପଦକ୍ଷେପ ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଇଛନ୍ତି ।

### ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ ପାଇଁ ...

ରାଜ୍ୟରେ ଓଆଇଏସଏଫରେ ଗୋଟିଏ ବାଟାଲିୟନ କାର୍ଯ୍ୟରତ ଥିଲା। ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭। ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ଏପ୍ରିଲ ମାସରେ ଗୋଟିଏ ନୂଆ ବାଟାଲିୟନ ସୃଷ୍ଟି କରିଥିଲେ। ଏହାଦ୍ୱାରା ସମୁଦାୟ ୨ଟି ବାଟାଲିୟନ କାର୍ଯ୍ୟ କରୁଥିଲା ଏବଂ ଏହି ୨ଟି ବାଟାଲିୟନର ପଦବୀ ସଂଖ୍ୟା ୨୮୪୭ ଥିଲା। ତୃତୀୟ ଏବଂ ଚତୁର୍ଥ ବାଟାଲିୟନ ସୃଷ୍ଟି ହେବା ପରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ'ରେ ସମୁଦାୟ ପଦବୀ ସଂଖ୍ୟା ୪,୯୨୭ ପଦବୀ ସୃଷ୍ଟି ହେଲା। ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ପଦକ୍ଷେପ ନେଉଛନ୍ତି। ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ହେବା ସହିତ ଆଗାମୀ ଦିନରେ ଏହି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଉତ୍କର୍ଷ ଓଡ଼ିଶା-ମେକ୍ ଇନ ଓଡ଼ିଶା ୨୦୨୫ ପରେ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ତେଣୁ ଶିଳ୍ପ ପ୍ରତିଷ୍ଠାନ ଓ ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକର ସୁରକ୍ଷା ଜରୁରୀ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆହୁରି ୨ଟି ବାଟାଲିୟନ ଗଠନକୁ ମଞ୍ଜୁରୀ ଦେଇଛନ୍ତି।

### ରୂପା ରୋଶନ ସାହୁ ହେଲେ...

ପୂର୍ବରୁ ସେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଭାବେ ଅବସ୍ଥାପିତ ଥିଲେ। ୨୦୦୬ ବ୍ୟାଚ୍ ଆଇ.ଏ.ଏସ୍. ଅଧିକାରୀ ଶ୍ରୀମତୀ ସାହୁ ପ୍ରଶାସନିକ ସେବା ଜୀବନର ଆରମ୍ଭରୁ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି।

### ୫ ବର୍ଷ ପରେ ଚୀନ୍...

ଗଲୱାନ ଉପତ୍ୟକା ଘଟଣା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ୧୯୬୨ ଯୁଦ୍ଧ ପରେ ସବୁଠାରୁ ଖରାପ ସ୍ଥିତିରେ ପହଞ୍ଚିଥିଲା। ତଥାପି ପରେ ଅନେକ ପର୍ଯ୍ୟାୟ କୂଟନୈତିକ ଏବଂ ସାମରିକ ଆଲୋଚନା ମାଧ୍ୟମରେ ପାଙ୍ଗଙ୍ଗ ହ୍ରଦ, ଗଲୱାନ ଏବଂ ହଟ୍ ସ୍ପ୍ରିଙ୍ଗସ୍ ଭଳି ଅନେକ ଉତ୍ତେଜନାପୂର୍ଣ୍ଣ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର କରିଥିଲେ ଉଭୟ ଦେଶ। ଅକ୍ଟୋବର ୨୦୨୪ରେ, ଡେପସାଙ୍ଗ ଏବଂ ଡେମଚୋକ୍ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ପାଇଁ ମଧ୍ୟ ଏକ ଚୁକ୍ତି ହୋଇଥିଲା। ଏହାର କିଛି ଦିନ ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ରୁଷର କାଜାନରେ ସାକ୍ଷାତ କରିଥିଲେ। ଯେଉଁଥିରେ ଦ୍ୱିପାକ୍ଷିକ ସମ୍ପର୍କକୁ ପୁଣିଥରେ ଟ୍ରାକ୍‌କୁ ଆଣିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଏବେ ଭାରତ ଏବଂ ଚୀନ୍ ଉଭୟ ସମ୍ପର୍କ ବୃଦ୍ଧି କରିବାକୁ ଚାହୁଁଛନ୍ତି। ଏଥିପାଇଁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ କରିବା ଏବଂ କୈଳାସ ମାନସରୋବର ଯାତ୍ରାକୁ ପୁନଃ ଆରମ୍ଭ କରିବାର ଯୋଜନା ରହିଛି। କୋଭିଡ୍ ଯୋଗୁଁ ଏହି ଯାତ୍ରା ବନ୍ଦ ହୋଇଯାଇଥିଲା। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଧ୍ୟ କହିଛନ୍ତି ଯେ, ଭାରତ-ଚୀନ୍ ସମ୍ପର୍କ ଧୀରେ ଧୀରେ ସଠିକ୍ ଦିଗରେ ଅଗ୍ରସର ହେଉଛି।

### ୨୮ ଯାଏଁ ପ୍ରବଳ...

ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ୨୬ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡିରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ୨୭ ଓ ୨୮ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଲଘୁଚାପ ପ୍ରଭାବରେ ୨୬ ତାରିଖ ଯାଏ ବିଭିନ୍ନ ସ୍ଥାନରେ ଅଧିକ ବର୍ଷା ହୋଇପାରେ।

# ଓଡ଼ିଶାରେ ଭାରତର ପ୍ରଥମ ରାଜ୍ୟବ୍ୟାପୀ ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ରର ପରିଚାଳନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଦକ୍ଷ ଶକ୍ତି ପ୍ରଫେସନାଲ୍ କ୍ଷେତ୍ର ଭାବେ ଓଡ଼ିଶାର ଅଭ୍ୟୁଦୟର ଏକ ଶକ୍ତିଶାଳୀ ପ୍ରମାଣ ଭାବେ ଅଧିକାଂଶ ମହିଳାଙ୍କ ସମେତ ୫୦ରୁ ଅଧିକ ଇନିୟର ଭାରତର ପ୍ରଥମ ରାଜ୍ୟବ୍ୟାପୀ ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ର (ପିଡିଟିସି)ର ପରିଚାଳନା କରୁଛନ୍ତି। ବାସ୍ତବ ସମୟ ନିରୀକ୍ଷଣ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ସାରା ରାଜ୍ୟରେ ଉନ୍ନତ ମାନର ବିଦ୍ୟୁତ୍ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଏହି କେନ୍ଦ୍ର ତିନିଟି ସିଫ୍ଟରେ ଚବିଶ ଘଣ୍ଟା କାର୍ଯ୍ୟ କରୁଛି। ଭୁବନେଶ୍ୱର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ଏହି ପିଡିଟିସି ହେଉଛି ପ୍ରଥମ ଧରଣର ଡିଜିଟାଲ ନର୍ଭ ସେଣ୍ଟର ଯାହା ସ୍କାଡା, ଜିଆଇଏସ୍, ଏଡିଏମ୍‌ଏସ୍ ଓ ୟୁଟିଲିଟି ଡାଟା ଷ୍ଟ୍ରିମ୍ ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଗ୍ରିଡ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ସମନ୍ୱିତ କରୁଛି। ଏହି କେନ୍ଦ୍ର ସାରା ଓଡ଼ିଶାରେ ଥିବା ୨୫୦ରୁ ଅଧିକ ସ୍କାଡା ସମନ୍ୱିତ ପ୍ରାଥମିକ ସବ୍‌ଷ୍ଟେସନର ସିଧାସଳଖ ନିରୀକ୍ଷଣ କରୁଛି, ଯାହା ଏହାକୁ ଭାରତର ବିଦ୍ୟୁତ୍ ବଂଟନ କ୍ଷେତ୍ରର ଅନ୍ୟତମ ସମୃଦ୍ଧ ନିୟନ୍ତ୍ରଣ କେନ୍ଦ୍ରରେ ପରିଣତ କରିଛି। ଏହା କେବଳ ଟିପିସିଓଡିଏଲ୍ ପାଇଁ ମୁଖ୍ୟ ନିୟନ୍ତ୍ରଣ କେନ୍ଦ୍ର (ଏମ୍‌ସିସି) ଭାବେ କାମ କରୁଥିବା ବେଳେ ସମଗ୍ର ଅଞ୍ଚଳରେ ନିରବଚ୍ଛିନ୍ନ ପରିଚାଳନା ଓ ବ୍ୟବସାୟ ନିରନ୍ତରତାକୁ ସୁନିଶ୍ଚିତ କରିବା ପାଇଁ ରିମୋଟ୍ ଅଟୋମେସନ୍ ପ୍ରଯୁକ୍ତିକୁ ସମନ୍ୱିତ କରି ଏହା ଟାଟା ପାୱାର୍‌ର ନେତୃତ୍ୱାଧୀନ ଓଡ଼ିଶାର ଡିସ୍‌କମ୍ ଯଥା ଟିପିଏସ୍‌ଓଡିଏଲ୍ ରେ ୧୫୧ଟି, ଟିପିଡବ୍ଲ୍ୟୁଓଡିଏଲ୍ ରେ ୨୨୫ଟି ଓ ଟିପିଏନ୍‌ଓଡିଏଲ୍‌ର ୧୫୦ଟି ସ୍ଥାନରେ ବ୍ୟାକ୍‌ଅପ୍ ନିୟନ୍ତ୍ରଣ କେନ୍ଦ୍ର (ବିସିସି) ଭାବେ କାର୍ଯ୍ୟ କରୁଛି। ଭୁବନେଶ୍ୱର, କଟକ, ଢେଙ୍କାନାଳ, ବ୍ରହ୍ମପୁର, ବାଲେଶ୍ୱର ଓ ଅନୁଗୁଳ ସମେତ ସାରା ଓଡ଼ିଶାର ବିଭିନ୍ନ କଲେଜରୁ ସ୍ନାତକ କରିଥିବା ଇନିୟରମାନେ ଏହି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ପରିଚାଳନା କରୁଛନ୍ତି। ତାଙ୍କର ଅବଦାନ 'ସ୍କିଲ୍ସ ଇନ୍ ଓଡ଼ିଶା' ଦୃଷ୍ଟିକୋଣର ଏକ ଜୀବନ୍ତ ଉଦାହରଣ ଭାବେ ଠିଆ ହୋଇଛି। ମହିଳା ପ୍ରଫେସନାଲ୍‌ମାନେ ପ୍ରମୁଖ ପରିଚାଳନା ଭୂମିକା ଗ୍ରହଣ କରିଥିବା ବେଳେ ଏହି ପିଡିଟିସି ଏକ ଅନ୍ତର୍ଭୁକ୍ତୀକରଣ ମଡେଲ୍‌କୁ ପ୍ରତିଫଳିତ କରୁଛି ଏବଂ ସ୍ଥାନୀୟ ପ୍ରତିଭାମାନଙ୍କ ବଳରେ ଭବିଷ୍ୟତ ଲାଗି ପ୍ରସ୍ତୁତ ନେତୃତ୍ୱ ଗଠନ ହୋଇଛି। ମୁଖ୍ୟ ଦଳର ସଦସ୍ୟଙ୍କ ମଧ୍ୟରେ ଅଛନ୍ତି ପିଡିଟିସିର କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ପ୍ରଭାତୀ ମିଶ୍ର। ସେ ହେଉଛନ୍ତି ଭୁବନେଶ୍ୱରର ବାସିନ୍ଦା ଏବଂ ଭୁବନେଶ୍ୱରର ସି.ଭି. ରମଣ ଇଞ୍ଜିନିୟରିଂ କଲେଜରୁ ପାସ୍ କରିଛନ୍ତି। ନିଜ ଯାତ୍ରା ସମ୍ପର୍କରେ ସେ କହିଛନ୍ତି, 'ଗ୍ରାହକ ସେବାରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଭିନ୍ନ ଭୂମିକାରେ ସେବା କରିବା ପରେ ଓଡ଼ିଶାର ପ୍ରଥମ ସଂଯୋଜିତ ନିୟନ୍ତ୍ରଣ କେନ୍ଦ୍ରରେ ଅବଦାନ ଦେବା ଏକ ଗର୍ବ କରିବା ଭଳି ମାଇଲଖୁଣ୍ଟ।



C-730

**OFFICE OF THE MUNICIPAL COUNCIL, TALCHER**
**DIST :- ANGUL**
Phone No.- (06760) 240259 E-Mail ID : e.o.talcher@gmail.com

No. 2612 / Dt. 21/07/25

**BID INVITED**

Bid invited from the Degree (A) Class and Diploma (B) Class, Civil Engineer Contractors according to the Govt. Work Deptt. Letter No.- 12914, dt. 23-08-2018 for the following 4 Nos. of civil works with an estimated cost of below 5 lakh each. The last date of submission of required documents to this office such as Contractor Registration Number, GSTIN, PAN, Engineer Contractor profile report, Aadhard Card & Court Affidavit is 01st August 2025.

This is for your kind information and necessary action.

| Sl. No. | Name of Civil Works | Estimated Cost (Rs.) |
|---|---|---|
| 1 | Repair and renovation of shop room Infront of Municipal Office (East Side) in W.No.-05. | 4,49,000 /- |
| 2 | Repair and renovation of shop room Infront of Municipal Office (West Side) in W.No.-05. | 4,49,000 /- |
| 3 | Repair & Renovation of Shop Room at Badabazar (West Side) in W.No.-05. | 4,49,000 /- |
| 4 | Repair & Renovation of Shop Room at Badabazar (East Side) in W.No.-05. | 4,49,000 /- |

OIPR-13077/11/0051/2526

Executive Officer
Talcher Municipality

E-Mail I.D.-eepwdcuttack@gmail.com
Tel./ Fax No.(0671)-2304128

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I: CUTTACK**

B-335

**GOVERNMENT OF ODISHA**
**('e' PROCUREMENT NOTICE)**
**Bid Identification No. S.E. CTC(R&B)-22 of 2025-26**
**TENDER CALL NOTICE**

1 The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single cover system** in ONLINE MODE from eligible contractor for Road works as mehtioned below.
2. No. of Work :- 15 Nos.
3. Nature of work :- Road works
4. Class of Contractor :- "C" & "B" Class, "D" & "C"
5. Tender Paper Cost :- Rs.6000/- & Rs.4000/- (Online)
6. Available of bid documents in the website :- From 25/07/2025 to 5PM of 08/08/2025
7. Date of Opening of Bid :- 11AM of 11/08/2025
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

OIPR-34091/11/0091/2526

(Er.Md.Shahbaz)
Superintending Engineer,
Cuttack (R&B) Division No.I

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**MAHANADI BARRAGE DIVISION, CUTTACK**
**Phone No. 0671-2440118**
**Email-eembarragedivnctc@gmail.com**
**'e' PROCUREMENT NOTICE NO. -12/ (MBD 53 & 54) /2025-26**

A-429

1. Name of work : **Providing staff for operation** (Gate Operator, Electrician, Generator Operator, Gauge Reader and Gantry Operator) of Mahanadi, Birupa & Naraj Barrage. **Engagement of Man power** through Service Provider under the Office of the Su perintending Engineer, Mahanadi Barrage Division, Cuttack
2. Total No. of works : **02 (Two) No. of work.**
3. Tender Cost : **15.23 to 20.25 lakhs. (Approx.)**
4. Mode of Payment of EMD(Bid Security) & Bid Cost : The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt. of Odisha **WDOM No.17254/W dtd.05.12.2017 as mentioned in DTCN.**
5. Period of completion : **194 to 200 Days**
6. Other details as follows
(i) Procurement Officer : **Superintending Engineer**, Mahanadi Barrage Division, Cuttack.
(ii) Availability of Tender online for Bidding : **24.07.2025 from 10.00 A.M to 02.08.2025 up to 5.00 P.M.**
(iii) Date, Time & Venue of opening of Bid through Online : **Dtd.04.08.2025 - 10.00 A.M.** for Technical Bid, in the Office of the Superintending Engineer, Mahanadi Barrage Division, Cuttack.
(iv) Date of Transparent Lottery to be Conducted (if required) : **On 07.08.2025 at 11.30 A.M in the office Chamber of the Superintending Engineer, Mahanadi Barrage Division, Gandarpur, Cuttack.**

**(Bidders shall furnish their present e-mail id, address and Telephone No. for further correspondence)**

Further details can be seen from the Govt. web site www.tendersodisha.gov.in.

OIPR-32477/11/0018/2526

Superintending Engineer,
Mahanadi Barrage Division,
Cuttack

ଭୁବନେଶ୍ୱର
୨୪ ଜୁଲାଇ,
ଗୁରୁବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଆଜି ଶ୍ରୀବିଗ୍ରହଙ୍କ ଚିତାଲାଗି ନୀତି : ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

**ପୁରୀ,୨୩/୦୭ ନ୍ୟୁଜ ବ୍ୟୁରୋ**

ଶ୍ରାବଣ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେବ। ଏହି ଅବସରରେ ଗୁରୁବାର ପ୍ରଥମ ଭୋଗମଣ୍ଡପ ଶେଷ ହେବାପରେ ଅପରାହ୍ନ ୨ଟା ୩୦ ପରଠୁ ସନ୍ଧ୍ୟା ୬ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଚିତାଲାଗି ଅମାବାସ୍ୟା ବା ଚିତଉ ଉଆଁସ ଓଡ଼ିଶାରେ ପାଳିତ ଏକ ଗଣପର୍ବ। ଏହା ଶ୍ରାବଣ ମାସର ଅମାବାସ୍ୟା ତିଥିରେ ପାଳିତ ହୋଇଥାଏ । ଏହି ଦିନ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଶ୍ରୀସୁଭଦ୍ରାଙ୍କର ଚିତାଲାଗି ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ନିତିଦିନିଆ ପୂଜା ଓ ଧୂପ ଶେଷ ହେବା ପରେ ଦଇତାପତିମାନେ ତିନିଠାକୁରଙ୍କ ଲଲାଟରେ ଚିତାଲାଗି କରନ୍ତି। ଚିତଉ ଅମାବାସ୍ୟା ଦିନ ଗେଣ୍ଡା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଁଠା ଆଦି ପିଠା ଅର୍ପଣ କରାଯାଇଥାଏ। ଏହି ପ୍ରଥା ଶବର ପରମ୍ପରାରୁ ଆନୀତ ବୋଲି ବିଦିତ। ଚିତଉ ପିଠା କରି ଜୀବଜନ୍ତୁମାନଙ୍କୁ ଖୁଆଇ ସନ୍ତୁଷ୍ଟ କରିବାର ପ୍ରଥା ରହିଛି।




ସେଥି ପାଇଁ "ଗେଣ୍ଡେଇକଟା ଓଷା" ନାମରେ ମଧ ଏହା ଜଣା । ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଅଞ୍ଚଳରେ ଏହି ପର୍ବକୁ "ଗେଣ୍ଡାକଟା ଅମାବାସ୍ୟା" କୁହାଯାଏ । ଏହା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଦିବାସୀମାନଙ୍କ ମଧ୍ୟରେ ଜନ୍ତୁଆଦିଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ପାଳିତ ପର୍ବମାନଙ୍କ ମଧ୍ୟରେ ଗୋଟିଏ । ସାଧାରଣତଃ ଚାଷୀମାନେ ବର୍ଷା ଋତୁ ସମୟରେ ଧାନ ଫସଲ କରିବା ସମୟରେ ବିଲରେ ଗେଣ୍ଡା ଯୋଗୁଁ ଗୋଡ଼ କାଟି ହୋଇ କ୍ଷତି ହୋଇଥାଏ । ଏଣୁ ଏହି ସମ୍ଭାବନାକୁ ଏଡ଼େଇବା ନିମନ୍ତେ ଚିତଉ ପିଠାକୁ ସାରୁ ପତ୍ରରେ ରଖି ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଜଳାଶ୍ରୟରେ ଭସା ଯାଏ। ଶ୍ରାବଣ ଅମାବାସ୍ୟା ଦିନ ଶ୍ରୀମନ୍ଦିର ତିନିଠାକୁରଙ୍କ ଲଲାଟରେ ଦଇତାପତିମାନେ ଚିତା ଲାଗି କରୁଥିବାରୁ ଏହାର ନାମ ଚିତାଲାଗି ଅମାବାସ୍ୟା ରଖାଯାଇଛି। ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କ ଲଲାଟରୁ ଯେଉଁ ଚିତା ଉଲାଗି କରାଯାଇଥାଏ ତାହା ପୁଣି ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଲାଗି କରାଯାଏ । ଶ୍ରୀଜଗନ୍ନାଥଙ୍କ ମସ୍ତକରେ ହୀରାଖଚିତ ଧଳା ଚିତା, ଶ୍ରୀବଳଭଦ୍ରଙ୍କ ମସ୍ତକରେ ନୀଳାଖଚିତ ନିଳ ଚିତା ଏବଂ ଦେବୀ ସୁଭଦ୍ରାଙ୍କ ମସ୍ତକରେ ମାଣିକ୍ୟ ଖଚିତ ନାଲି ଚିତା ଲାଗି କରାଯାଏ। ପରମ୍ପରା ଏବଂ ବିଧିମୁତାବକ ପତିମହାପାତ୍ର ସେବାୟତ ଏହି ଚିତାକୁ ସଂସ୍କାର କରିବା ପରେ ଦଇତାପତି ସେବାୟତ ଶ୍ରୀବିଗ୍ରହଙ୍କ ମସ୍ତକରେ ପରିଧାନ କରାଇଥାନ୍ତି। ଏହି ଚିତା ଶ୍ରୀବିଗ୍ରହମାନଙ୍କ ମସ୍ତକରେ ପରବର୍ତ୍ତୀ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ଲାଗି ରହିଥାଏ। ଏହି ନୀତି ସମୟରେ ଠାକୁରଙ୍କ ଦର୍ଶନ କଟକଣା ରହିବ । ଭୋଗମଣ୍ଡପ (ପ୍ରାୟତଃ ଅପରାହ୍ଣ) ଶେଷ ପରେ ଠାକୁରଙ୍କ ଏହି ସ୍ୱତନ୍ତ୍ର ନୀତି ହେବ । ଅପରାହ୍ନ ଅଢ଼େଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସ୍ନାନପୂର୍ଣ୍ଣମୀରେ ଠାକୁରେ ଅଣସରକୁ ବିଜେ ସମୟରେ ଏହି ରତ୍ନଚିତା କଢ଼ାଯାଇଥିଲା । ଚିତାଲାଗିରେ ଅସଲ ରତ୍ନଚିତା ଲାଗି ହେବେ ଠାକୁରେ । ତିନିବାଡ଼ର ବାଡ଼ଗ୍ରାହୀ ଓ ଦଇତାପତି ଏହି ଅଳଙ୍କାର ଶ୍ରୀଅଙ୍ଗରେ ଲାଗି କରିବେ । ଶୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ସ୍ୱର୍ଣ୍ଣ ଓଷ ପ୍ରସ୍ତୁତ କରିବେ । ବାଡ଼ଗ୍ରାହୀମାନେ ଶୁଦ୍ଧସୁଆର ଦେଇଥିବା ଓଷ ଚିତାରେ ଲାଗି କରାଇବେ । ପାଟରା ଦେଇଥିବା ପାଟଡୋର ଫିତାରେ ବାନ୍ଧି ଶ୍ରୀମସ୍ତକରେ ଚିତା ଲାଗି ହେବ ।

# ରାଜ୍ୟରେ ଖୋଲିବ ଆଉ ୫୬ଟି ନୂଆ କୋର୍ଟ

## ମୟୂରଭଞ୍ଜରେ ସର୍ବାଧିକ ୧୩ଟି କୋର୍ଟ ସ୍ଥାପନ ହେବ

**ଭୁବନେଶ୍ୱର, ୨୩/୭ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଖୋଲିବ ଆଉ ୫୬ଟି ସିଭିଲ କୋର୍ଟ । ରାଜ୍ୟ ଆଇନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ପୁରୀ, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ୫୬ଟି ନୂଆ କୋର୍ଟ ଖୋଲିବ । ଏହାସହ ୮୪୦ ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି । ମୟୂରଭଞ୍ଜରେ ସର୍ବାଧିକ ୧୩ଟି କୋର୍ଟ ସ୍ଥାପନ ହେବ । ମୋଟ ୧୩ଟି ଜିଲ୍ଲାରେ ସ୍ଥାପନ ହେବ ନୂଆ ସିଭିଲ କୋର୍ଟ । ୨୦୨୨ରେ କେନ୍ଦ୍ରମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଓଡ଼ିଶାରେ ମୋଟ ୭୦୦ କୋର୍ଟ ରହିଛି। ଏଥିରେ ସିଭିଲ୍ ଓ କ୍ରିମିନାଲ କୋର୍ଟ ମଧ୍ୟ ସାମିଲ ରହିଛି । ଏହାସତ୍ତ୍ୱେ ରାଜ୍ୟରେ ୧୫ ଲକ୍ଷରୁ ଅଧିକ ମାମଲା ବିଚାରଧୀନ ରହିଥିଲା । ଏଥିରେ ୧୨ ଲକ୍ଷରୁ ଅଧିକ କେବଳ ଅପରାଧିକ ମାମଲା ରହିଥିଲା। ଓଡ଼ିଶା ହାଇକୋର୍ଟରେ ୧ ଲକ୍ଷ ୮୯ ହଜାର ମାମଲା ବିଚାରଧୀନ ରହିଛି ବୋଲି ସୂଚନା ମିଳିଛି।

# ଉଚ୍ଚ ଶିକ୍ଷିତା ମହିଳାମାନେ ସ୍ୱାମୀଙ୍କୁ ଭରଣପୋଷଣ ମାଗିବା ଉଚିତ୍ ନୁହେଁ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୩/୦୭**

ଆଧୁନିକ ସମାଜରେ ଟ୍ରେଣ୍ଡ୍ ପାଲଟିଲାଣି ଛାଡ଼ପତ୍ର। ବିବାହର କିଛି ମାସରେ ମନ ମିଶିଲା ତ ଭଲ କଥା, ମନମାଳିନ୍ୟ ହେଲେ ସିଧା ଥାନାରେ ପହଞ୍ଚୁଛି କଥା। କୋର୍ଟରେ ଛିଣ୍ଡି ଯାଉଛି ସାତ ଜନ୍ମର ସମ୍ପର୍କ। ଭରଣପୋଷଣ ନାଁରେ ସ୍ୱାମୀଙ୍କ ଠାରୁ ବେଶ୍ କିଛି ଟଙ୍କା ଅସୁଲ କରୁଛନ୍ତି ସ୍ତ୍ରୀ। ଏଭଳି ଏକ ଛାଡ଼ପତ୍ର ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ଉଚ୍ଚ ଶିକ୍ଷିତା ମହିଳାମାନେ ସ୍ୱାମୀଙ୍କୁ ଭରଣପୋଷଣ ମାଗିବା ବଦଳରେ ନିଜେ ଟଙ୍କା ରୋଜଗାର କରି ଚଳିବା ଉଚିତ୍।

ବିବାହର ମାତ୍ର ୧୮ ମାସ ପରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେଇଥିବାବେଳେ ଭରଣପୋଷଣ ବାବଦରେ



ସ୍ୱାମୀଙ୍କଠାରୁ ମୁମ୍ବାଇରେ ଏକ ଫ୍ଲାଟ୍, ୧୨ କୋଟି ଟଙ୍କା ଓ ଏକ ବିଏମ୍‌ଡବ୍ଲ୍ୟୁ କାର୍ ମାଗିଥିଲେ । ସେହି ମାମଲାରେ ସିଜେଆଇ ବି.ଆର୍ ଗଭଇଙ୍କ ଖଣ୍ଡପୀଠ ଶୁଣାଣି କରି ମହିଳା ଜଣଙ୍କୁ ଏକ ପ୍ରସ୍ତାବ ଦେବା ସହ ମାମଲାକୁ ସଂରକ୍ଷିତ ରଖିଛନ୍ତି। କୋର୍ଟ କହିଛନ୍ତି, ମହିଳା ଜଣଙ୍କ ଗୋଟିଏ ଫ୍ଲାଟରେ ସନ୍ତୁଷ୍ଟ ହୁଅନ୍ତୁ କିମ୍ବା ୪ କୋଟି ନେଇ ଭଲ ଚାକିରି ଖୋଜନ୍ତୁ।

ମହିଳା ନିଜର ଆବେଦନରେ ଦର୍ଶାଇଥିଲେ ଯେ, ତାଙ୍କ ସ୍ୱାମୀ ବହୁତ ଧନୀ । ସେ ସିଟି ବ୍ୟାଙ୍କ୍‌ରେ ମ୍ୟାନେଜର ଭାବେ କାମ କରନ୍ତି। ତାଙ୍କର ଆଉ ଦୁଇଟି ବ୍ୟବସାୟ ମଧ୍ୟ ରହିଛି । ସେ ସିଜୋଫ୍ରେନିୟା (ମାନସିକ ରୋଗରେ) ପୀଡ଼ିତ ଥିବା ଦର୍ଶାଇ ସ୍ୱାମୀ ତାଙ୍କ ନିକଟରୁ ଛାଡ଼ପତ୍ର ପାଇଁ ଦାବି କରିଛନ୍ତି। ପ୍ରକୃତରେ କିନ୍ତୁ ସେ ମାନସିକ ରୋଗୀ ନୁହନ୍ତି। ସେହିପରି ସ୍ୱାମୀ ତାଙ୍କୁ ପୂର୍ବ ଚାକିରି ଛାଡ଼ିବା ଲାଗି ବାଧ କରିଥିଲେ । ସେ ଏକ ସନ୍ତାନ ଚାହୁଁଥିଲେ । କିନ୍ତୁ ସ୍ୱାମୀ ତାଙ୍କୁ ସନ୍ତାନ ଦେଲେ ନାହିଁ ବରଂ ତାଙ୍କ ବିରୋଧରେ ମିଥ୍ୟା ଏତଲା ରୁଜୁ କରାଇଥିଲେ। ସେଥିଯୋଗୁ ତାଙ୍କୁ ଅନ୍ୟତ୍ର ଚାକିରି ମିଳୁନାହିଁ । ଏପରିକି ତାଙ୍କ ଓକିଲଙ୍କୁ ମଧ୍ୟ ସ୍ୱାମୀ ଉସ୍‌କାଇଥିବା ସେ ଦର୍ଶାଇଥିଲେ। ଏପରିସ୍ଥଳେ ଭରଣପୋଷଣ ବାବଦକୁ ମହିଳା ସ୍ୱାମୀଙ୍କଠାରୁ ମୁମ୍ବାଇର କଳ୍ପତରୁ କଂପ୍ଲେକ୍ସରେ ଏକ ଫ୍ଲାଟ୍, ୧୨ କୋଟି ଟଙ୍କା ଓ ଏକ ବିଏମ୍‌ଡବ୍ଲ୍ୟୁ କାର୍ ମାଗିଥିଲେ ।

ଏହି ମାମଲାର ଶୁଣାଣି ସମୟରେ ସିଜେଆଇଙ୍କ ଖଣ୍ଡପୀଠ ମହିଳାଙ୍କ ଉଦ୍ଦେଶ୍ୟରେ କହିଥିଲେ, ଆପଣଙ୍କ ବିବାହ ମାତ୍ର ୧୮ ମାସ ତିଷ୍ଠିଛି । ଆପଣ ୧୨ କୋଟି, ବିଏମ୍‌ଡବ୍ଲ୍ୟୁ ମାଗୁଛନ୍ତି। କିନ୍ତୁ ଆପଣ ଶ୍ୱଶୁରଙ୍କ ସମ୍ପତ୍ତି ଉପରେ ଦାବି କରିପାରିବେନି। ଆପଣ ଉଚ୍ଚ ଶିକ୍ଷିତ। ଆଇଟି ବିଶେଷଜ୍ଞ। ଏମ୍‌ବିଏ କରିଛନ୍ତି । ଏହି ପେସାରେ ଲୋକଙ୍କର ବହୁତ ଡିମାଣ୍ଡ ରହିଛି । ପୁନେ, ହାଇଦ୍ରାବାଦ, ବେଙ୍ଗାଲୁରୁରେ ଏକ ଭଲ ଚାକିରି ଖୋଜି ନିଜେ ରୋଜଗାର କରନ୍ତୁ। ଜଣେ ଶିକ୍ଷିତ ବ୍ୟକ୍ତିଙ୍କୁ ନିଜର ଆର୍ଥିକ ସ୍ୱାଧୀନତା ଲାଗି ନିଜେ ଉଦ୍ୟମ କରିବା ଆବଶ୍ୟକ। ଆପଣ ନିଜ ଲାଗି ଭରଣପୋଷଣ ନ ମାଗି ନିଜେ ରୋଜଗାର କରି ଚଳିବା ଉଚିତ୍। ଆମେ ଏତଲା ରଦ୍ଦ କରିଦେବୁ । ଯାହାଫଳରେ ଆପଣ ଚାକିରି କରିପାରିବେ । ଏହାପରେ ସିଜେଆଇ ମହିଳାଙ୍କୁ ଗୋଟିଏ ଫ୍ଲାଟ୍ ନେଇ ସନ୍ତୁଷ୍ଟ ହେବାକୁ ନଚେତ ୪ କୋଟି ଟଙ୍କା ନେଇ ଏକ ଭଲ ଚାକିରି ଖୋଜିବାକୁ ପ୍ରସ୍ତାବ ରଖିଥିଲେ । ଏଥିସହ ଉଭୟ ପକ୍ଷକୁ ସେମାନଙ୍କର ସଂପୂର୍ଣ୍ଣ ଆର୍ଥିକ ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାକୁ ହାଇକୋର୍ଟଙ୍କ ଝଟ୍‌କା

**କଟକ, ୨୩/୭ ନ୍ୟୁଜ ବ୍ୟୁରୋ**

ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାକୁ ହାଇକୋର୍ଟଙ୍କ ଝଟ୍‌କା ଲାଗିଛି । ଏହି ଯୋଜନାକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିବା ସହିତ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ମାମଲାରେ ଜବାବ ଦାଖଲ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଏହି ଯୋଜନା କାର୍ଯ୍ୟକାରୀ ଉପରେ ମଧ୍ୟ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା କାର୍ଯ୍ୟକାରୀ ପ୍ରସଂଗରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ହାଇକୋର୍ଟ ଅନ୍ତରୀଣ ରୋକ ଲଗାଇଛନ୍ତି। ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ପୁରୀ ଜିଲ୍ଲା କଣାସ ଅଞ୍ଚଳର ପ୍ରତାପ ପରିଡ଼ାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ଜଣା ପଡିଛି ଯେ, 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ରାଜ୍ୟ ସରକାର ଚଳିତ



ବର୍ଷ ପ୍ରାରମ୍ଭରେ ଆରମ୍ଭ କରିଥିଲେ । ଏହି ଯୋଜନାରେ ଗାଁରେ ରାସ୍ତାଘାଟ, ଶିକ୍ଷା ଭିତ୍ତିଭୂମି, ଗୋଷ୍ଠୀ ସଂପତ୍ତି, ପୂଜାପାଠ ସ୍ଥାନର ଉନ୍ନତିକରଣ କରାଯିବ। ଏଥି ସହିତ ଗ୍ରାମାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମି, କ୍ଷୁଦ୍ର ପର୍ଯ୍ୟଟନ ପ୍ରକଳ୍ପର ବିକାଶ ହେବ ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା । କିନ୍ତୁ ଏହି ଯୋଜନା କାର୍ଯ୍ୟକାରୀ ପ୍ରସଂଗରେ ଗ୍ରାମପଞ୍ଚାୟତ ଓ ଗ୍ରାମସଭାର ଭୂମିକାକୁ ହ୍ରାସ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଗ୍ରାମପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତାକୁ ହ୍ରାସ କରାଯାଇଛି। ଏହି ଯୋଜନା ଅନ୍ତର୍ଗତ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ନିଷ୍ପତ୍ତି ଜିଲ୍ଲାପାଳ ନେଉଛନ୍ତି । ଗ୍ରାମ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରି ଏହି ଯୋଜନା ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କାର୍ଯ୍ୟକାରୀ କରାଯାଉଛି । ଏହା ସମ୍ବିଧାନର ଧାରା ୨୪୩ ଓ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନର ଉଲ୍ଲଂଘନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ତେବେ ଅଗଷ୍ଟ ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି ବୋଲି ସୂଚନା ମିଳିଛି।

## କଂଗ୍ରେସ ପକ୍ଷରୁ ଆପ୍ ଉନ୍ମୋଚିତ

# ନାରୀ ନ୍ୟାୟ ପାଇଁ ଲଢ଼ିବ 'ନାରୀ ନ୍ୟାୟ ବାହିନୀ'

**ଭୁବନେଶ୍ୱର, ୨୩/୭ ନ୍ୟୁଜ ବ୍ୟୁରୋ**

ନାରୀ ନ୍ୟାୟ ପାଇଁ ଲଢ଼ିବ 'ନାରୀ ନ୍ୟାୟ ବାହିନୀ' ଆପ୍। ବାରମ୍ବାର ନାରୀ ଅତ୍ୟାଚାର ଉପରେ ଲାଗିବ ରୋକ୍ । ନାରୀଙ୍କୁ ନ୍ୟାୟ ପାଇଁ ଜନ ସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି କରାଯିବ। ନାରୀ ନ୍ୟାୟ ସ୍ୱତଃ ଓଡ଼ିଶାରେ ଜାଗି ଉଠୁ । ସମାଜରେ ମହିଳା ଆଉ ଶୋଷିତ ହେବନି। ଭଗବାନ ରାମଚନ୍ଦ୍ର ମାଆ ସୀତାଙ୍କୁ ନ୍ୟାୟ ଦେବା ଲାଗି ଚଉଦ ବର୍ଷ କଷ୍ଟ କରିବାକୁ ପଡିଥିଲା। ତଥାପି ସେ ନ୍ୟାୟ ଦେଇଥିଲେ। ପଛ ଘୁଞ୍ଚା ଦେବାର ପ୍ରଶ୍ନ ଉଠୁନି । ରାଜ୍ୟ କଂଗ୍ରେସ ସମସ୍ତ ଶକ୍ତି ନାରୀ ନ୍ୟାୟ ପାଇଁ ସମର୍ପିତ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି।

ବୁଧବାର 'ନାରୀ ନ୍ୟାୟ ବାହିନୀ' ଆପ୍ ଉନ୍ମୋଚନ ଅବସରରେ ଭକ୍ତ ଚରଣ ଦାସ କହିଛନ୍ତି, ଯୁଗ ଯୁଗ ଧରି ନାରୀ ପ୍ରତି ଅତ୍ୟାଚାର ହୋଇ ଆସିଛି। ଏହା ପୂର୍ବରୁ ମଧ




ହେଉଥିଲା। ଏବେବି ବିଭିନ୍ନ ସ୍କୁଲ, କଲେଜ, ରାସ୍ତାଘାଟରେ ନାରୀ ପ୍ରତି ଅନ୍ୟାୟ ହେଉଛି । ସୋମବାର ରାତିରେ ପିଏମଜି ଛକରେ ଯେଉଁଠି ମନ୍ତ୍ରୀ ରହୁଛନ୍ତି, ସେଠାରୁ ଜଣେ ମହିଳାଙ୍କୁ ଦୁର୍ବୃତ୍ତ ଟାଣି ନେଲେ। ରାଜ୍ୟରେ ମହିଳା ଏବେ ସୁରକ୍ଷିତ ନୁହନ୍ତି । ଏନେଇ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓଡ଼ିଶା ଆସିଲେ ଏବଂ ନାରୀ ନ୍ୟାୟ ଦେବା ପାଇଁ ଆହ୍ୱାନ ଦେଇଥିଲେ । ଏବେ ନାରୀ ନ୍ୟାୟ ପାଇଁ ଜନ ସାଧାରଣଙ୍କ ଭିତରେ ଆଲୋଡନ ସୃଷ୍ଟି ହୋଇଛି। କଂଗ୍ରେସ ଏଥିରେ ସାମିଲ ହେବ । ନାରୀ ନ୍ୟାୟକୁ ନେଇ କଂଗ୍ରେସ ରାଜନୀତି କରିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ। ସମାଜସେବୀ ରଞ୍ଜୁକ୍ତା କୁମାରୀ ବେହେରା 'ନାରୀ ନ୍ୟାୟ ବାହିନୀ' ଆପ୍‌ର ଉନ୍ମୋଚନ କରିଥିଲେ। ଏବେବି ବହୁ ମହିଳା ନିର୍ଯାତନା ମାମଲା ରହିଛି ଯାହା ଲୋକଲୋଚନକୁ ଆସିପାରୁନାହିଁ । ସେମାନେ ନିର୍ଯାତନା ବିରୋଧର ସ୍ୱର ଉତ୍ତୋଳନ ପାଇଁ ଆମେ ବ୍ଲକ୍ ସ୍ତରରେ ସଚେତନ କାର୍ଯ୍ୟକ୍ରମ କରିବୁ ବୋଲି ସମାଜସେବୀ ଶ୍ରୀମତୀ ବେହେରା କହିଛନ୍ତି। 'ନାରୀ ନ୍ୟାୟ ବାହିନୀ' ସଂଯୋଜିକା ଗାୟତ୍ରୀବାଳା କହିଥିଲେ, ସମାଜରେ ଏବେ ଥିବା ବ୍ୟବସ୍ଥାରେ ବହୁ ନାରୀ ହିଂସାର ଶିକାର ହେଉଛନ୍ତି। ଦୁଷ୍କର୍ମ, ଗଣ ଦୁଷ୍କର୍ମ ବଢ଼ି ଚାଲିଛି। ବହୁ ସମୟରେ ନାରୀଟିଏ ଅତ୍ୟାଚାର ହେବା ପରେ କେଉଁଠି ଅଭିଯୋଗ କରିବେ, ତାହା ଜାଣି ପାରୁନାହାନ୍ତି। ଏବେ ଗାଁକୁ ଯିବ 'ନାରୀ ନ୍ୟାୟ ବାହିନୀ'। ଲୋକଙ୍କୁ ସଚେତନ କରିବ। ଓଡ଼ିଶାର ନାରୀମାନେ କିଭଳି ନ୍ୟାୟ ପାଇବେ, ସେ ନେଇ ଚେଷ୍ଟା ଜାରି ରହିବ ବୋଲି ସେ କହିଛନ୍ତି । ଆଇନଜୀବୀ ସୂର୍ଯ୍ୟସ୍ମିତା ପଣ୍ଡା କହିଥିଲେ, ନାରୀଙ୍କୁ ଶସକ୍ତ କରିବା ପାଇଁ ପୁରୁଷ ମନରେ ଚିନ୍ତାର ପରିବର୍ତ୍ତନ ଆବଶ୍ୟକ। ପୁରୁଷମାନେ ଆଗକୁ ଆଗେଇ ଆସିଲେ ନାରୀଙ୍କୁ ନ୍ୟାୟ ନିଶ୍ଚୟ ମିଳିବ ବୋଲି ସୂର୍ଯ୍ୟସ୍ମିତା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଶେଫାଳି ଶର୍ମା, ସୃଷ୍ଟି ସୌମି, ନିବେଦିତା ପଟ୍ଟନାୟକ ପ୍ରମୁଖ ନାରୀ ନ୍ୟାୟ ପାଇଁ ଆଗେ ଭଲରେ ଚେଷ୍ଟା କରିବୁ, ନ୍ୟାୟ ନ ମିଳିଲେ ଆନ୍ଦୋଳନ କରିବୁ ବୋଲି କହିଛନ୍ତି।

# କାଣୀନଦୀରେ ବନ୍ୟା : ପାଣି ଘେରରେ ୫ହଜାରରୁ ଉର୍ଦ୍ଧ୍ୱ ଲୋକ



**ନମୌଜା,୨୩/୭ ନ୍ୟୁଜ ବ୍ୟୁରୋ**

ଖରସ୍ରୋତା ନଦୀର ଶାଖା ନଦୀ କାଣୀରେ ବନ୍ୟା ଆସି ଭାଙ୍ଗି ଦେଇଛି ଲୋକଙ୍କ ମେରୁଦଣ୍ଡ । ସୂଚନା ଅନୁସାରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ପେଟପଡା ପଞ୍ଚାୟତରେ ୫ ଶହରୁ ଉର୍ଦ୍ଧ୍ୱ ଘର ରହିଛି । ସେଥିରେ ବସବାସ କରୁଥିବା ୫ହଜାରରୁ ଉର୍ଦ୍ଧ୍ୱ ଲୋକ ଦୀର୍ଘ ୧୨ଦିନ ହେବ ପାଣି ଘେରରେ ଫଶି ରହିଛନ୍ତି । ୧୨ଦିନ ଧରି ପାଣି ଘେରରେ ରହିବା ପରେ ଖାଦ୍ୟ ଓ ପାନୀୟ ଜଳର ଅଭାବକୁ ନେଇ ବନ୍ୟା ବିପନ୍ନ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି । ଦୁଇ ଦିନ ହେବ ଯଦିଓ ବନ୍ୟା ଜଳ କମିଛି କିନ୍ତୁ ବୁଧବାର ବି ପେଟପଡା ପଞ୍ଚାୟତର ଲୋକେ ପାଣି ଘେରରେ ରହିଛନ୍ତି। କିଛି କିଛି ସ୍ଥାନରେ ମାଟି ଘର ଭାଙ୍ଗି ଯାଇଥିବା ମଧ୍ୟ ଦେଖିବାକୁ ମିଳିଛି । ଏହି ବନ୍ୟା ସମ୍ପୂର୍ଣ୍ଣ ଭାବେ ଚାଷବାସକୁ ପ୍ରଭାବିତ କରିବା ସହ ବନ୍ୟା ପାଣି ପଶି ସପ୍ତାହେ ହେବ ଚୁଲି ଜଳୁନି। ବନ୍ୟା ଆରମ୍ଭରୁ ବନ୍ୟା ଜଳରେ ନଳକୂପ ଗୁଡ଼ିକ ବୁଡ଼ି ଯାଇଥିବାବେଳେ ପିଇବା ପାଣି ପାଇଁ ତହଳବିକଳ ହେଉଛନ୍ତି ଲୋକେ । ସେହିଭଳି ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ୩ ରୁ ୪ ଫୁଟ ପାଣି ମଧ୍ୟ ଦେଇ ଲୋକେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି । ଏପଟେ କୁମ୍ଭୀରର ଭୟ ଲୋକଙ୍କ ମନରେ ଉଙ୍କି ମାରୁଥିବାବେଳେ ସେପଟେ ବନ୍ୟାର ପ୍ରଖର ସ୍ରୋତରେ ଭାସିଯିବାର ଭୟ ମଧ୍ୟ ଘାରିଛି । ଏପରିକି ରାତିରେ ଗାଁ ଲୋକ ଘରୁ ବାହାରିବା ମୁସ୍କିଲ ହୋଇପଡିଛି । ବନ୍ୟା ଜଳ ସାମାନ୍ୟ ଖସିଥିଲେ ବି ବଢ଼ିବାରେ ଲାଗିଛି ଲୋକଙ୍କ ଦୁର୍ଦ୍ଦଶା । ଗୃହପାଳିତ ପଶୁଙ୍କ ପାଇଁ ବ୍ଲକ ପ୍ରଶାସନ ତରଫରୁ ଗୋଖାଦ୍ୟ ଯୋଗାଇ ଦିଆଯାଇଥିଲେ ମଧ ତାହା ଏ ଯାଏଁ ପେଟପଡାର ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରି ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବନ୍ୟା ଅଞ୍ଚଳରେ ଗୋଖାଦ୍ୟ ସମସ୍ୟା ପରିସ୍ଥିତିକୁ ଆହୁରି ଅଧିକ ଜଟିଳ କରିଛି। ଏହି ବନ୍ୟା ପାଣିରେ ସମ୍ପୂର୍ଣ୍ଣ ଉଜୁଡି ଯାଇଛି ହେକ୍ଟର ହେକ୍ଟର ଚାଷ ଜମି। ବନ୍ୟା ଛାଡ଼ି ଯାଇଛି ସତ ହେଲେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । କେଉଁଠି ତଳି ପଚି ଯାଇଛି ତ କେଉଁଠି ରୁଆ ହୋଇଥିବା ଧାନ ବନ୍ୟା ପାଣିରେ ଭାସି ଯାଇଛି, ଯାହାକୁ ନେଇ ଚିନ୍ତାରେ ଚାଷୀ । ଏ ସମସ୍ୟା ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏ ସମସ୍ତ ସମସ୍ୟା ସମ୍ପର୍କରେ ମୁଁ ଅବଗତ ଅଛି । ବିଶେଷ କରି ପାନୀୟ ଜଳ ସମ୍ପର୍କରେ ଆରଡବ୍ଲୁଏସଏସ ବିଭାଗ ସହ ଆଲୋଚନା ହୋଇଛି । ଯଥାଶୀଘ୍ର ପାନୀୟ ଜଳ ସମସ୍ୟା ସହ ଅନ୍ୟ ସମସ୍ତ ଦିଗରେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇ ଏହାର ସମାଧାନ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ବଳଙ୍ଗା ପୀଡ଼ିତାଙ୍କୁ ଏମ୍ସ ଦିଲ୍ଲୀରେ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଉପମୁଖ୍ୟମନ୍ତ୍ରୀ



**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩।୭: ନ୍ୟୁଜ ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଏମ୍ସ ଦିଲ୍ଲୀରେ ପୁରୀଜିଲ୍ଲା ବଳଙ୍ଗା ପୀଡ଼ିତାଙ୍କୁ ଭେଟିଛନ୍ତି। ଶ୍ରୀମତୀ ପରିଡ଼ା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଏମ୍ସ ଡାକ୍ତରୀ ଟିମ୍ ଓ ପରିବାର ଲୋକଙ୍କ ସହିତ କଥାବାର୍ତ୍ତା ହୋଇଛନ୍ତି। ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ଅବଗତ ଅଛନ୍ତି। ରାଜ୍ୟ ସରକାର ଆବଶ୍ୟକ ସହଯୋଗ ଯୋଗାଇ ଦେବେ ବୋଲି ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବଳଙ୍ଗା ପୀଡ଼ିତାଙ୍କୁ ଭେଟିବା ନେଇ ଶ୍ରୀମତୀ ପରିଡ଼ା ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି। ଏଥିରେ ସେ ଲେଖିଛନ୍ତି ଯେ, ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ମୋ ନିର୍ବାଚନ ମଣ୍ଡଳୀ କ୍ଷେତ୍ର ଅନ୍ତର୍ଗତ ବଳଙ୍ଗାର ପୀଡ଼ିତାଙ୍କୁ ଭେଟିବା ସହ ତାଙ୍କ ପରିବାରବର୍ଗ ଏବଂ ସମ୍ପର୍କୀୟଙ୍କ ସହ ଦେଖା କଲି। ଏହି ଗସ୍ତ ସମୟରେ, ତାଙ୍କୁ ଚିକିତ୍ସା ପ୍ରଦାନ କରୁଥିବା ଡାକ୍ତରୀ ଦଳ ଏବଂ ବିଶେଷଜ୍ଞମାନଙ୍କ ସହ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଏବଂ ଆଗାମୀ ଦିନରେ ହେବାକୁ ଥିବା ଚିକିତ୍ସା ବିଷୟରେ ଆଲୋଚନା କଲି। ସେ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ, ମହାପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛି ବୋଲି ସେ ଲେଖିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ରବିବାର ଦିନ ବଳଙ୍ଗା ଅଞ୍ଚଳର ନାବାଳିକା ପୀଡ଼ିତାଙ୍କୁ ଏମ୍ସ ଦିଲ୍ଲୀରେ ଭେଟିଥିଲେ। ଚିକିତ୍ସାଧୀନ ନାବାଳିକାଙ୍କର ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ପୁରୀ ଜିଲ୍ଲା ବଳଙ୍ଗା ଥାନା ବାଇଆବରର ନାବାଳିକା ଜଣକ ଶନିବାର ପୂର୍ବାହ୍ଣରେ ନିଜ ସାଙ୍ଗ ଘରକୁ କୌଣସି କାମରେ ଯାଉଥିଲା। ଏହି ସମୟରେ ଦୁର୍ବୃତ୍ତମାନେ ନାବାଳିକାକୁ ଅନୁସରଣ କରିଥିଲେ ଏବଂ ଅପହରଣ କରି ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ। ସେଠାରେ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ଦେହରେ ନିଆଁ ଲାଗିବା ପରେ ନାବାଳିକା ଏଣେତେଣେ ଦୌଡ଼ିବାରେ ଲାଗିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରି ପ୍ରଥମେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଏମ୍ସ ଦିଲ୍ଲୀକୁ ସ୍ଥାନାନ୍ତରିତ କରାଯାଇଥିଲା।

## ଚୁଲିକୁ ଗଲାଣି ଆଇନ ଶୃଙ୍ଖଳା

# ଚାଲୁନି ପିଙ୍କ୍ ଅଟୋ, ମହିଳାଙ୍କ ଆତ୍ମରକ୍ଷା ତାଲିମର ନାହିଁ ନାଁ ଗନ୍ଧ

**କଟକ,୨୩/୦୭ ନ୍ୟୁଜ ବ୍ୟୁରୋ**

ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ମହିଳା, ଛାତ୍ରୀମାନେ ଜରୁରିକାଳୀନ ପରିସ୍ଥିତିରେ ପୁଲିସ ଓ ପରିବାରକୁ ସୂଚନା ଦେବା ପାଇଁ ତିଆରି ହୋଇଥିଲା ମୋ' ସାଥୀ ଆପ୍ । ବହୁ ସଂଖ୍ୟାରେ ମହିଳା, ଛାତ୍ରୀମାନେ ମୋବାଇଲ୍‌ରେ ଏହି ଆପ୍ ଇନ୍‌ଷ୍ଟଲ୍ କରିଥିଲେ । ଯିବା ଆସିବା ବେଳେ ନିଜକୁ ଅନେକାଂଶରେ ସୁରକ୍ଷିତ ମଣୁଥିଲେ । କିନ୍ତୁ ଦୀର୍ଘ ଦିନ ହେବ ଏହି ଆପ୍ ଅଚଳ ହୋଇପଡ଼ିଛି । ସେହିପରି ସହରରେ ସୁରକ୍ଷିତ ଯାତାୟାତ ପାଇଁ ଆରମ୍ଭ କରାଯାଇଥିବା ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର 'ପିଙ୍କ୍ ଅଟୋ' ସେବା ବି ଢେର ଦିନ ହେବ ବନ୍ଦ ହୋଇଗଲାଣି । ଆତ୍ମରକ୍ଷା ପାଇଁ କଲେଜରେ ଦିଆଯାଉଥିବା 'ସେଲ୍‌ଫ୍ ଡିଫେନ୍ସ' ବା ଆତ୍ମରକ୍ଷା ତାଲିମ୍‌ର ମଧ୍ୟ ଆଉ ନାଁ ଗନ୍ଧ ନାହିଁ। ସାରା ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ସୁରକ୍ଷା ନେଇ ଏବେ ବିତର୍କର ଝଡ଼ ସୃଷ୍ଟି ହୋଇଥିବା ବେଳେ ମହିଳାଙ୍କ ସୁରକ୍ଷା ନେଇ କଟକ ପୁଲିସ କେତେ ସମ୍ବେଦନଶୀଳ ତାହା ଏସବୁରୁ ଜଳଜଳ ଦିଶୁଛି। କଟକ-ଭୁବନେଶ୍ୱର ଦ୍ୱୈତ ମହାନଗରୀରେ ମହିଳାଙ୍କ ସୁରକ୍ଷା ପାଇଁ ୨୦୧୫ ମସିହାରେ କମିସନରେଟ୍ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ପଦକ୍ଷେପ ଭାବେ 'ମୋ ସାଥୀ' ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଥିଲା । ଜରୁରିକାଳୀନ ସ୍ଥିତିରେ ଏହି ଆପ୍ ଜରିଆରେ ମହିଳାମାନେ ପୁଲିସ ଓ ନିଜ ପରିବାର ଲୋକଙ୍କୁ ସୂଚନା ଦେବାର ବ୍ୟବସ୍ଥା ହୋଇଥିଲା । ପ୍ରାରମ୍ଭିକ ସ୍ଥିତିରେ ଏହାର ସୁଫଳ ମଧ୍ୟ ମିଳିଥିଲା । ସେହିବର୍ଷ ନଭେମ୍ବର ମାସରେ କଟକରେ ମହିଳାମାନଙ୍କ ସୁରକ୍ଷିତ ଯାତାୟାତ ପାଇଁ ସ୍ୱତନ୍ତ୍ର 'ପିଙ୍କ୍ ଅଟୋ' ସେବା ଆରମ୍ଭ ହେଲା । ପ୍ରଥମକରି ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ଏହା କାର୍ଯ୍ୟକ୍ଷମ ହୋଇଥିଲା। କେବଳ ମହିଳା ଯାତ୍ରୀମାନେ ଏହି ଅଟୋରେ ନିର୍ଭୟରେ ଯାତ୍ରା କଲେ। ସେହିପରି



୨୦୧୩ ମସିହାରୁ ବିଭିନ୍ନ କଲେଜରେ ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କମିସନରେଟ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି ଦିଆଯାଇ ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଥିଲା। ବିଶେଷ କରି ଏହି ତାଲିମ କାର୍ଯ୍ୟକ୍ରମ ମହିଳା ମହାବିଦ୍ୟାଳୟରେ ବ୍ୟାପକ ଭାବେ କରାଯାଉଥିଲା। ଭୁବନେଶ୍ୱର ପାଇଁ ଜଣେ ଓ କଟକ ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଏହି ଯୋଜନାର ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା । ହେଲେ ଏହି ତାଲିମ କାର୍ଯ୍ୟକ୍ରମ ଏବେ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି । ଟୁଇନ୍ ସିଟି ପୁଲିସର ମୋବାଇଲ୍ ଆପ୍ ଅନୁସାରେ କୌଣସି ଅଫିସରଙ୍କୁ ମଧ୍ୟ ଏହାର ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇନାହିଁ। ସେହିପରି ପିଙ୍କ୍ ଅଟୋ ସେବା ୩ରୁ ୪ ବର୍ଷ ପରେ ସଂପୂର୍ଣ୍ଣ ବନ୍ଦ କରିଦିଆଗଲା। ପାଞ୍ଚବର୍ଷରୁ ଅଧିକ ଦିନ ହେବ ପିଙ୍କ୍ ଅଟୋ ଆଉ କଟକରେ ଗଡୁନାହିଁ । ପୁନର୍ବାର ଏହି ଅଟୋ ସେବା ଆରମ୍ଭ କରାଯିବ ବୋଲି କୁହାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ପିଙ୍କ୍ ଅଟୋ ସେବା ଆଉ ଆରମ୍ଭ ହୋଇପାରିଲା ନାହିଁ। ମହିଳାଙ୍କ ସୁରକ୍ଷା ପାଇଁ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ମୋ ସାଥୀ' ଆପ୍ ସଂପୂର୍ଣ୍ଣ ବନ୍ଦ କରି ଦିଆଯାଇଛି । ଏହି ଆପ୍ ଏବେ ଗୁଗଲ୍ ପ୍ଲେ'ଷ୍ଟୋରରେ ଆଉ ଉପଲବ୍ଧ ନାହିଁ । ଏପରିକି ଏହି 'ଆପ୍' ଡାଉନ୍‌ଲୋଡ୍ କରିଥିବା ମହିଳାଙ୍କ ଫୋନ୍‌ରେ ବି ଏହା କାମ କରୁନି । ଏଭଳି ସ୍ଥିତିରେ କଟକ ସହରରେ ମହିଳା ଓ ଯାତ୍ରୀମାନେ କିପରି ନିଜକୁ ସୁରକ୍ଷିତ ମଣିବେ ତା'କୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।